RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-142 • TUESDAY • 18 NOVEMBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୪୨ • ମଙ୍ଗଳବାର • ୧୮ ନଭେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




ପରଲୋକରେ ହ୍ୟୁମାନ ସାଗର

▶ପୃଷ୍ଠା ୩ ଦେଖନ୍ତୁ...




# ୨୫ ବର୍ଷରେ ସବୁଠୁ ଥଣ୍ଡା ନଭେମ୍ବର

ଭୁବନେଶ୍ୱର,୧୭।୧୧(ସମିସ): ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଜାରି ରହିଛି। ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ଓ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ତାପମାତ୍ରା ତଳମୁହାଁ ହୋଇଛି। ଏହାଦ୍ୱାରା ସାରା ରାଜ୍ୟରେ ପାରଦ ତଳମୁହାଁ ହୋଇଥିବା ବେଳେ ଗତ ୨୫ ମଧ୍ୟରେ ନଭେମ୍ବର ମାସରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ତାପମାତ୍ରା ସବୁଠୁ ତଳେ ପହଞ୍ଚିଛି। ଗତ ୩ ଦିନ ହେବ ରାଜଧାନୀ ଭୁବନେଶ୍ୱରରେ ପାରଦ ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳେ ରହୁଥିବା ହେତୁ ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଫଳସ୍ୱରୂପ ରାଜଧାନୀର ନଭେମ୍ବର ଥଣ୍ଡା, ୨୫ ବର୍ଷର ରେକର୍ଡ ଭାଙ୍ଗିଛି। ସେହିପରି କଟକରେ ମଧ୍ୟ ତାପମାତ୍ରା ୧୪ ବର୍ଷର ରେକର୍ଡ ଭାଙ୍ଗିଛି। ଏହା ବ୍ୟତୀତ ଝାରସୁଗୁଡ଼ାରେ ରେକର୍ଡ ହୋଇଥିବା ଥଣ୍ଡା ନଭେମ୍ବର ମାସର ଅଷ୍ଟମ ସର୍ବନିମ୍ନ ତାପମାତ୍ରାର ରେକର୍ଡ କହିଛି।

ଗତ୨୪ଘଣ୍ଟାରେଭୁବନେଶ୍ୱରରସର୍ବନିମ୍ନରାତିରତାପମାତ୍ରା ୧୨.୯ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ କଟକରେ ୧୩.୨ ଡିଗ୍ରୀ ତାପମାତ୍ରା ରହିଛି। ୨୦୦୦ ମସିହା ପରେ ନଭେମ୍ବର ମାସରେ ଭୁବନେଶ୍ୱରର ରାତିର ତାପମାତ୍ରା ପ୍ରଥମ ଥର ପାଇଁ ଏତେ ତଳକୁ ଖସିଛି। ଏହା ପୂର୍ବରୁ ୨୦୦୯ ନଭେମ୍ବର ୨୯ରେ ଭୁବନେଶ୍ୱରରେ ୧୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୦୧୮ ନଭେମ୍ବର ୨୫ ୧୩.୬, ୨୦୧୭ ନଭେମ୍ବର ୨୬ରେ ୧୩.୭, ୨୦୨୫ ୧୬ ନଭେମ୍ବରରେ ୧୩.୦ ଓ ଗତ ୨୪ ଘଣ୍ଟାରେ ୧୨.୯ ଡିଗ୍ରୀ ସହ ଏହି



ରେକର୍ଡ ଭଙ୍ଗ ହୋଇଛି। କଟକରେ ୨୦୧୨ ମସିହାରେ ଶେଷ ଥର ପାଇଁ ନଭେମ୍ବରରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଥିଲା।

ଭୁବନେଶ୍ୱର ବ୍ୟତୀତ ଗତ ୨୪ ଘଣ୍ଟାରେ ରାଜ୍ୟର ୬ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ ହୋଇଛି। ଝାରସୁଗୁଡାଠାରେ ଭୀଷଣ ଶୀତ ଲହରୀ ଅନୁଭୂତ ହୋଇଥିବା ବେଳେ କଟକ ଓ ଭୁବେନଶ୍ୱରରେ ଶୀତ ଲହରୀ ଅନିଭୂତ ହୋଇଛି। ଏହା ବ୍ୟତୀତ ୧୪ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରି ୫.୪ ଡିଗ୍ରୀ ପାରଦ ପହଞ୍ଚିଥିବା ବେଳେ ସେମିଳିଗୁଡାରେ ୬.୧, ଦାରିଙ୍ଗବାଡି ୭, ଫୁଲବାଣୀ ୮ ଏବଂ ଝାରସୁଗୁଡାରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ରାଉରକେଲାରେ ୧୦, କେନ୍ଦୁଝରରେ ୧୧ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ ବିଭାଗ କହିବା ଅନୁସାରେ, ପଶ୍ଚିମ ଉତ୍ତର ପବନ ତୀବ୍ର ହେବା, ଆକାଶ ସଫା ରହିବା ଓ ଆର୍ଦ୍ରତା ହ୍ରାସ କାରଣରୁ ରାତିର ତାପମାତ୍ରା ଦ୍ରୁତ ଭାବେ ତଳକୁ ଖସୁଛି। ତେବେ ମଙ୍ଗଳବାର ରାତିଠାରୁ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ। ତାପମାତ୍ରା ବଢ଼ିଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଜାରି ରହିବ।

ଅନ୍ୟପଟେ ଦକ୍ଷିଣ ଭାରତରେ ୨୨ ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ସକାଳ ସାଢ଼େ ୮ ଟା ପର୍ଯ୍ୟନ୍ତ ରାଜ୍ୟର ଖୋର୍ଦ୍ଧା, କନ୍ଧମାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ର କିଛି କିଛି ଅଞ୍ଚଳରେ ଶୀତ ଲହରୀ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି।

---

**ପୁଲିସକୁ ଗାଡ଼ି ଚେକିଂ କ୍ଷମତା**

# ବସ୍‌ମାଲିକ ସଂଘ-ସରକାର ବିବାଦ ତେଜିଲା

ଭୁବନେଶ୍ୱର,୧୭ ।୧୧(ସମିସ): ରାଜ୍ୟରେ ଗାଡ଼ି ଚେକିଂ କ୍ଷମତା ପୁଲିସକୁ ଦେବା ପାଇଁ ସରକାର ଏକ ପ୍ରକାର ସ୍ଥିର କରି ସାରିଛନ୍ତି। ଆସନ୍ତା ଡିସେମ୍ବର ୧ ତାରିଖରୁ ଏହି ନିୟମ ଲାଗୁ ହେବ। ତେବେ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସରକାରଙ୍କୁ ଏହି ନିୟମ ଲାଗୁ ନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ରାଜ୍ୟ ପରିବହନ ବିଭାଗ ନିଜ ଜିଦ୍‌ରେ ଅଟଳ ରହିଛି। ଏଭଳି ସ୍ଥିତିରେ ନିଷ୍ପତ୍ତିକୁ ବିରୋଧ କରି ସୋମବାର ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ

**■ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ନିଷ୍ପତ୍ତିର ପୁନଃର୍ବିଚାର ଦାବି**
**■ ନିୟମ ଲାଗୁ ହେଲେ ସାରା ରାଜ୍ୟରେ ଚକଅଖ ବନ୍ଦ**
**■ ୨୫ରେ ସାଧାରଣ ପରିଷଦ ବୈଠକ ଡାକିଲା ସଂଘ**

ନିବେଦନ କରିଛନ୍ତି। ଏହାସହିତ ସଂଘ ପକ୍ଷରୁ ଆସନ୍ତା ୨୫ ତାରିଖରେ ସାଧାରଣ ପରିଷଦ ବୈଠକ ଡକାଇଯାଇଥିବା ବେଳେ ଯଦି ସରକାର ଏହି ନିୟମ ଲାଗୁ କରନ୍ତି, ତେବେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ସଂଘ ପରୋକ୍ଷରେ ଚେତାବନୀ ଦେଇଛି।

ଗାଡ଼ି ମାଲିକ ସଂଘ ପକ୍ଷରୁ କୁହାଯାଇଛି ଯେ ଏମ୍‌ଭି ଆକ୍ଟ ୧୯୮୮ ଅଧିନିୟମ ଅନୁଯାୟୀ ରାଜ୍ୟରେ ହେଲମେଟ, ସିଟ୍ ବେଲ୍ଟ, ଟ୍ରିପଲ୍ ରାଇଡର୍, ଭୁଲ ପାର୍ଶ୍ୱରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା ଇତ୍ୟାଦି ମୋଟର ଯାନ ଯାଞ୍ଚ ପାଇଁ ପୁଲିସକୁ ପୂର୍ବରୁ କ୍ଷମତା ଦିଆଯାଇଛି। ଦୁର୍ଘଟଣା ଓ ମୃତ୍ୟୁହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ମାତ୍ର ଆଗକୁ ରାଜ୍ୟରେ ମୋଟର ଯାନ ଯାଞ୍ଚ ପାଇଁ ପୁଲିସ ବିଭାଗକୁ ଅଧିକ କ୍ଷମତା ପ୍ରଦାନ କରିବାକୁ ସରକାର ଯୋଜନା କରୁଛନ୍ତି। ସାଧାରଣତଃ, ବିଗତ ଦିନରେ ପୁଲିସ ବିଭାଗକୁ ମଧ୍ୟ ଏହି କ୍ଷମତା ଦିଆଯାଇଥିଲା। କିନ୍ତୁ ଦୁର୍ନୀତି ବୃଦ୍ଧି ଏବଂ କ୍ଷମତାର ଅପବ୍ୟବହାର ହେତୁ ଏହି ଉଦ୍ଦେଶ୍ୟ ବିଫଳ ହୋଇଥିଲା। ଏହାସହିତ ପୁଲିସର ମାନବ ସମ୍ବଳ ଅଭାବ ହେତୁ ଏବେ ସେମାନେ ଅପରାଧ ହ୍ରାସ କରିବାରେ ସକ୍ଷମ ହେଉ ନାହାନ୍ତି। ଫଳସ୍ୱରୂପ ପୂର୍ବ ସରକାର ପୁଲିସ ବିଭାଗକୁ ଦିଆଯାଇଥିବା ଏହି କ୍ଷମତାକୁ ପ୍ରତ୍ୟାହାର କରି ନେଇଥିଲେ। ସେହିପରି ବାରମ୍ବାର ଗାଡି ମାଲିକମାନଙ୍କୁ ଅନାବଶ୍ୟକ ଇ-ଚାଲାଣ କରି ପୁଲିସ ବିଭାଗ ଦ୍ୱାରା ହଇରାଣ ହେବାକୁ ପଡୁଛି।

ନିକଟରେ ଭୁବନେଶ୍ୱରରେ ଘରୋଇ ବସ୍ ମାଲିକଙ୍କ ବସ୍ ବିରୋଧରେ ପୁଲିସ ବିଭାଗ ଦ୍ୱାରା ମନମୁଖୀ ଭାବରେ ୫୦୦ ରୁ ଅଧିକ ଇ-ଚାଲାଣ କରାଯାଇଛି। ଏହାସହ ଗୋଟିଏ ଗାଡ଼ିକୁ ମାର୍ଶାଘାଇ ପୁଲିସ ଦ୍ୱାରା ୩୨୫୦୦ ଟଙ୍କାର ଇ-ଚାଲାଣ କରାଯାଇଛି। ଏହି ଇ-ଚାଲାଣ ବିରୋଧରେ ପୁଲିସ ମହାନିର୍ଦ୍ଦେଶକ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ, ପରିବହନ କମିଶନର, ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟରେ ସଂଘ ଆପତ୍ତି କରିବା ସହ ମାର୍ଶାଘାଇ ଆଇଆଇସିଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଗାଡି ମାଲିକ ଉପରୋକ୍ତ ଜୋରିମାନା ଦେବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ ପୁଲିସ ଷ୍ଟେସନରେ ଏଭଳି ଇ-ଚାଲାଣ କରାଯାଉଥିବାରୁ ଗାଡ଼ି ମାଲିକମାନଙ୍କ ପାଇଁ ବୋଝ ସାଜିଛି। ତେଣୁ ସରକାର ଏହି ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏହି ଘଟଣାକୁ ନେଇ ଆଜି ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ପରିବହନ ଆୟୁକ୍ତଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି। ଯଦି ସରକାର ଏହି ନିଷ୍ପତ୍ତିରୁ ନ ଓହରନ୍ତି ତେବେ ରାଜ୍ୟରେ ବସ୍ ମାଲିକ ସଂଘ କଠୋର ନିଷ୍ପତ୍ତି ନେବ ବୋଲି ମଧ୍ୟ ସଂଘ ଚେତାବନୀ ଦେଇଛି।

---

**ପୁଣି ଫେରିଲା ବୋର୍ଡ, ନିଗମ ନିଯୁକ୍ତି ଚର୍ଚ୍ଚା**

# ନେତାଙ୍କ ଧୈର୍ଯ୍ୟଚ୍ୟୁତି: ଧନୁରେ ମିଳିବ ନିଗମ ମୁଆଁ!

ଭୁବନେଶ୍ୱର,୧୭।୧୧(ସମିସ): ବେଶ କିଛିଦିନର ନିରବତା ପରେ ପୁଣି ଚର୍ଚ୍ଚାକୁ ଫେରିଛି ରାଜ୍ୟରେ ବୋର୍ଡ, ନିଗମ ନିଯୁକ୍ତି ପ୍ରସଙ୍ଗ। କିଛିମାସର ବ୍ୟବଧାନ ପରେ ରାଜ୍ୟରେ ଖୁବଶୀଘ୍ର ବୋର୍ଡ, ନିଗମ ନିଯୁକ୍ତି ଦିଆଯିବ ବୋଲି ପୁଣି ଦୋହରାଇଛନ୍ତି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର। ରାଜ୍ୟସ୍ତରରେ ଚର୍ଚ୍ଚା, ଆଲୋଚନା ସରିବା ସହ ସମସ୍ତ ପ୍ରକ୍ରିୟା ସରିଛି ଓ କେନ୍ଦ୍ରୀୟ ନେତୃତ୍ୱ ଏ ନେଇ ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ତେଣୁ ଧନୁ ମାସରେ ଆଶାୟୀଙ୍କୁ ନିଗମ ମୁଆଁ ବଣ୍ଟା ହେବା ଆଶା ଉଜ୍ୱଳ ହୋଇଛି ।

ରାଜ୍ୟରେ ସରକାର ଗଠନ କରିବାକୁ ବିଜେପିକୁ ୧୭ ମାସ ପୂରିଲାଣି। ମାତ୍ର ଏଯାଏଁ ଦଳ ବୋର୍ଡ, ନିଗମ ଏବଂ ବିଭିନ୍ନ ଅକାଦେମୀରେ ନିଯୁକ୍ତି ଦେଇପାରୁ ନାହିଁ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମଧ୍ୟ ହୋଇପାରୁନଥିବା ବେଳେ ଏହାକୁ ନେଇ ରାଜ୍ୟ ବିଜେପି ସରକାର ଏବଂ ସଂଗଠନକୁ ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି। ଏପଟେ ଥଇଥାନ ହେବା ପାଇଁ ଅନେକ ଦିନ ଅପେକ୍ଷା କରି ଆଶାୟୀଙ୍କ ଧୈର୍ଯ୍ୟଚ୍ୟୁତି ହେଲାଣି। ଜୁଲାଇରୁ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ଏକାଧିକବାର ଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରେ ପ୍ରମୁଖ ପଦରେ ଦଳୀୟ ନେତାଙ୍କୁ ଥଇଥାନ ଏବଂ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ପ୍ରତିଟି ଗସ୍ତ ବେଳେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା। ମାତ୍ର ଶେଷ ମୂହୂର୍ତ୍ତରେ କୌଣସି ନା କୌଣସି କାରଣ ପାଇଁ ଏହା ସମ୍ଭବପର ହୋଇପାରୁ ନଥିଲା। ତେବେ ନୂଆପଡ଼ା ନିର୍ବାଚନ ପାଇଁ ବୋର୍ଡ, ନିଗମ ନିଯୁକ୍ତି ଚର୍ଚ୍ଚା କିଛି ସମୟ ପାଇଁ ରାଜ୍ୟରେ ଥମି ଯାଇଥିବା ବେଳେ ଶ୍ରୀ ତୋମାରଙ୍କ ବୟାନ ଏହି ଚର୍ଚ୍ଚାକୁ ପୁଣିଥରପେ ଖୋରାକ୍ ଯୋଗାଇଛି। ନିଗମ ନିଯୁକ୍ତି ଖୁବଶୀଘ୍ର ହୋଇଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିବା ବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ କିଛି ସମୟ ଲାଗିବ ବୋଲି କହିଛନ୍ତି।

**ଦଳ ସଭାପତିଙ୍କ ସୁପାରିସ ଆପାତତଃ ଚୂଡ଼ାନ୍ତ**

ତେବେ ବର୍ତ୍ତମାନ ରାଜ୍ୟ ବିଜେପି ରାଜନୀତିକୁ ଦୃଷ୍ଟି ରଖି ଶ୍ରୀ ତୋମାରଙ୍କ କଥାରେ ଦମ୍ ରହିଥିବା କହିଛନ୍ତି ରାଜନୈତିକ ସମୀକ୍ଷକ। ନୂଆପଡ଼ାରେ ମୋହନ-ମନମୋହନଙ୍କ ଯୋଡ଼ି ବେଶ୍ ସଫଳତା ପାଇଥିବାରୁ ଦିଲ୍ଲୀରେ ସେମାନଙ୍କର ପ୍ରଭାବ ବଢ଼ିଛି। ଏପରିସ୍ଥଳେ ନିଗମ ବଣ୍ଟନ ବେଳେ ଦଳୀୟ ଶୀର୍ଷ ନେତୃତ୍ୱଙ୍କ ପାଖେ ମୋହନ-ମନମୋହନ ଏବେ ଅଧିକ ବିଶ୍ୱାସଭାଜନ ହୋଇପାରିଛନ୍ତି। ଉଭୟଙ୍କ ପରାମର୍ଶକୁ ଭିତ୍ତି କରି ରାଜ୍ୟର ତାଲିକାକୁ କେନ୍ଦ୍ର ସବୁଜ ସଙ୍କେତ ଦେବାର ସମ୍ଭାବନା ଉଜ୍ୱଳ ହୋଇଛି। ତେବେ ରାଜ୍ୟ ବିଜେପି ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଥିବାରୁ ଏନେଇ କୌଣସି ସ୍ପଷ୍ଟ ପୂର୍ବାନୁମାନ କରିବା କଷ୍ଟକର ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି।

---

# କମ୍ବୁପାଣି ପାଢ଼ୀ ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟ ନିର୍ବଚିତ

କଟକ, ୧୭ ।୧୧(ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଖାଲି ପଡ଼ିଥିବା ଏକ ସଦସ୍ୟ ପଦ ପାଇଁ ହୋଇଥିବା ନିର୍ବାଚନରେ ଟିଟଲାଗଡର ଆଇନଜୀବୀ କମ୍ବୁପାଣି ପାଢ଼ୀ ନିର୍ବାଚିତ ହୋଇଛନ୍ତି। ଉକ୍ତ



ନିର୍ବାଚନରେ ଶ୍ରୀ ପାଢ଼ୀଙ୍କ ବିପକ୍ଷରେ କଟକର ଆଇନଜୀବୀ ଆଭାସ ମହାନ୍ତି ପ୍ରାର୍ଥୀ ଥିଲେ। ଆଇନଜୀବୀ ପରିଷଦର ମୋଟ ୨୪ଜଣଙ୍କ ମଧ୍ୟରୁ ୧୬ଜଣ ଶ୍ରୀ ପାଢ଼ୀଙ୍କୁ ସମର୍ଥନ ଜଣାଇ ମତଦାନ କରିଛନ୍ତି। ଆଜି ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନବନିର୍ବାଚିତ ସଦସ୍ୟ ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଥାଉକି, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବା ପୀତବାସ ପଣ୍ଡାଙ୍କ ପରଲୋକ ପରେ ଏହି ପଦ ଖାଲି ପଡ଼ିଥିଲା। ଶ୍ରୀ ପଣ୍ଡାଙ୍କୁ ଗତ ଅକ୍ଟୋବର ୬ ତାରିଖ ଦିନ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଖାଲି ପଦ ପୂରଣ ପାଇଁ ଗତ ଅକ୍ଟୋବର ୨୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇ ନଭେମ୍ବର ୧୬ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ଭଦ୍ରକ/ତିହିଡି, ୧୭।୧୧(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ଜାଫରାବାଦ ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ଜାଫରାବାଦ ଗ୍ରାମର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ (୩) ଏବଂ ସିମୁଳିଆ ଥାନା ଅଧୀନ ଫୁଲଗଡ଼ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ (୪) । ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗ୍ରାମସ୍ଥିତ ବନ୍ଧୁ ଘରକୁ ଆସିଥିଲେ। ମଧ୍ୟାହ୍ନ ୧ଟା ବେଳେ ଦୁହେଁ ସାଙ୍ଗ ହୋଇ ଖେଳୁଥିବା ବେଳେ ପାଖରେ ଥିବା ଏକ ପୋଖରୀରେ ପଡ଼ିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକେ ଉଭୟଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେଅବସ୍ଥା ସଙ୍କଟାପନ୍ନହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

---

**■ ହାଇକୋର୍ଟରେ ହୀରାକୁଦ ସଟର ଗେଟ୍ କାର୍ଯ୍ୟ ଦୁର୍ନୀତି ପ୍ରସଙ୍ଗ**

# ଭିତ୍ତିହୀନ ଜନସ୍ୱାର୍ଥ ମାମଲା ପାଇଁ ୨ ଲକ୍ଷ ତଣ୍ଡ ଗଣିବେ ଆବେଦନକାରୀ

କଟକ,୧୭ ।୧୧(ସମିସ): ହୀରାକୁଦ ମେକାନିକାଲ ଡିଭିଜନ୍ ଅଧୀନରେ ସଟର ଗେଟ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ଏଭଳି ଭିତ୍ତିହୀନ ଜନସ୍ୱାର୍ଥ ମାମଲା ପାଇଁ ଆବେଦନକାରୀ ୨ଲକ୍ଷ ଟଙ୍କା ତଣ୍ଡ ଗଣିବେ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରଛନ୍ତି। ୨ଲକ୍ଷ ଟଙ୍କା ତଣ୍ଡରାଶିକୁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଜମା କରିବାକୁ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏମଏସ୍ ଏମକେ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ହୀରାକୁଦ ମେକାନିକାଲ ଡିଭିଜନ୍ ଅଧୀନରେ ସଟର୍ ଗେଟ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ଗତ ମେ' ମାସରେ ଆବେଦନକାରୀ ଜଳସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୨୦୧୭ ଏପ୍ରିଲ ୧ରୁ ୨୦୨୦, ଜୁଲାଇ ୩୧ରେ ମଧ୍ୟ ଏହି କାର୍ଯ୍ୟ ପାଇଁ ବେଆଇନ ଭାବେ ବିପୁଳ ସରକାରୀ ଅର୍ଥବ୍ୟୟ କରାଯିବା ସହ ନିୟମ ଅନୁସାରେ ଟେଣ୍ଡର୍ କରାଯାଇନଥିଲା। ଡିଭିଜନ୍‌ର ଜନୈକ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ଏଥିରେ ସଂପୃକ୍ତ ଥିବା ଦର୍ଶାଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ତଦନ୍ତ କରାଯାଇ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଦୋଷମୁକ୍ତ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା।

---

**ତରିକୁନ୍ଦରେ ବୁଲିଲା ବୁଲ୍‌ଡୋଜର୍**

# ମାଟିରେ ମିଶିଲା ବେହେରାମପୁର ବସ୍ତି







ଜଗତସିଂହପୁର, ୧୭।୧୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେହେରାମପୁର ବସ୍ତିରେ ଗତକାଲି ମାରଣାସ୍ତ୍ର ମିଳିବା ପରେ ଆଜି ବସ୍ତିରେ ବୁଲିଛି ବୁଲ୍‌ଡୋଜର। ଫଳରେ ମାଟିରେ ମିଶିଯାଇଛି ଏହି ବସ୍ତିରେ ଥିବା ୩୦ରୁ ଉର୍ଦ୍ଧ୍ୱ ଘର। ଗତକାଲି ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ୨ଜଣ ମହିଳାଙ୍କୁ ଗିରଫ କରିଥିଲା। ରାତିରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି। ସେହିପରି

**■ ଆଧାର କାର୍ଡ ସହିତ ବିଭିନ୍ନ କାଗଜପତ୍ର ଜବତ**
**■ ସନ୍ଦିଗ୍ଧଙ୍କ ପ୍ରକୃତ ବାସସ୍ଥାନ ସଂପର୍କରେ ଚାଲିଛି ଅନୁସନ୍ଧାନ**

ଅନ୍ୟ କିଛି ପୁରୁଷ ଓ ମହିଳାଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିକନ୍ଦର ଆଲାମଙ୍କ ସହ ଅନ୍ୟ ୮/୧୦ ଜଣ ପୁଲିସ ଚଢ଼ଉ ଖବର ପାଇ ଫେରାର୍ ହୋଇଯାଇଛି। ଚଢ଼ଉ ସମୟରେ ପୁଲିସ ସହ ଧସ୍ତାଧସ୍ତି ହେବାରୁ ଜଣେ ମହିଳା କନଷ୍ଟେବଲ ଆହତ ହୋଇଥିବା ପୁଲିସ୍ ସୂଚନା ଦେଇଛି।

ବିଶ୍ୱସ୍ତ ସୂତ୍ରରୁ କିଛି ସନ୍ଦିଗ୍ଧ ଆଚରଣ ସଂପର୍କରେ ସୂଚନା ପାଇ ଏଏସ୍‌ପି ସତ୍ୟ ଦାଶଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଏହି ବସ୍ତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଗୋଟିଏ ଦେଶୀ ବନ୍ଧୁକ, ୫/୬ଟି ବଡ଼ କଟୁରି ଏବଂ ଅନ୍ୟ ହାତହତିଆର ପୁଲିସ ଜବତ କରିଥିଲା। ସରକାରୀ ଜାଗାରେ ଏହି ଗୃହ ନିର୍ମାଣ କରାଯାଇଥିବା ଜଣାପଡ଼ିବା ପରେ ଆଜି ବୁଲ୍‌ଡୋଜର ଲଗାଇ ସମସ୍ତ ଘରକୁ ଭାଙ୍ଗି ଦିଆଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ ବର୍ମା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଆଜି ସନ୍ଧ୍ୟାରେ ଡିଆଇଜି ସତ୍ୟଜିତ ନାୟକ ଜଗତସିଂହପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଯେଉଁମାନେ ଚଢ଼ଉ ସମୟରେ ଫେରାର ହୋଇଯାଇଛନ୍ତି, ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିବା ଡିଆଇଜି ସୂଚନା ଦେଇଥିଲେ। ୩ଜଣ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ସମଗ୍ର ଜିଲ୍ଲାରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି ଏବଂ ଅଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଚାଲିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ରହୁଥିବା ସନ୍ଦିଗ୍ଧ ପରିବାରଙ୍କ ଉପରେ ନଜର ରଖାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଜେ. ସୋନାଲ ସୂଚନା ଦେଇଛନ୍ତି। ବେହେରାମପୁର ବସ୍ତିରୁ ଜବତ ହୋଇଥିବା ସମସ୍ତ କାଗଜପତ୍ର ଅନୁସନ୍ଧାନ କରାଯାଉଛି ଏବଂ ଅଟକ ଥିବା ସନ୍ଦିଗ୍ଧମାନେ ପଶ୍ଚିମବଙ୍ଗର ଯେଉଁ ଜିଲ୍ଲାର ବାସିନ୍ଦା ବୋଲି ଦର୍ଶାଉଛନ୍ତି, ସେହି ଜିଲ୍ଲା ପ୍ରଶାସନକୁ ଏ ସଂପର୍କରେ ଅବଗତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ନିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

---

# ମହାପ୍ରଭୁଙ୍କର ହେଲା ପଇତାଲାଗି

ପୁରୀ,୧୭।୧୧(ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ୫ଟା ୪୦ରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମଇଲମ ହୋଇଥିଲା। ୫ଟା ୫୫ରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରକୁ ବିଜେ କରିଥିଲେ। ସନ୍ଧ୍ୟା ୬ଟା ୫ରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଆରମ୍ଭ ହୋଇଥିଲା ପଇତାଲାଗି ନୀତି। ଦେଉଳକରଣଙ୍କଠାରୁ ବାସୁଙ୍ଗା ପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ



ଗୋଷ୍ଠୀଗତ ଭାବେ ଏହି ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପଇତାଲାଗି ନୀତି ସମ୍ପନ୍ନ ହେବାପରେଠାକୁରଙ୍କ ମହାସ୍ନାନ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ଚାରିଥର ପଇତାଲାଗି କରାଯାଏ। ଦୈନନ୍ଦିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ।

# ହାଇୱା-ସ୍କର୍ପିଓ ମୁହାଁମୁହିଁ; ଜଣେ ମୃତ

ଯୋଡ଼ା, ୧୭।୧୧ (ସମିସ): ଆଜି ସନ୍ଧ୍ୟାରେ ଯୋଡ଼ାସ୍ଥିତ ଫ୍ଲାଏଓଭର୍‌ରେ ଉପରେ ହାଇୱା ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ବଡ଼ବିଲର ସୋନାଲି ଓଝା। ସେ ସ୍କର୍ପିଓରେ ବାଂଶପାଣି ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସାମ୍ନାପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ସ୍କର୍ପିଓଟି ପୂରା ଚୂରମାର୍ ହୋଇଯାଇଛି। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ହାଇୱାଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଯୋଡ଼ା ପୁଲିସ ସ୍କର୍ପିଓରେ ଥିବା ଯାତ୍ରୀଙ୍କୁ ଉଦ୍ଧାର କରିଛି। ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓରେ ଚାଳକ ସହ ମହିଳାଙ୍କ ଭାଇ ଥିବା ବେଳେ ଉଭୟ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

---

**ଆଇଟମ୍ ଡ୍ୟାନ୍ସରୁ ଯାଇ ପୌରାଣିକ ମଞ୍ଚରେ ପହଞ୍ଚିଲା ଅଶ୍ଳୀଳତା**

# କୁଆଡ଼େ ଗଲା ସଂସ୍କୃତି ସୁରକ୍ଷା ନିର୍ଦ୍ଦେଶାବଳୀ?

ଭୁବନେଶ୍ୱର, ୧୭।୧୧(ସମିସ): ଦର୍ଶକ ସଂଖ୍ୟା ବୃଦ୍ଧି କରିବା ନିଶାରେ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଭୁଲି ଯାଉଛନ୍ତି ଯାତ୍ରା କମିଟି ଓ ଯାତ୍ରା କଳାକାର। ଟଙ୍କା ପାଇଁ ହଜାର ହଜାର ଦର୍ଶକଙ୍କ ସାମ୍ନାରେ ଅର୍ଦ୍ଧନଗ୍ନ ହେବାକୁ ପଛାଉ ନାହାନ୍ତି। ଆଇଟମ୍ ଡ୍ୟାନ୍ସ ନାଁରେ ଯେଭଳି ନୃତ୍ୟ ହେଉଛି, ପରିବାର ସହ ଯାଉଥିବା ଲୋକେ ମୁଣ୍ଡଟେକି ମଞ୍ଚକୁ ଚାହିଁ ପାରୁନାହାନ୍ତି। ବାରମ୍ବାର ଏଭଳି ଘଟଣା ଘଟିବା ପରେ ଲୋକଙ୍କ ଚାପରେ ସରକାର ନୂଆ ମାର୍ଗଦର୍ଶିକା (ଏସ୍‌ଓପି) ଆଣିବେ ବୋଲି କହିଥିଲେ। ଏଥିପାଇଁ ଥରକୁ ଥର ବୈଠକ ହେଲା, ଗଣମାଧ୍ୟମରେ ବି ମନ୍ତ୍ରୀ ବୟାନବାଜି କରି ନିଜ ପିଠି ଥାପୁଡ଼େଇଲେ। କିନ୍ତୁ, କିଛି ଦିନ ଚର୍ଚ୍ଚାରେ ରହିବା ପରେ ପୂରା ପ୍ରସଙ୍ଗ କୁଆଡ଼େ ହଜିଗଲା। ସରକାର ବି ପାସୋରିଗଲେ। ମାର୍ଗଦର୍ଶିକା ଜାରି ହେବା ତ ଦୂରର କଥା, ତା'ର ନାଁ ଗନ୍ଧ ମଧ୍ୟ ନାହିଁ। ସେପଟେ, ମଞ୍ଚରେ ପୂର୍ବଭଳି ସେମିତି ନଗ୍ନତାର ତାଣ୍ଡବ ଜାରି ରହିଛି। ଯାତ୍ରାରେ ଅଶ୍ଳୀଳତା ଦିନକୁ ଦିନ ସୀମା ଟପୁଥିବା ବେଳେ ଏ ଦିଗରେ ସରକାର କୌଣସି ପଦକ୍ଷେପ ନ ନେବା ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାମାୟଣ ଭଳି ପବିତ୍ର କଥାବସ୍ତୁରେ ବି ଏବେ ଅଶ୍ଳୀଳତା ଧସେଇ ପଶିଲାଣି। ସୀତାହରଣ ଭଳି ଦୃଶ୍ୟରେ ଅଶ୍ଳୀଳତା ସବୁ ସୀମା ଲଂଘିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି

**■ ନିଜ ପିଠି ଥାପୁଡ଼ାଇ ଚୁପ୍ ବସିଗଲେ ସରକାର**
**■ ସୀମା ଟପୁଛନ୍ତି ଆଇଟମ୍ ଡ୍ୟାନସର୍ ଓ କଳାକାର**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ମୌଳଭଣଜା ଗାଁରେ। ଦୁଇ ଦଳ ମଧ୍ୟରେ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ପୂର୍ବରୁ ଗୋଟିଏ ଦଳ ପକ୍ଷରୁ ଜଣେ ଚର୍ଚ୍ଚିତ ଆଇଟମ୍ ଡ୍ୟାନସରଙ୍କୁ ନିଆଯାଇଥିଲା। ସେଠାରେ ସେ ଅର୍ଦ୍ଧନଗ୍ନ ହୋଇ ନୃତ୍ୟ ପରିବେଷଣ କରିଥିବା ବେଳେ ଆଉ ଏକ ଦଳ ପକ୍ଷରୁ ତାଙ୍କ ସହ ପ୍ରତିଯୋଗିତା କରି ସୀତାହରଣ ଦୃଶ୍ୟରେ ଅତ୍ୟନ୍ତ ଅଶ୍ଳୀଳତା ପ୍ରଦର୍ଶନ କରିଥିଲେ। ଆଧ୍ୟାତ୍ମିକ ଓ ପୌରାଣିକ କଥାବସ୍ତୁକୁ ଏଭଳି କଦର୍ଥ କରାଯାଇଥିବାରୁ ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

ଏଭଳି ସ୍ଥିତିରେ ସରକାରଙ୍କ ଭୂମିକା ଓ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ୨ଜଣ ମନ୍ତ୍ରୀ ଯଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଂସ୍କୃତିର ସୁରକ୍ଷା ପାଇଁ ଏକ କଡ଼ା ଏସ୍‌ଓପି ଅଣାଯିବ ବୋଲି କହିଥିଲେ। ଏହି ଏସ୍‌ଓପି ଜରିଆରେ ରାଜ୍ୟରେ ଯାତ୍ରା ପେଣ୍ଡାଲ ହେଉ ଅବା ଅନ୍ୟ ସ୍ଥାନରେ, ଯେପରି ଅଶ୍ଳୀଳତା ପ୍ରଦର୍ଶନ ହେବନି, ତାହା ସୁନିଶ୍ଚିତ ହେବ ବୋଲି ଦୁଇ ମନ୍ତ୍ରୀ କହିଥିଲେ। ହେଲେ ଦୁଇ ମନ୍ତ୍ରୀଙ୍କ କଥାକୁ ପ୍ରାୟ ବର୍ଷଟେ ବିତିଯାଇଥିଲେ ହେଁ ଏଯାଏଁ କୌଣସି ଏସ୍‌ଓପି ଆସିପାରିନାହିଁ। ଫଳରେ ରାଜ୍ୟରେ ପ୍ରତ୍ୟେକ ଦିନ ବିଭିନ୍ନ ଜିଲ୍ଲାରେ ମଞ୍ଚଗୁଡ଼ିକରେ କଳାକାରମାନେ ଅଶ୍ଳୀଳତାର ସୀମା ଟପୁଛନ୍ତି।

ନିକଟରେ ଏକ ଯାତ୍ରା ମଞ୍ଚରେ ଜଣେ ଆଇଟମ ଡ୍ୟାନସର୍ ଦର୍ଶକଙ୍କ ଆଗରେ ପୋଷାକ ଖୋଲିବା ସହ ଅନ୍ତଃବସ୍ତ୍ର ମଧ୍ୟ ଖୋଲି ଦେଇଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟରେ ଘୂରି ବୁଲୁଛି। ସମାଜ ଉପରେ ଏହାର କୁ-ପ୍ରଭାବ ପଡ଼ିବା ସହ ସପରିବାର ଏକାଠି ବସି ଯାତ୍ରା ବା ମଞ୍ଚ ନାଟକ ଦେଖିବା ସମ୍ଭବ ହୋଇପାରୁନାହିଁ।

ଦିଗପହଣ୍ଡି ଅଞ୍ଚଳର ଏହି ଘଟଣାକୁ ଓଡ଼ିଶା ଯାତ୍ରା କମିଟି ମହାସଂଘ ଦୃଢ଼ ନିନ୍ଦା କରିଛି। ଯାତ୍ରା ପରିବେଷଣ ପାଇଁ ସରକାର ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗାଯାଇପାରିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-142 ◆TUESDAY ◆18 NOVEMBER 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୧୪୨ ◆ମଙ୍ଗଳବାର ◆୧୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ରେକର୍ଡ ୪୪.୯ କୋଟି ଜିତିଲେ ସିନ୍ନର୍

▶କ୍ରୀଡ଼ା ପୃଷ୍ଠାରେ...

ଇଣ୍ଟରନ୍ୟାସ୍‌ନାଲ୍ କ୍ରାଇମ୍ ଟ୍ରିବ୍ୟୁନାଲ୍‌ଙ୍କ ରାୟ

## ହସିନାଙ୍କୁ ଫାଶୀ ଦଣ୍ଡାଦେଶ

■ **ଢାକା, ୧୭।୧୧ (ଏଜେନ୍ସି):** ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦଙ୍କୁ ଦୋଷୀ ସାବ୍ୟସ୍ତ କରିଛି ବାଂଲାଦେଶର କୋର୍ଟ। ମାନବିକତା ବିରୋଧରେ ଅପରାଧ ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ହସିନାଙ୍କୁ ଫାଶୀଦଣ୍ଡ ଶୁଣାଇଛନ୍ତି। ତାଙ୍କ ସହିତ ତାଙ୍କର ଦୁଇ ଜଣ ଘନିଷ୍ଠ ସହଯୋଗୀ ତତ୍କାଳୀନ ଗୃହ ମନ୍ତ୍ରୀ ଓ ପୁଲିସ ମୁଖ୍ୟଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ଏହି ଦଣ୍ଡାଦେଶକୁ ରାଜନୈତିକ ପ୍ରତିଶୋଧ ବୋଲି ବର୍ଣ୍ଣନା କରିଛନ୍ତି ହସିନା। ଅନ୍ୟପକ୍ଷେରେ ଭାରତରେ ନିର୍ବାସିତ ଜୀବନ ବିତାଉଥିବା ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଭାରତକୁ ଅନୁରୋଧ କରିଛନ୍ତି ବାଂଲାଦେଶ ସରକାର। ତେବେ ଭାରତ ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହିଁ।

ଗତବର୍ଷ ତାଙ୍କ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନକୁ ଦମନ କରିବା ଲାଗି ତତ୍କାଳୀନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ▶ପୃଷ୍ଠା-୭

**ହସିନାଙ୍କୁ ତୁରନ୍ତ ହସ୍ତାନ୍ତର ଲାଗି ଭାରତକୁ ବାଂଲାଦେଶର ପରାମର୍ଶ**

**ବାଂଲାଦେଶରେ ଶାନ୍ତି, ସ୍ଥିରତା ଓ ଗଣତନ୍ତ୍ରର ସୁରକ୍ଷାକୁ ଭାରତର ଗୁରୁତ୍ୱ**



ଟ୍ୟାଙ୍କର ସହ ଧକ୍କା ପରେ ମଦିନାରେ ଜଳିଗଲା ବସ୍

## ୪୫ ଭାରତୀୟ ଶ୍ରଦ୍ଧାଳୁ ଦଗ୍ଧ

■ **ରିୟାଦ, ୧୭।୧୧ (ଏଜେନ୍ସି):** ସାଉଦି ଆରବରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪୫ ଜଣ ଭାରତୀୟ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ହାଇଦରାବାଦର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ଥିବା ଜଣାପଡ଼ିଛି। 'ଉମରା' ପାଇଁ ଭାରତୀୟ ଶ୍ରଦ୍ଧାଳୁଙ୍କୁ ନେଇ ମଦିନା ଯାଉଥିବା ବସ୍‌ଟି ଏକ ଡିଜେଲ ଟ୍ୟାଙ୍କର ସହ ଧକ୍କା ହେବାରୁ ବିସ୍ଫୋରଣ ଘଟିଥିଲା। ଏହାପରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦୁର୍ଘଟଣାରୁ କେବଳ ବସ୍ ଚାଳକ ବଞ୍ଚିଯାଇଥିବା ବେଳେ ଅନ୍ୟ ସମସ୍ତ ୪୫ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଙ୍କ ମଧ୍ୟରେ ୧୮ ମହିଳା, ୧୭ ପୁରୁଷ ଓ ୧୦ଜଣ ଛୋଟପିଲା ▶ପୃଷ୍ଠା-୭

**ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ସଦସ୍ୟ ମୃତ**

**ଜଳିଗଲେ ବସ୍‌ର ସମସ୍ତ ଯାତ୍ରୀ; ବଞ୍ଚିରହିଲେ କେବଳ ଚାଳକ**



# ବିହାର ରାଜନୀତିରେ 'ହାଇଡ୍ରାମା'

■ **ପାଟନା, ୧୭।୧୧ (ଏଜେନ୍ସି):** ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବିହାରରେ ଆରମ୍ଭ ହୋଇଛି ରାଜନୈତିକ ଖେଳ। ଅତୀତରେ ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଏନ୍‌ଡ଼ିଏ ନିର୍ବାଚନ ଲଢ଼ି ବିଜୟୀ ହେବା ପରେ ଯେଉଁ ନାଟକର ଅବତାରଣା ହୋଇଥିଲା, ଏବେ ବିହାରରେ ଠିକ୍ ସମାନ ନାଟକ ମଞ୍ଚସ୍ଥ ହେବାକୁ ଯାଉଛି। ଏନ୍‌ଡିଏର ଅଂଶୀଦାର ଦଳ ଭାବରେ ନୀତୀଶ କୁମାରଙ୍କ ଜେଡ଼ିୟୁ ତୁଳନାତ୍ମକ ଭାବରେ ବିଜେପିଠାରୁ କମ୍ ଆସନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିଜେପି ପ୍ରଥମ ଦାବିଦାର ବୋଲି ଯେଉଁ ପ୍ରାୟୋଜିତ ରାଜନୈତିକ ଚର୍ଚ୍ଚା ବିହାରରେ ଆରମ୍ଭ ହୋଇଛି; ତାହା ହିଁ ସବୁ ଗଣ୍ଡଗୋଳର ମୂଳ ବୋଲି କୁହାଯାଉଛି। ସେଥିପାଇଁ ନୀତୀଶ କୁମାର ସୋମବାର ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ଭେଟି ଇସ୍ତଫା ଦେବାକୁ ନେଇଥିବା ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି ଓ ରାଜ୍ୟପାଳଙ୍କୁ ଭେଟିଥିଲେ ମଧଇସ୍ତଫାଦେଇନାହାନ୍ତି ।ଅନ୍ୟପକ୍ଷ ।।ରେଆସନ୍ତା ୧୯ ତାରିଖରେ ବିଧାନସଭା ଭଙ୍ଗ କରିବାକୁ ସୁପାରିସ କରିବା ସହ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି। ନିର୍ବାଚନ ଫଳ ପ୍ରକାଶ ପାଇବାର ତିନି ଦିନ ବିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏନ୍‌ଡ଼ିଏ ବିଧାୟକ ଦଳ ନେତା ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଏହା ପଛରେ କିଛି କେଁ ଥିବା ସ୍ୱାଭାବିକ ମନେ ହେଉଛି।

ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ପ୍ରସଙ୍ଗରେ ବିଜେପିର ରହସ୍ୟମୟ ନିରବତା ସବୁ ସମସ୍ୟାର ମୂଳ ବୋଲି କୁହାଯାଉଛି। ବିଜେପିର ନିର୍ବାଚନ ପ୍ରଭାରୀ ବିନୋଦ ତାୱଡ଼େ ଓ ନୀତିନ ନବୀନଙ୍କ ବୟାନ ଏହି ପ୍ରସଙ୍ଗକୁ ଅଧିକ ସ୍ପର୍ଶକାତର କରିଛି। ଏବେ ବିଜୟ ଉତ୍ସବ ପାଳନ ସମୟ, ସମୟ ଆସିଲେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ତାୱଡ଼େ ଦେଇଥିବା ଟିପ୍ପଣୀରୁ ବିଜେପି ଯେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଶତ ପ୍ରତିଶତ ରାଜି ନୁହେଁ, ତାହା ସ୍ପଷ୍ଟ ହୋଇଯାଇଛି। ସେହିପରି ଦଳର ଅନ୍ୟତମ ବରିଷ୍ଠ ନେତା ନୀତିନ ନବୀନ ବିହାରରେ ମହାରାଷ୍ଟ୍ର ପରି ସବୁକିଛି ଠିକ୍ ଥିଲା ଓ ସବୁକିଛି ଠିକ୍ ହେବ ବୋଲି ଦେଇଥିବା ମନ୍ତବ୍ୟ ପରେ ନୀତୀଶ କୁମାରଙ୍କ ଅବସ୍ଥା ଏକନାଥ ସିନ୍ଦେଙ୍କ ପରି ହେବ ନାହିଁ ତ ବୋଲି ଅନେକ ଆଶଙ୍କା କରୁଛନ୍ତି। ଏହି ସମୟରେ ବିଜେପିର ଜାତୀୟ ନେତୃତ୍ୱ 'ବିଜେପିର ବିଧାୟକମାନେ ମୁଖ୍ୟମନ୍ତ୍ରୀ ବାଛିବେ' ବୋଲି ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି।

ଅନ୍ୟପକ୍ଷରେ ବିଜେପିର ଗତିବିଧି ଦେଖି ନୀତୀଶ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି। ଜେଡ଼ିୟୁ ବିଧାୟକ ଦଳ ବୈଠକ ନଭେମ୍ବର ୧୭ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିବାରୁ ଦଳର ସମସ୍ତ ୮୫ ବିଧାୟକ ପାଟନାରେ ପହଞ୍ଚିଥିଲେ। ମାତ୍ର ନୀତୀଶ ଶେଷ ମୁହୂର୍ତ୍ତରେ ବୈଠକକୁ ସ୍ଥଗିତ ରଖିଛନ୍ତି, ତେବେ ସମସ୍ତ ଦଳୀୟ ବିଧାୟକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ରାଜଧାନୀ ନ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଆଜି କ୍ୟାବିନେଟ୍ ବୈଠକ ପରେ ନୀତୀଶ ଇସ୍ତଫା ଦେବା ଚୂଡ଼ାନ୍ତ ହୋଇଥିଲେ ହେଁ ସେପରି କିଛି ଘଟିନାହିଁ। ନୀତୀଶ କ୍ୟାବିନେଟ୍ ବୈଠକ ଡାକିଥିଲେ, ନିଜ ସହଯୋଗୀଙ୍କ ସହ ଆଲୋଚନା ପରେ ସେ ରାଜଭବନକୁ ବାହାରିଥିଲେ ମଧ୍ୟ ରାସ୍ତାରେ ଇସ୍ତଫା ନିଷ୍ପତ୍ତି ପରିବର୍ତ୍ତନ କରିଥିଲେ। ନଭେମ୍ବର ୧୯ ତାରିଖରେ ସେ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେନାହିଁ ନୀତୀଶ

**ଜେଡ଼ିୟୁ ବିଧାୟକ ଦଳ ବୈଠକ ଆକସ୍ମିକ ସ୍ଥଗିତ**

**ଡକରା ପାଇଁ ଦିଲ୍ଲୀ ଗଲେ ସଂଜୟ ଝା, ଲଲନ ସିଂହ**

**୩ ଦିନ ହେଲା ହୋଇପାରୁନି ମୁଖ୍ୟମନ୍ତ୍ରୀ ଚେହେରା ନିଷ୍ପତ୍ତି**



ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-୨୦

## ଏଥର କମ୍ ଟିକଟ



**ଚାଲିଛି ୭ ଗ୍ୟାଲେରୀର ନବୀକରଣ କାର୍ଯ୍ୟ**

**ସିଟ୍ ନମ୍ବରିଂ ପରେ ଜଣାପଡ଼ିବ ଷ୍ଟାଡିୟମ୍‌ର ଦର୍ଶକ କ୍ଷମତା**

**ଡିସେମ୍ବର ୧ରୁ ଅନ୍‌ଲାଇନ୍ ଓ ୫ରୁ କାଉଣ୍ଟର ଟିକଟ**

■ **କଟକ, ୧୭।୧୧ (ସମିସ):** ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମ୍ୟାଚ୍। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ଆଗେଇ ଚାଲିଛି। ତେବେ ଆଗାମୀ ମ୍ୟାଚ୍‌ରେ ଷ୍ଟାଡିୟମର ଦର୍ଶକ କ୍ଷମତା ପୂର୍ବାପେକ୍ଷା ହ୍ରାସ ପାଇବ। ୭ଟି ଯାକ ଗ୍ୟାଲେରୀର ସିଟ୍‌କୁ ଚଉଡା କରାଯାଉଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍ ଗୁଡିକୁ ୨୨ ଇଞ୍ଚ କରାଯାଉଛି। ଗ୍ୟାଲେରୀ ନଂ-୫ ଏବଂ ଗ୍ୟାଲେରୀ ନଂ-୬ରେ ଏହି ନିର୍ମାଣ କାମ ଶେଷ ହୋଇଥିବା ବେଳେ ଅବଶିଷ୍ଟ ଗ୍ୟାଲେରୀ ଗୁଡିକର ନବୀକରଣ କାର୍ଯ୍ୟ ଜାରି ରହିଛି। ପ୍ରତ୍ୟେକ ଦର୍ଶକ ସୁବିଧାରେ ବସି କିଭଳି ମ୍ୟାଚ୍ ଉପଭୋଗ କରିପାରିବେ ତାହାକୁ ଉପଲବ୍ଧି କରି ଓସିଏ ଏଭଳି ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ମୋଟ୍ କେତେ ସଂଖ୍ୟକ ଟିକଟ ଏଥର ଛପା ଯିବ ତାହା ମଧ୍ୟ ସ୍ଥିର ହୋଇ ପାରିନାହିଁ। ନବୀକରଣ ପ୍ରକ୍ରିୟାରେ ଗ୍ୟାଲେରୀର ସମସ୍ତ ସିଟ୍‌କୁ ଚଉଡା କରାଯାଇ ପ୍ରଥମେ ନମ୍ବରିଂ ହେବ। ଏହା ପରେ ସମୁଦାୟ ଟିକଟ ସଂଖ୍ୟା ଜଣାପଡିବ। ପ୍ରକାଶଯୋଗ୍ୟ, ବାରବାଟୀରେ ପ୍ରାୟ ୪୫ହଜାର ଦର୍ଶକ ▶ପୃଷ୍ଠା-୭

# ଅଫେରା ରାଇଜରେ ହ୍ୟୁମାନ୍ ସାଗର

■ **ଭୁବନେଶ୍ୱର, ୧୭।୧୧ (ସମିସ):** ଓଡ଼ିଆ ସଂଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ଜଗତର ୟୁଥ୍ ଆଇକନ୍ ହ୍ୟୁମାନ ସାଗରଙ୍କ ଆଜି ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୩୫ ବର୍ଷ ହୋଇଥିଲା। ଏକାଧିକ ରୋଗରେ ପୀଡ଼ିତ ହ୍ୟୁମାନ୍‌ଙ୍କୁ ଗତ ୧୪ ତାରିଖରେ ଏମସ୍‌ରେ ଭର୍ତ୍ତି କରାଯାଇଥିଲା। କିଡ୍‌ନୀ ଓ ଲିଭର୍ ଜନିତ ସମସ୍ୟା ସମେତ ତାଙ୍କର ଏକାଧିକ ଅଙ୍ଗପ୍ରତ୍ୟଙ୍ଗ କାମ କରୁନଥିଲା। ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ସୋମବାର ସଂଧ୍ୟାରେ ସେ ଜୀବନଯୁଦ୍ଧରେ ହାରି ଯାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମା', ପତ୍ନୀ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳି ଯାଇଛି। ବହୁସଂଖ୍ୟାରେ ସିନେ କଳାକାର, କଣ୍ଠଶିଳ୍ପୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଏମ୍‌ସରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ 'ଏକ୍ସ' ଜରିଆରେ ଶୋକ ପ୍ରକଟ କରିଛନ୍ତି। ଶୋକବାର୍ତ୍ତାରେ ମୋହନ ଉଲ୍ଲେଖ କରିଛନ୍ତି ଯେ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ମୁଁ ଦୁଃଖିତ। ତାଙ୍କର ବିୟୋଗ ଓଡ଼ିଶା ସଙ୍ଗୀତ ଓ ସିନେମା ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ହ୍ୟୁମାନ୍‌ଙ୍କ ମନଛୁଆଁ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି। ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶ୍ରୀ ପଟ୍ଟନାୟକ ସମଦେବନା ଜଣାଇଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଆସନ୍ତାକାଲି ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାଯାଇଛି।

୧୯୯୦ନଭେମ୍ବର ୨୫ ତାରିଖରେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ରେ ଜନ୍ମିତ ହ୍ୟୁମାନ୍ ସଙ୍ଗୀତ ପରିବାରରୁ ଆସିଥିଲେ। ତାଙ୍କ ପିତା-ମାତା, ଦୁହେଁ ଗାୟକ ▶ପୃଷ୍ଠା-୭

### ସଙ୍ଗୀତ ଜଗତ ସ୍ତବ୍ଧ

**ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ**

**ଶୋକବ୍ୟକ୍ତ କଲେ ମୋହନ-ନବୀନ**



## ଜାଲରେ ପଡ଼ିଲା ୩ କ୍ୱିଣ୍ଟାଲ୍‌ର ଶାଙ୍କୁଚ



■ **ଅସ୍ତରଙ୍ଗ, ୧୭।୧୧ (ସମିସ):** ଦେବୀନଦୀରୁ ଆଜି ସ୍ଥାନୀୟ ଅଞ୍ଚଳର ୨୦ ଜଣ ମତ୍ସ୍ୟଜୀବୀଙ୍କ ଜାଲରେ ୩ କ୍ୱିଣ୍ଟାଲ୍ ଓଜନର ଏକ ଶାଙ୍କୁଚ ପଡ଼ିଛି। ପ୍ରାୟ ଦୁଇଘଣ୍ଟାର ପରିଶ୍ରମ ପରେ ଏହି ଶାଙ୍କୁଚକୁ ମତ୍ସ୍ୟଜୀବୀମାନେ ଡଙ୍ଗାରେ କୂଳକୁ ଆଣିଥିଲେ। ଶାଙ୍କୁଚଟିର ଓସାର ପ୍ରାୟ ୧୨ଫୁଟ୍ ହେବ। ସମୁଦ୍ର ଭିତରୁ ମାଛ ଅନ୍ୱେଷଣ କରି ମୁହାଣ ଦେଇ ଦେବୀ ନଦୀ ଭିତରକୁ ପଶି ଆସିବା ପରେ ଏହା ଧରାଳିଙ୍କ ଜାଲରେ ପଡ଼ିଥିବା କୁହାଯାଉଛି। ଏହା ବିରାଟକାୟ ଶାଙ୍କୁଚକୁ ଦେଖିବା ପାଇଁ ଦେବୀ ମୁହାଣରେ ଆଜି ପ୍ରବଳ ଭିଡ଼ ଲାଗିଥିଲା।

# ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକିଦେଲେ

### ପୀଡ଼ିତାଙ୍କ ମଧ୍ୟରେ ମହିଳା, ଶିଶୁ, ନାବାଳିକା

■ **ନୟାଗଡ଼/ଗଣିଆ, ୧୭।୧୧ (ସମିସ):** ଦାଦନ ଖଟାଇବାକୁ ନେଇ ବିକିଦେଲେ। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆଜି ଏପରି ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗଣିଆ ବ୍ଲକ୍ ଆଡ଼କଟା ପଞ୍ଚାୟତ ଆଡ଼କଟା ଗ୍ରାମରୁ ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକ୍ରି କରି ଦିଆଯାଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ଶିଶୁ, ଜଣେ ନାବାଳିକା ଓ ଦୁଇଜଣ ମହିଳା ରହିଛନ୍ତି। ଗ୍ରାମର ଚନ୍ଦ୍ରମଣି ପ୍ରଧାନ ଓ ମୀନା ପ୍ରଧାନ ଏ ସଂପର୍କରେ ଅଭିଯୋଗ କରିବା ପରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଗଣିଆ ଥାନା ପୁଲିସକୁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିବା କହିଛନ୍ତି।

ସୂଚନାନୁସାରେ, ତିନି ମାସ ତଳେ ଆଡ଼କଟା ଗ୍ରାମର ବୁଲୁ ପ୍ରଧାନ, ବୌଦ୍ଧ ଅଞ୍ଚଳର ଚନ୍ଦନ ଗଡ଼ତିଆ ଗ୍ରାମରୁ ଅନେକ ଲୋକଙ୍କୁ ହାଇଦ୍ରାବାଦ ନିକଟସ୍ଥ ପାଇଜାପଲ୍ଲୀ ଅଞ୍ଚଳକୁ ଦାଦନ ଖଟାଇବାକୁ ନେଇଥିଲେ। ଏ ନେଇ ପ୍ରତ୍ୟେକ ବ୍ୟକ୍ତି ପିଛା ମଜୁରି ଆକାରରେ ୪୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଦେଇଥିଲେ। ତେବେ ସେଠାରେ ଅକଥନୀୟ ନିର୍ଯାତନା ଦିଆଯିବାରୁ ଅନେକ ଲୋକ ଖସି ଆସିଥିବା ବେଳେ ଦଲାଲମାନେ ଗ୍ରାମର ୭ ଜଣଙ୍କୁ ଅନ୍ୟତ୍ର ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ଚନ୍ଦ୍ରମଣି ପ୍ରଧାନଙ୍କ ନାବାଳିକା ଝିଅ, ତାଙ୍କ ସମ୍ପର୍କୀୟ କିରଣ ପ୍ରଧାନ, ବର୍ଷା ପ୍ରଧାନ ଏବଂ ମୀନା ପ୍ରଧାନଙ୍କ ଭାଇ କିଶୋର ପ୍ରଧାନ, ଭାଉଜ ସଞ୍ଜୁ ପ୍ରଧାନ ଏବଂ ଛୋଟ ପୁତୁରା ଶିଶିର ପ୍ରଧାନ ନିଖୋଜ ଥିବା ଅଭିଯୋଗ ହୋଇଛି। ଏହାସହ ଆଡ଼କଟା ଗ୍ରାମର ପପୁନ ଗଡ଼ିତିଆ ମଧ୍ୟ ସେମାନଙ୍କ ସହ ନିଖୋଜ ରହିଛି। ଏ ସଂପର୍କରେ ଆଜି ଚନ୍ଦ୍ରମଣି ଓ ମୀନା ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି।

ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଅଭିଯୋଗକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଘଟଣା ଶୁଣାଣି କରିବା ପରେ ଗଣିଆ ଥାନା ଅଧିକାରୀଙ୍କୁ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଚନ୍ଦ୍ରମଣିଙ୍କ କହିବାନୁସାରେ, ୪୦ ହଜାର ଟଙ୍କାରେ ନେଇ ସେମାନଙ୍କୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଦିଆଯାଇଛି। ସେମାନଙ୍କଠାରୁ ମୋବାଇଲ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଛି। ଫଳରେ ସେମାନେ କାହା ସହ ଯୋଗାଯୋଗ କରିପାରୁନାହାନ୍ତି ସେଠାରୁ ଖସି ଆସି ପାରୁନାହାନ୍ତି। ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ଚନ୍ଦ୍ରମଣି କହିଛନ୍ତି।

ଆଜି ରାଜଧାନୀର ସବୁଠାରୁ ବଡ଼ ଉଚ୍ଛେଦ

# ମାଟିରେ ମିଶିବ ସାଲିଆସାହି

■ **ଭୁବନେଶ୍ୱର, ୧୭।୧୧ (ସମିସ):** ରାଜଧାନୀର ସବୁଠାରୁ ବଡ଼ ବସ୍ତି ସାଲିଆସାହିକୁ ଉଚ୍ଛେଦ କରିବାକୁ ଯାଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ବାମ ସମାନ୍ତରାଳ ରାସ୍ତା ନିର୍ମାଣ ପାଇଁ ଏହି ଉଚ୍ଛେଦ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ମଙ୍ଗଳବାର ପ୍ରାୟ ୫୨୯ଟି ଘରକୁ ଭାଙ୍ଗିବାକୁ ଟାର୍ଗେଟ କରାଯାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସମରସଜ୍ଜା। ଉଚ୍ଛେଦ ପାଇଁ ସମସ୍ତ ପ୍ରସ୍ତୁତି ଏକପ୍ରକାର ଶେଷ ହୋଇଛି। ଏହି ଉଚ୍ଛେଦରେ ବିଏମ୍‌ସି, ବିଡିଏ, ୱାଟକୋ, ବିଦ୍ୟୁତ ବିଭାଗ ଏବଂ ପୁଲିସ ବିଭାଗ ସାମିଲ ହେବ। ଘଟଣାସ୍ଥଳରେ ତୀବ୍ର ଉତ୍ତେଜନାକୁ ଆଖିଆଗରେ ରଖି ୭ପ୍ଲାଟୁନ୍ ଫୋର୍ସ ମୁତୟନ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ବିଏମ୍‌ସି ପକ୍ଷରୁ ଭଙ୍ଗାଯିବାକୁ ଥିବା ଘରଗୁଡ଼ିକୁ ଚିହ୍ନଟ କରାଯାଇଛି। ପ୍ରତ୍ୟେକଙ୍କୁ ଅପରାହ୍ଣରେ ଏସମ୍ପର୍କରେ ଅବଗତ କରାଯାଇଥିଲା। ଡାକବାଜୀ ଯନ୍ତ୍ର ଘରଘର ବୁଲି ଏସମ୍ପର୍କରେ ଅବଗତ କରାଇଛି। ନିଜ ନିଜର ଆସବାବପତ୍ର ବାହାର କରିବାକୁ କୁହାଯାଇଛି। ବିଏମ୍‌ସିର ଡାକବାଜୀ ଯନ୍ତ୍ର ପ୍ରଚାର କରିବା ପରେ ସାଲିଆସାହିରେ ଚାପା ଉତ୍ତେଜନା ଦେଖାଦେଇଛି। ଥଇଥାନ ନ କରି କେମିତି ଉଚ୍ଛେଦ କରାଯିବ। ଏହା ଆଇନ୍ ବିରୋଧୀ ବୋଲି ବସ୍ତିବାସିନ୍ଦା କହିଛନ୍ତି। ତେବେ ଉଚ୍ଛେଦ ହେଲେ ଘର ନୁହେଁ ଜମି ଦିଆଯିବ ବୋଲି ବିଜେପି ୨୦୨୪ରେ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା। ହେଲେ ଭୋଟ୍ ନେଇ ସରକାରକୁ ଆସିଲା ପରେ ପ୍ରତିଶ୍ରୁତି ପାଳନ କାହିଁକି କରୁନାହିଁ ବୋଲି ବସ୍ତିବାସିନ୍ଦା ଗର୍ଜ୍ଜି ▶ପୃଷ୍ଠା-୭



**ଉତ୍ତେଜନା ଆଶଙ୍କାରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ**


**ବିଜେପିର ଜମି ଦେବା ନିର୍ବାଚନୀ ପ୍ରତିଶ୍ରୁତିକୁ ଗର୍ଜ୍ଜି କରିଛନ୍ତି ବସ୍ତିବାସିନ୍ଦା**





## ଆସନ୍ତା ୫ ତାରିଖରୁ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଟିକଟ୍ ବିକ୍ରି

# ପୁଲିସର ନୂଆ ଆକ୍ସନ୍-ପ୍ଲାନ୍: ବିଶୃଙ୍ଖଳା କଲେ ଗିରଫ



**'କଟକ-ଇନ୍-କଟକ'ରେ କାଉଣ୍ଟର ଯୋଜନା ବାତିଲ୍: ପୁରୁଣା କାଉଣ୍ଟରରେ ହେବ ଟିକଟ୍ ବିକ୍ରୟ**

**ଏଥର ଲାଗିବ ଲୁହା ବ୍ୟାରିକେଡ୍: ଧାଡି ଭିତରେ ଧସେଇ ପଶିଲେ ଗିରଫ**

**ଜଗିବେ ୨୮ ପ୍ଲାଟୁନ୍ ଫୋର୍ସ, ୧୦୦ ଅଫିସର**

**ଟିକଟ୍ ବ୍ଲାକ୍‌କୁ ଜଗିବେ ସାଦା ପୋଷାକଧାରୀ ପୁଲିସ**

କଟକ,୧୭ ।୧୧(ସମିସ):

ବାରବାଟୀରେ ହେବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଫେବୃୟାରୀ ୯ରେ ଖେଳାଯିବ। ଏଥି ନିମନ୍ତେ ପୂର୍ବ ପ୍ରସ୍ତୁତି କମିଶନରେଟ୍ ପୁଲିସ ପକ୍ଷରୁ ଆରମ୍ଭ କରାଯାଇଛି। କଟକ-ଇନ୍-କଟକ ଠାରେ ନୂଆ ଟିକଟ୍ କାଉଣ୍ଟର୍ କରାଯିବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଥିବା ବେଳେ ତାହାକୁ ବାତିଲ୍ କରିଦିଆଯାଇଛି। ପୂର୍ବଭଳି ଷ୍ଟାଡିୟମ ସଂଲଗ୍ନ ଟିକଟ୍ କାଉଣ୍ଟରରେ ଟିକେଟ୍ ବିକ୍ରୟ କରାଯିବ ବୋଲି ଜଣାପଡ଼ିଛି। କମିଶନରେଟ୍ ପୁଲିସ ପକ୍ଷରୁ ବେଆଇନ ଭାବେ ଭିଡ଼ ନଲଗାଇବାକୁ ଦର୍ଶକଙ୍କୁ ବାରଣ କରାଯିବ। ଟିକଟ୍ କାଉଣ୍ଟର୍ ଗୁଡ଼ିକ ସାମ୍ନାରେ ପ୍ରବଳ ଭିଡ଼ ହେତୁ ପୁଲିସ ବିଶୃଙ୍ଖଳା ନକରିବାକୁ ନିବେଦନ କରିବ। ଆସନ୍ତା ୫ ତାରିଖରେ ଅଫଲାଇନ୍ ଟିକଟ୍ ବିକ୍ରୟ ହେବାକୁ ଥିବା ବେଳେ ଷ୍ଟାଡିୟମ ବାହାରେ ଟିକେଟ୍ ବିକ୍ରୟ ପୂର୍ବଦିନ ରାତି ୮ ଟାରୁ ୯ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ଟିକଟ୍ ବିକ୍ରୟ ଦିନ ସକାଳ ୯ଟାରୁ ଆଉ ୧୯ପ୍ଲାଟୁନ୍ ଫୋର୍ସ କାଉଣ୍ଟର୍ ସମ୍ମୁଖରେ ନିୟୋଜିତ ରହିବେ। ଗୋଟିଏ ପ୍ଲାଟୁନ୍ ମହିଳା ପୁଲିସ ଡ୍ୟୁଟି କରିବେ। ସେମାନେ ସ୍ୱତନ୍ତ୍ର ଭାବେ ଖୋଲାଯାଇଥିବା ମହିଳା ଟିକଟ୍ କାଉଣ୍ଟର୍‌କୁ ଜଗି ରହିବେ। ଟିକେଟ୍ ବିକ୍ରୟ ଆରମ୍ଭ ହେବା ପୂର୍ବରୁ ୧୦୦ଜଣ ଅଫିସର, ୫ରୁ ଅଧିକ ଏସିପି ଓ ୨ଜଣ ଏଡିସିପି ସୁରକ୍ଷା ଦାୟିତ୍ୱରେ ରହିବେ। ମୁଖ୍ୟତଃ କୌଣସି ଟିକଟ୍ ଆଶାୟୀ କାଉଣ୍ଟର ସମ୍ମୁଖରେ ବିଶୃଙ୍ଖଳା କଲେ କିମ୍ବା ନିୟମ ନମାନିଲେ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଟିକେଟ୍ ବ୍ଲାକ୍ କରିବାର ସମ୍ଭାବନା ରହିଥିବାରୁ ୪ଟି ସ୍ୱତନ୍ତ୍ର ସ୍କ୍ୱାଡ୍ କାଉଣ୍ଟର୍ ଆଖପାଖରେ ସାଦା ପୋଷାକରେ ବୁଲିବେ। ଅନ୍ୟପେଟ ଏଥର ଟିକଟ୍ ପାଇଁ ପୂର୍ବ ରାତିରୁ ଧାଡିରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯିବ। ଚଳିତ ଥର ବାଉଁଶ ବ୍ୟାରିକେଡ ନୁହେଁ ବରଂ ଲୁହା ବ୍ୟାରିକେଡ ବନ୍ଧାହେବ। ଯଦ୍ୱାରା ବାଉଁଶକୁ ଭାଙ୍ଗି ବା ତା'ଉପରେ ଚଢ଼ି ବିଶୃଙ୍ଖଳା କରୁଥିବା ଲୋକଙ୍କୁ ରୋକାଯାଇ ପାରିବ।

ପୁଲିସ ସୂଚନା ଅନୁସାରେ, ଆସନ୍ତା ୫ ତାରିଖରୁ ଷ୍ଟାଡିୟମ ଠାରେ ଖୋଲାଯାଇଥିବା କାଉଣ୍ଟର୍ ଗୁଡ଼ିକରେ ଅଫଲାଇନ୍ ଟିକଟ୍ ବିକ୍ରୟ କରାଯିବ। ଆଶାୟୀ ଦର୍ଶକମାନେ ପୂର୍ବଦିନ ସନ୍ଧ୍ୟାରୁ ଧାଡି ବାନ୍ଧି ଛିଡା ହେବାକୁ ବାରଣ କରାଯିବ। ଯଦି କୌଣସି ଲୋକ ଧାଡି ଭାଙ୍ଗନ୍ତି କିମ୍ବା ଧାଡି ଭିତରୁ ଜୋର୍‌ଜବରଦସ୍ତ ଧଶେଇ ପଶନ୍ତି, ତେବେ ତାଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ଟିକଟ୍ କାଉଣ୍ଟର ଗୁଡ଼ିକ ସମ୍ମୁଖରେ ଗୋଟିଏ ଦିନ ପୂର୍ବରୁ ଆଦୌ ଧାଡି ଲଗାଇବାକୁ ଦିଆଯିବ ନାହିଁ। ଟିକଟ୍ ବିକ୍ରୟର ଅଧଘଣ୍ଟା ପୂର୍ବରୁ ଧାଡି ବାନ୍ଧିବାକୁ ପୁଲିସ ନିବେଦନ କରିଛି ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ ପୂର୍ବ ମ୍ୟାଚ୍ ଗୁଡ଼ିକ ଭଳି ବହୁ ଦଲାଲ ଅନେକ ବ୍ୟକ୍ତିଙ୍କୁ ଧାଡିରେ ଛିଡା କରାଉଥିବା ନଜିର ରହିଛି। ସମ୍ପୃକ୍ତ ବ୍ୟକ୍ତିମାନେ ନିଜ ପାଇଁ କିମ୍ବା ନିଜ ପରିବାର ପାଇଁ ଟିକେଟ୍ କ୍ରୟ କରୁନଥିବା ବେଳେ ସେମାନଙ୍କୁ ଧାଡିରେ ଛିଡା କରାଇଥିବା ଦଲାଲଙ୍କ ପାଇଁ ଟିକଟ୍ କ୍ରୟ କରିବାକୁ ଚେଷ୍ଟା କରନ୍ତି। ଯାହାଫଳରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଛିଡା କରାଉଥିବା ଦଲାଲମାନେ ମୁଣ୍ଡପିଛା ୧୦ରୁ ଅଧିକ ଟିକଟ୍ ହାସଲ୍ କରି ପରବର୍ତ୍ତି ମୁହୂର୍ତ୍ତରେ ତାହାକୁ ଚଢ଼ା ଦରରେ ବିକ୍ରୟ କରିବାର ଉହାଦରଣ ରହିଛି। ଏଭଳି ଭାବେ ଟିକଟ୍ ବ୍ଲାକ୍ କାରବାର ହେବାର ଆଶାଙ୍କାକୁ ଦୃଷ୍ଟିରେ ରଖି ପୁଲିସ ସାଦା ପୋଷାକଧାରୀ ସ୍କ୍ୱାଡ୍ ନିୟୋଜିତ ରହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, କେହି ଯଦି ପୁଲିସର ନିୟମ ଉଲ୍ଲଙ୍ଘନ କରି ଟିକଟ୍ ବ୍ଲାକ୍ କରନ୍ତି, ତେବେ ତୁରନ୍ତ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅକ୍ଷୟ ମହାନ୍ତିଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ଦାବି



କଟକ,୧୭ ।୧୧(ସମିସ): ପ୍ରଖ୍ୟାତ କଣ୍ଠଶିଳ୍ପୀ ତଥା ସାହିତ୍ୟିକ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ କଟକ କନିକାଛକସ୍ଥିତ ଅକ୍ଷୟ ମହାନ୍ତି ପାର୍କଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥି ସହିତ ପରିଷଦର ସାଧାରଣ ସଂପାଦକ ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ତଥା ସଂଗୀତ ସଂଯୋଜକ କୈଳାସ ଚନ୍ଦ୍ର ଶତପଥୀ, ବିଶିଷ୍ଟ ସୀତାରବାଦକ ରବିଶଙ୍କର ପ୍ରଧାନ, ଅଧ୍ୟାପକ ଗୋପୀନାଥ ପଣ୍ଡା, ନିବାସଚନ୍ଦ୍ର ମିଶ୍ର, ମନ୍ମଥନାଥ ବରାଳ, ସୁରଭି ଦ୍ୱିବେଦୀ ପ୍ରାକ୍ତନ ପ୍ରଶାସକ ବଂଶୀଧର ରାଉତ, ବସନ୍ତ କୁମାର ସାହୁ, ତୁଷାରକାନ୍ତି ବୋଷ, ଶୁଭବ୍ରତ ମହାପାତ୍ର, ଶ୍ରମିକ ନେତା ଉତ୍କଳଭୂଷଣ ରାଉତରାୟ, ଦୀନବନ୍ଧୁ ସାହୁ, ଭୁବନାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ଦାଶ, ପ୍ରଭାକର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅକ୍ଷୟଙ୍କର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି କଟକର ବାଲିଯାତ୍ରା ଗେଟ୍ ସମ୍ମୁଖରେ କରାଯିବା ପାଇଁ ଅତିଥି ମାନେ ଦାବୀ କରିଥିଲେ। ଶେଷରେ ଶ୍ରୀନିବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ହ୍ୟୁମାନ ସାଗରଙ୍କ ବିୟୋଗରେ ଶୋକ

### କୋହ ସମ୍ଭାଳି ହେଉନି



କଟକ,୧୭ ।୧୧(ସମିସ): ଓଡ଼ିଆ କଥାଚିତ୍ର ଜଗତର ହ୍ୟୁମାନ୍ ଜଣେ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ପ୍ରତିଷ୍ଠିତ ଥିଲେ। ତାଙ୍କୁ ସ୍ଥାନୀୟ ଅଧିବାସୀ ଓଡ଼ିଶାର ଅରିଜିତ ସିଂ କହି ମଧ୍ୟ ସମ୍ବୋଧନ କରିଥାନ୍ତି। ତରଙ୍ଗ ଚ୍ୟାନେଲରେ ପ୍ରସାରିତ ରିୟଲିଟି ସୋ "ଭଏସ ଅଫ ଓଡ଼ିଶା ସିଜନ-୨"ରେ ବିଜୟ ଲାଭ କରି ସେ ଲୋକଲୋଚନକୁ ଆସିଥିଲେ। ସଂଗୀତ ପ୍ରତି ତାଙ୍କର ନିଶା ଯୋଗୁଁ ସେ ଡାକ୍ତରୀ ପାଠପଢ଼ା ଅଧାରୁ ଛାଡିଦେଇଥିଲେ। କଣ ଆଉ କହିବି, ମୋ ସଂଗୀତ ନିର୍ଦ୍ଦେଶନାରେ ସେ ଏକାଧିକ ଚଳଚ୍ଚିତ୍ରରେ କଣ୍ଠଦାନ କରିଛନ୍ତି। ବେଶୀ କିଛି କହିହେଉନି, ସେ ମୋର ନିଜର ହିଁ ଥିଲା-ବାସ୍ ଏତିକି ବାଷ୍ପରୁଦ୍ଧ କଣ୍ଠରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଏହା କହିଛନ୍ତି।

**- ସଂଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ**

### ଓଲିଉଡ୍ ହୀରା'କୁ ହରାଇଲା



ତରଙ୍ଗ ସିନେ ପ୍ରଡକ୍ସନର 'ଇସ୍କ ତୁ ହି ତୁ' ଚଳଚ୍ଚିତ୍ରର ମୁଖ୍ୟ ଗୀତଟି ହ୍ୟୁମାନ୍ ଗାଇଥିଲେ। ଯାହା ତାଙ୍କୁ ଶ୍ରୋତାଗଣରେ ଲୋକପ୍ରିୟ କରାଇପାରିଥିଲା। ୨୦୧୭ ମସିହାରେ ଗଜଲ ଗଜଲ ଗୀତ ନିମିତ୍ତ ସେ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ପୁରସ୍କାର ଜିତିଥିଲେ। ସେ ହଜାର ହଜାର ଗୀତ ଗାଇ ସାଢ଼େ ୪କୋଟି ଓଡ଼ିଆଙ୍କ ହୃଦୟରେ ଘର କରିଥିଲେ। ତାଙ୍କ ଅବର୍ତ୍ତମାନରେ ଓଲିଉଡ୍ ଜଗତ କୋହେନୂର ହୀରା ଖଣ୍ଡେ ହରାଇଲା ବୋଲି କୋହଭରା କଣ୍ଠରେ କହିଛନ୍ତି ହିରୋ ଅରିନ୍ଦମ୍।

**- ଅରିନ୍ଦମ୍**

### ଭାଷା'ରେ ବ୍ୟକ୍ତ କରି ପାରୁନି



ହ୍ୟୁମାନ ତୃତୀୟ ଶ୍ରେଣୀର ଛାତ୍ର ଥିବା ଅବସ୍ଥାରୁ ହିଁ ଗୁରୁ ଶୁଭ୍ରାଂଶୁ ମିଶ୍ରଙ୍କର ସହାୟତାରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ତାଙ୍କ ନିଜ ଘର ବଲାଙ୍ଗୀରର ଜିଲ୍ଲାର ଟିଟଲାଗଡ ସହରରେ। ପିଲାଟିବେଳୁ ସେ ବିଭିନ୍ନ ସଂଗୀତ ପ୍ରତିଯୋଗିତାରେ ଭାଗନେଇ ପୁରସ୍କାର ଜିତୁଥିଲେ। ତାଙ୍କର ଜେଜେବାପା ବିଭିନ୍ନ ସମ୍ବଲପୁରୀ ଲୋକଗୀତର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ହ୍ୟୁମାନ ତାଙ୍କ ବାନ୍ଧବୀ ଶ୍ରୀୟାଙ୍କ ସହ ବିବାହ କରିଥିଲେ। ତାଙ୍କର ବାପା ଜଣେ ଅଲ ଇଣ୍ଡିଆ ରେଡ଼ିଓ 'ବି' ଗ୍ରେଡ଼ ଗାୟକ, ତାଙ୍କ ମାତା ଜଣେ ସଂଗୀତସାଧିକା। ସେ ଡାକ୍ତର ହେବା ପାଇଁ ମେଡିକାଲ କଲେଜରେ ଯୋଗ ଦେଇଥିଲେ, ମାତ୍ର ସଂଗୀତ ପ୍ରତି ତାଙ୍କର ଅହେତୁକ ଭଲ ପାଇବା ଏବଂ ନିଶା ଯୋଗୁଁ ପ୍ରଥମ ବର୍ଷରୁ ହିଁ ସେ ଡାକ୍ତରୀ ପାଠପଢ଼ା ଛାଡିଦେଇ ଚାଲିଆସିଥିଲେ ସଙ୍ଗୀତର ଦୁନିଆକୁ। ତାଙ୍କ ସହିତ ମୋର ଦୀର୍ଘ ବର୍ଷର ସମ୍ପର୍କ। ସେ ଚାଲିଗଲା ପରେ ଓଡ଼ିଶା କଳାର ଜଗତର ଏକ ଅପୂରଣୀୟ କ୍ଷତି ଘଟିଛି। ଯାହା କି ଭାଷା'ରେ ବ୍ୟକ୍ତ କରିବା ସମ୍ଭବ ନୁହେଁ।

**- ଅନ୍ତରା ଚକ୍ରବର୍ତ୍ତୀ**

### ଏକ ଅପୂରଣୀୟ କ୍ଷତି



ହ୍ୟୁମାନ ଏତେ କମ୍ ବୟସରୁ ଚାଲିଯିବା ଏକ ଅପୂରଣୀୟ କ୍ଷତି। ତାକୁ ଯେତେବେଳେ ମୁଁ କୌଣସି ଭୁଲ୍ ଅଭ୍ୟାସ ପାଇଁ ବାରଣ'କରେ ସେ ରାଗେ। ମୋ ନିଜ ଭାଇଠାରୁ ସେ ଅଧିକ ଥିଲା। ସାଙ୍ଗ ହୋଇ ଓଲିଉଡ୍‌ରେ ଥିଲୁ। ଆଜି ପର କରି ଚାଲିଗଲା। ତା'ଭଳି କଣ୍ଠଶିଳ୍ପୀ ଆଉ ମିଳିବ ନାହିଁ। ସେ ଯେଉଁ ଗୀତ ଗାଉଥିଲା, ତା' ଆପଣାଛାଏଁ ହିଟ୍ ହେଉଥିଲା। ତା' କଣ୍ଠରେ ଈଶ୍ୱର ହିଁ ଥିଲେ। ସେ ଭଳି ସୁନ୍ଦର ମଣିଷକୁ ହରାଇ ଆମେ ଆଜି ମର୍ମାହତ। ଜନ୍ମ ଓ ମୃତ୍ୟୁ ଏ ତ ଈଶ୍ୱରଙ୍କ ହାତରେ। ମୋ ଭାଇ ଆଜି ପର କରି ଚାଲିଗଲା। ଏତେ ଦୁଃଖ ଦେଲା ଯେ, ଯାହାକୁ ଶବ୍ଦରେ କହିବା ସମ୍ଭବପର ନୁହେଁ। ବାସ୍ ଏତିକି କହିବି, ଯେଉଁଠି ଥା' ତୁ ଭଲରେ ଥା'।

**- ବିଷ୍ଣୁମୋହନ କବି**

## ରାସ୍ତା ନିର୍ମାଣ ପରିଦର୍ଶନ କଲେ ବିଧାୟିକା

କଟକ,୧୭।୧୧(ସମିସ): ଆଜି ବିଧାୟିକା ସୋଫିଆ ଫିରଦୋସ ସିଡିଏ ସେକ୍ଟର-୧୧ ସ୍ଥିତ ବିଭିନ୍ନ ନୂତନ ନିର୍ମାଣ ପିଚୁ ରାସ୍ତା ଗୁଡ଼ିକୁ ବୁଲି ଦେଖିଥିଲେ। ଏହି ରାସ୍ତା ଗୁଡିକ ନିର୍ମାଣ ପାଇଁ ବହୁ ଦିନରୁ ସ୍ଥାନୀୟ ଜନସାଧାରଣଙ୍କର ଦାବି ହୋଇ ଆସୁଥିଲା। ବିଧାୟିକାଙ୍କ ନିର୍ଦ୍ଦେଶ କ୍ରମେ ଆର୍ ଆଣ୍ଡ ବି ଅଧିକାରୀମାନେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମାପ୍ତ କରିଥିବାରୁ ସାଧାରଣରେ ସନ୍ତୋଷ ଓ ଉତ୍ସାହ ପ୍ରକାଶ ପାଇଥିଲା। ବିଧାୟିକା କାମର ମାନ ବିଷୟରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଆର୍ ଆଣ୍ଡ ବି ଅଧିକାରୀ ଇଂ ପ୍ରଫୁଲ୍ଲ ବେହେରା, ଇଂ ଜସ୍ମିନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ପ୍ରଦୋଶ ଦାସ, ମନୋରମା ପଣ୍ଡା, ପ୍ରଭାତୀ ପଟ୍ଟନାୟକ, ସ୍ୱାଗତିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।





କେରଳର କୋଚି ହୋଟେଲ ତାଜଠାରେ ଆୟୋଜିତ ପାର୍ଲ୍ୟାମେଣ୍ଟ ଗୃହ ଓ ନଗର ଉନ୍ନୟନ ଷ୍ଟାଣ୍ଡିଂ କମିଟିର ଷ୍ଟଡି ଟୁର୍ କାର୍ଯ୍ୟକ୍ରମରେ ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ସମ୍ବନ୍ଧୀୟ ଆଲୋଚନାଚକ୍ରରେ ଭାଗ ନେବା ସହ ସମ୍ବର୍ଦ୍ଧିତ ହେଲେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ

## ଶିଶୁଭବନରେ ଉତ୍ତେଜନା

କଟକ,୧୭।୧୧(ସମିସ): ଶିଶୁଭବନରେ ଆଜି ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସା ଅବହେଳାରୁ ପୁଅର ମୃତ୍ୟୁ ଘଟିଥିବା ଅଭିଯୋଗ ଉଠାଇ ପିପିଲି ଅଞ୍ଚଳର କିଛି ଲୋକେ ହୋହାଲ୍ଲା କରିଥିଲେ। ତେବେ ସେଠାରେ ନିୟୋଜିତ ସୁରକ୍ଷାକର୍ମୀ ଓ ସ୍ଥାନୀୟ ଲାଲବାଗ ଥାନା ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପିପିଲି ଅଞ୍ଚଳର ଏକ ୭ବର୍ଷର ଶିଶୁପୁତ୍ର ଶିଶୁଭବନରେ ୪ଦିନ ହେବ ଚିକିତ୍ସିତ ହେଉଥିଲା। ଅସୁସ୍ଥ ଶିଶୁକୁ ଭେଷଜ ବିଭାଗରେ ରଖାଯାଇଥିଲା। ତା'ର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସତ୍ତ୍ୱେ ଡାକ୍ତରମାନେ ବିଶେଷ ଦୃଷ୍ଟି ଦେଉନଥିଲେ ବୋଲି ମୃତ ଶିଶୁର ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡଃ ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## କଲେଜ ଛକରୁ ଗାଡ଼ି ଚୋରି



କଟକ, ୧୭ ।୧୧ (ସମିସ): ମାଲଗୋଦାମ ଥାନା ଅନ୍ତର୍ଗତ କଲେଜ ଛକ ଅଞ୍ଚଳରେ ଏକ ସ୍କୁଟି(ଓଆର୍୦୫ଏୟୁ-୦୨୪୮) ଚୋରି ହୋଇଯାଇଛି। ବିଜୟା ହୋଟେଲ ନିକଟରେ ଥିବା ମାନବିଳାସ ଲେନ୍‌ରୁ ଦୁର୍ବୃତ୍ତମାନେ ଏକ ଆକ୍ଟିଭା ଗାଡ଼ିକୁ ଚୋରି କରି ନେଇଛନ୍ତି। ଏହି ଚୋରିର ଭିଡ଼ିଓ ସିସି କ୍ୟାମେରାରେ କଏଦ ହୋଇଥିବା ବେଳେ ଦୁର୍ବୃତ୍ତଙ୍କ ଚେହେରା ସ୍ପଷ୍ଟ ଉତ୍ତୋଳନ ହୋଇଛି। ପିୟୂଷ ଅଗ୍ରୱାଲ୍ ଏହି ଚୋରି ସମ୍ପର୍କରେ ଥାନାରେ ଏତଲା ଦେଇଛନ୍ତି। ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଦୁର୍ବୃତ୍ତଙ୍କୁ ଠାବ କରାଯାଇ ପାରିନାହିଁ।

## ସାମ୍ବାଦିକ ସାରଦା ନନ୍ଦଙ୍କୁ ଜଷ୍ଟିସ ଆର.କେ. ଦାସ ସ୍ମାରକୀ ପୁରସ୍କାର



କଟକ,୧୭।୧୧(ସମିସ): ପ୍ରବୀଣ ପେସାଦାର ସାମ୍ବାଦିକ ସାରଦା ପ୍ରସନ୍ନ ନନ୍ଦ ଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ "ଜଷ୍ଟିସ ଆର.କେ.ଦାସ ସ୍ମାରକୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଉଭୟ ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଜଷ୍ଟିସ ରାଜକିଶୋର ଦାସ ସ୍ମୃତି ପରିଷଦ ପକ୍ଷରୁ ଏହି ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା ଓ ତାମ୍ରଫଳକ ପ୍ରଦାନ କରାଯିବ। ଏହା ବ୍ୟତୀତ ଆଇନସେବା ପାଇଁ ଗୁରୁ ପ୍ରସାଦ ମହାନ୍ତି, ବିଜ୍ଞାନ ପାଇଁ ପ୍ରଫେସର ଡ. କୁଳମଣି ପରିଡା, ସାହିତ୍ୟ ପାଇଁ ସାରସ୍ୱତ ସାଧକ ଦାଶ ବେନହୁର, ସମାଜସେବା ପାଇଁ ପ୍ରମୋଦିନୀ ନାୟକ ଓ ସାମ୍ବାଦିକତା ପାଇଁ ଦେବ ପ୍ରସାଦ ଚାଟର୍ଜୀ "ଜଷ୍ଟିସ ଆରକେ ଦାସ ସ୍ମାରକୀ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ମାସ ୧୬ ତାରିଖ ସନ୍ଧ୍ୟାରେ ସାରଳା ଭବନରେ ହେବାକୁ ଥିବା ଜଷ୍ଟିସ ଦାସଙ୍କ ସ୍ମୃତି ସଭାରେ ଏହି ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯିବ। ଗତକାଲି ରାଜକିଶୋର ଭବନ ଠାରେ ଅନୁଷ୍ଠିତ ପରିଷଦ ସଭାରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଭାପତି ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କାର୍ଯ୍ୟକାରୀ ସଭାପତି ଡ. ସୁଲୋଚନା ଦାସ, ସାଧାରଣ ସଂପାଦକ ଡ. ସତ୍ୟ ରାୟ, ସଂପାଦକ ପ୍ରକାଶ ରଞ୍ଜନ ବାରିକ, ସଂଗଠନ ସଂପାଦକ ଶଶିଭୂଷଣ ଦାସ ଓ ବିଷ୍ଣୁ ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## କଦମରସୁଲ ଅଞ୍ଚଳରେ ବ୍ୟାପିଲା କାମଳ

**ଆକ୍ରାନ୍ତଙ୍କ ଭିତରେ ଅଧିକ ଶିଶୁ**

**ଝଡ଼ାଫୁଙ୍କାକୁ ଭରସା କରିଛନ୍ତି ପରିବାର**

କଟକ,୧୭।୧୧(ସମିସ):

କଦମରସୁଲ ଅଞ୍ଚଳରେ କାମଳ ବ୍ୟାପିବାରେ ଲାଗିଛି। ଗତ ୭ ଦିନ ଭିତରେ ସ୍ଥାନୀୟ ଅଞ୍ଚଳରୁ ୧୭ରୁ ଅଧିକ ଶିଶୁ କାମଳ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତମାନଙ୍କ ବୟସ ୧୨ବର୍ଷରୁ କମ୍ ହେବ। ତେବେ ନିକଟରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ ଥିବା ସତ୍ତ୍ୱେ ବହୁ ଆକ୍ରାନ୍ତ ଶିଶୁଙ୍କୁ ସେଠାରେ ଚିକିତ୍ସା କରାଯିବା ବଦଳରେ ସାଲେପୁରକୁ ନେଇ ପରିବାର ଲୋକେ ଝଡାଫୁଙ୍କା କରାଉଥିବା ଜଣାପଡ଼ିଛି। ଏଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ଆକ୍ରାନ୍ତ ଶିଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ଏ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ନଦେଲେ ସ୍ଥିତି ସଙ୍ଗୀନ ହୋଇଯିବ ବୋଲି କୁହାଯାଉଛି।

କିଛି ମାସର ବ୍ୟବଧାନ ପରେ କଟକ ମହାନଗର ନିଗମ ଅଞ୍ଚଳରେ କାମଳ ପୁଣି ଥରେ କାୟା ବିସ୍ତାର କରିଛି। ନିଗମର ସ୍ୱାସ୍ଥ୍ୟ ବିଭାଗର ଟିମ୍ ଆଜି ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ସେଠାକାର ବାସିନ୍ଦାଙ୍କ ଭିତରୁ ୩୦ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ତନ୍ମଧ୍ୟରୁ ୩ ଜଣ କାମଳ ଆକ୍ରାନ୍ତ ଥିବା ସ୍ପଷ୍ଟ ହୋଇଛି। ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶିବିର ଆୟୋଜନ ମଧ୍ୟ ହୋଇଛି। ହେଲେ ଆକ୍ରାନ୍ତ ଶିଶୁଙ୍କ ଅଭିଭାବକ ଚିକିତ୍ସା ବ୍ୟବସ୍ଥା ଉପରେ ଭରସା ନକରିବା ଦୁର୍ଭାଗ୍ୟଜନକ। ମିଳିଥିବା ସୂଚନା ମୁତାବକ, କିଛି ଦିନ ହେବ କଦମରସୁଲ ଓ କାଠଗଡ଼ା ସାହି ଅଞ୍ଚଳରେ ପିଲାମାନେ ଅସୁସ୍ଥ ହେବାରେ ଲାଗିଛନ୍ତି। ଆଖି ହଳଦିଆ ପଡ଼ିବାରୁ ସେମାନଙ୍କ ପରିବାର ଲୋକେ ପିଲାଙ୍କୁ ନେଇ ଝଡାଫୁଙ୍କା କରୁଛନ୍ତି। କେଇ ହାତ ଦୂରରେ ସିଟି ହସ୍ପିଟାଲ ଥିବା ସତ୍ତ୍ୱେ ୩୦ କିଲୋମିଟର ଦୂର ସାଲେପୁର ଅଞ୍ଚଳକୁ ନେଇ ଝଡାଫୁଙ୍କା କରୁଥିବା କଥା ସାମ୍ନାକୁ ଆସିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ସ୍ଥାନୀୟ ଅଞ୍ଚଳ ଯାଞ୍ଚ କରିବା ପରେ କେତେକ ପାଣି ପାଇପ୍ ଲାଇନ୍ ନର୍ଦ୍ଦମା ଭିତରେ ବୁଡ଼ି ରହିଥିବା ଦେଖିବାକୁ ମିଳିଥିଲା। ୱାଟ୍‌କୋ ଅଧିକାରୀମାନେ ପହଞ୍ଚି ପାଇପ୍ ଗୁଡ଼ିକୁ ବଦଳାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ କଦମରସୁଲ ଅଞ୍ଚଳରୁ ଏହା ଯେପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପିବ ଏହା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମହାନଗର ସ୍ୱାସ୍ଥ୍ୟାଧିକାରୀ ନୃପେନ୍ଦୁ କୁମାର ଶତପଥୀ କହିଛନ୍ତି।

## ଲାଲା ଲଜପତ୍ ରାୟଙ୍କ ବଳିଦାନ ଦିବସ



କଟକ,୧୭।୧୧(ସମିସ): ହରିପୁର ଦୋଳମୁଣ୍ଡାଇ ସାହି ବାସିନ୍ଦାଙ୍କ ପକ୍ଷରୁ ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟଙ୍କ ୯୭ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏନେଇ ହରିପୁର ଛକ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ଆଇନଜୀବୀ ଲିଙ୍ଗରାଜ ହାତୀ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସିଏମସି ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, ଲଲାଟେନ୍ଦୁ ବଡୁ, ସନାତନ ସ୍ୱାଇଁ, ସୌମ୍ୟରଞ୍ଜନ ପ୍ରଧାନ, ପ୍ରକାଶ ମୂଳିଆ, ରଞ୍ଜିତ ମୂଳିଆ, ଝୁଲୁ ଦାସ, ଦେବାଶିଷ ପାଢ଼ୀ, ଅଶୋକ ପ୍ରଧାନ ପ୍ରମୁଖ ଯୋଗଦେବା ସହିତ ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112






ହ୍ୟୁମାନ ସାଗରଙ୍କ ଶେଷ ଦର୍ଶନ ପାଇଁ ସୋମବାର ରାତିରେ ଏମ୍ସ ପରିସରରେ ପରିଜନ ଓ ପ୍ରଶଂସକଙ୍କ ଭିଡ଼

### ବିଡିଓଙ୍କ ପିସି କାରବାରରେ ଅତିଷ୍ଠ ଶ୍ରମିକ

# ସାମ୍ବାଦିକ ସମ୍ମିଳନୀରେ ସମୂହ ଗର୍ଜିଲେ ସରପଞ୍ଚ

## ଅନ୍ୟତ୍ର ବଦଳି କରା ନ ଗଲେ ଧାରଣା ଚେତାବନୀ

ବହଳଦା/ରାଇରଙ୍ଗପୁର,୧୭।୧୧(ସମିସ): ପିସି ନ ପାଇଲେ ବାବୁଙ୍କ କଲମ ଚାଲୁନି। ଟେବୁଲ୍ ଉପରେ ଫାଇଲ ପଡ଼ିପଡ଼ି ଧୂଳି ଜମିଯାଉଛି, ହେଲେ ପିସି ନମିଳିବା ପର୍ଯ୍ୟନ୍ତ ବାବୁ ତାକୁ ଆଡ଼ ଆଖିରେ ବି ଚାହୁଁନାହାନ୍ତି। ମନରେଗା ଯୋଜନାରେ ବି ଗରିବ, ଖଟିଖିଆଙ୍କ ମଜୁରି ଉପରେ ବାବୁଙ୍କ ଆଖି। ୨ ପ୍ରତିଶତ ପିସି ନଦେଲେ ବିଲ୍ ପାସ୍ ହେଉନି। ବହଳଦା ବ୍ଲକ୍ ଉନ୍ନୟନ ଅଧିକାରୀ(ବିଡିଓ) ଶରତ କୁମାର ମଲ୍ଲିକଙ୍କ ବିରୋଧରେ ଏପରି ସାଂଘାତିକ ଅଭିଯୋଗ ଆଣି ୧୨ଟି ପଞ୍ଚାୟତର ସରପଞ୍ଚ ଆଜି ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି। ଶୀଘ୍ର ବିଡିଓଙ୍କୁ ଅନ୍ୟତ୍ର ବଦଳି କରାନଗଲେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ସମସ୍ତ ସରପଞ୍ଚ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ଜିଲ୍ଲା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ସେମାନେ ଲିଖିତ ଅଭିଯୋଗ କରିଛନ୍ତି।

ସରପଞ୍ଚମାନଙ୍କ ଅଭିଯୋଗ ହେଲା, ବିଡିଓ ଶ୍ରୀ ମଲ୍ଲିକ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) କାର୍ଯ୍ୟର ପାରିଶ୍ରମିକ ପୈଠ ପାଇଁ ମଧ୍ୟ ୨ପ୍ରତିଶତ ଲାଞ୍ଚ ମାଗୁଛନ୍ତି। ଲାଞ୍ଚ ନ ଦେଲେ ସଂପୃକ୍ତ ଉନ୍ନୟନ ପ୍ରକଳ୍ପର ଫାଇଲକୁ ଜାଣିଶୁଣି ପକାଇ ରଖୁଛନ୍ତି। ଖାଲି ସେତିକି ନୁହେଁ, ପ୍ରତ୍ୟେକ ଏନ୍ଆରଜିଏସ୍ ପ୍ରକଳ୍ପରେ କେବଳ ୨୫ଜଣ ଶ୍ରମିକ କାର୍ଯ୍ୟ କରିପାରିବେ ବୋଲି ବିଡିଓ ଶ୍ରୀ ମଲ୍ଲିକ ନିଜେ ନିୟମ ଲାଗୁ କରିଛନ୍ତି। ୨୫ରୁ ଅଧିକ ଶ୍ରମିକ କାମରେ ଲାଗିଲେ, ଶ୍ରମିକ ପିଛା ୧୦୦୦ଟଙ୍କା ଲାଞ୍ଚ ମାଗୁଛନ୍ତି। ଏଥିଯୋଗୁଁ ଗ୍ରାମାଞ୍ଚଳର ଗରିବ ଶ୍ରମିକ କାମ ପାଇବାରୁ ବଞ୍ଚିତ ହେବା ସହ ଅଭାବ ଅନଟନରେ ଚଳିବାକୁ ବାଧ୍ୟ ହେଉଛନ୍ତି। ଏପରିକି, କାମ ଅନ୍ୱେଷଣରେ ସେମାନେ ବାହାର ରାଜ୍ୟକୁ ଦାଦନ ଖଟି ଯିବାକୁ ବାଧ୍ୟ ହେଉଛନ୍ତି। ପ୍ରକଳ୍ପର ଫାଇଲ ବିଡିଓଙ୍କ ପାଖରେ ଦୀର୍ଘଦିନ ପଡ଼ି ରହିବା ଫଳରେ ପାରିଶ୍ରମିକ ପାଇଁ ଶ୍ରମିକମାନେ ସରପଞ୍ଚଙ୍କ ଦ୍ୱାରସ୍ଥ ହେଉଛନ୍ତି। ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟରେ ବହଳଦା ବିଡିଓ ଲାଞ୍ଚ ନେଉଛନ୍ତି। ପ୍ରତ୍ୟେକ ଫାର୍ମପଣ୍ଡ ପୋଖରୀ ଖୋଳାରେ ୫୦୦ ଟଙ୍କା ଏବଂ ଲ୍ୟାଣ୍ଡ ଡେଭେଲପମେଣ୍ଟ (ଚାଷଜମି ସମତଳ) ପ୍ରକଳ୍ପରେ ସେ ୩୦୦ଟଙ୍କା ଲେଖାଏଁ ଲାଞ୍ଚ ନେଉଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି। ଏଭଳି ଦୁର୍ନୀତିଖୋର୍ ଅଧିକାରୀଙ୍କ କାର୍ଯ୍ୟକଳାପରେ ସମସ୍ତେ ଅତିଷ୍ଠ ହୋଇପଡ଼ିଲେଣି। ତେଣୁ ଦୁର୍ନୀତି ନିବାରଣ ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏଠାରୁ ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବାକୁ ସେମାନେ ଦାବି କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଗମ୍ଭାରିହା ସରପଞ୍ଚ ବୈଦେହୀ ହେମ୍ବ୍ରମ, ଭିତରମଡା ସରପଞ୍ଚ ଖତ୍ରୀ କିସ୍କୁ, ବାସିଙ୍ଗି ସରପଞ୍ଚ ମାହି ମୁର୍ମୁ, ଅଁଳାଯୋଡ଼ା ସରପଞ୍ଚ ସଲମା ମାଝୀ, ବହଳଦା ସରପଞ୍ଚ ଲକ୍ଷ୍ମୀ ହାଁସଦା, ବଡ଼ପଇସା ସରପଞ୍ଚ ଗୀତରାଣୀ ହାଁସଦା, ଅସନା ସରପଞ୍ଚ ବାଲେଶ୍ୱର ମୁର୍ମୁଙ୍କ ସମେତ ଅନ୍ୟାନ୍ୟ ସରପଞ୍ଚ ଉପସ୍ଥିତ ଥିଲେ। ଏ ନେଇ ବିଡିଓ ଶ୍ରୀ ମଲ୍ଲିକଙ୍କ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

### ବ୍ରହ୍ମପୁର ଚଳଚ୍ଚିତ୍ର ମହୋତ୍ସବ

# ଡଲି ଅପାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ




ବ୍ରହ୍ମପୁର, ୧୭।୧୧ (ସମିସ): ଗଞ୍ଜାମ କଳା ପରିଷଦ 'ଲକ୍ଷ୍ୟ' ଓ ବ୍ରହ୍ମପୁର ଫିଲ୍ମ ଆସୋସିଏସନ୍ କ୍ଲବ୍ ପକ୍ଷରୁ ଆୟୋଜିତ 'ବ୍ରହ୍ମପୁର ଚଳଚ୍ଚିତ୍ର ମହୋତ୍ସବ-୨୦୨୫'ରେ ବର୍ଷୀୟାନ ଅଭିନେତ୍ରୀ ନମ୍ରତା ଦାଶ (ଡଲିଅପା)ଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ମନୋଜ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମେୟର୍ ସଂଘମିତ୍ରା ଦଳାଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଧାରାବାହିକ ଅଭିନେତା ଅଭିଷେକ, ସତ୍ୟ ନାରାୟଣ, ମେଜର ରମାରମଣ ପାଢ଼ୀ, ଡ଼ା ରାଜେନ୍ଦ୍ର ବେହେରା, କୃଷ୍ଣଚରଣ ସିଂହ, ସୁଶାନ୍ତ ସାବତ, କାଳୀଚରଣ ସାହୁ, ମନୋଜ ଦଣ୍ଡପାଟ୍, ସୀମାଞ୍ଚଳ ବାରିକ ଓ କେଦାର ଆପ୍ପା ଯୋଗ ଦେଇଥିଲେ। ତେଲୁଗୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜଗା ରାଓ, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ କୁମାର ପତି, ଧାରାବାହିକ ନିର୍ଦ୍ଦେଶକ ଆଲୋକ କୁମାର ପରିଡ଼ା, ଅଭିନେତା ଅରବିନ୍ଦ ଷଡ଼ଙ୍ଗୀ, ଗଣେଶ୍ୱର ମହାରଣା ଓ ମାଂକେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ବିଭିନ୍ନ ସ୍ଥାନରୁ ଭାଗ ନେଇଥିବା ପ୍ରତିଯୋଗୀମାନେ ଆନିମେସନ୍, ଡକ୍ୟୁମେଣ୍ଟାରୀ, କ୍ଷୁଦ୍ର ଓ ଫିଚର ଫିଲ୍ମ ପ୍ରଦର୍ଶିତ କରିଥିଲେ। ସେହିପରି ସଂଧ୍ୟାରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହିଅବସରରେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱମାନଙ୍କୁ 'ସିନେ ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା।

# ଡଃ ସୁରେନ୍ଦ୍ର ସେନାପତି ଏସିଆ ମହାଦେଶ ବିକିରଣ ଚିକିତ୍ସକ ସଂଘ ସଦସ୍ୟ



କଟକ, ୧୭।୧୧(ସମିସ): ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର୍ ଡାକ୍ତର ସୁରେନ୍ଦ୍ରନାଥ ସେନାପତି ଫେଡେରେସନ୍ ଅଫ୍ ଏସିଆନ ସୋସାଇଟି ଫର୍ ରେଡିଏସନ୍ ଅଙ୍କୋଲୋଜିଷ୍ଟ (ଫାରୋ)ର କାଉନସିଲ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଚଳିତ ମାସରେ ଥାଇଲାଣ୍ଡର ଚିଆଙ୍ଗମାଇଠାରେ ଅନୁଷ୍ଠିତ ଏସିଆ ମହାଦେଶ ବିକିରଣ ଚିକିତ୍ସକ ସଂଘର ବାର୍ଷିକ ଅଧିବେଶନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସଂଘ ଏସିଆର ୧୫ଟି ରାଷ୍ଟ୍ର ଯଥା ଭାରତ, ଚୀନ, ଜାପାନ, ଇଣ୍ଡୋନେସିଆ, କୋରିଆ, ବଙ୍ଗଳାଦେଶ, ମାଲେସିଆ, ମଙ୍ଗୋଲିଆ, ମ୍ୟାଁମାର, ନେପାଳ, ଫିଲିପାଇନ, ପାକିସ୍ତାନ, ଶ୍ରୀଲଙ୍କା, ସିଙ୍ଗାପୁର ଓ ଥାଇଲାଣ୍ଡକୁ ନେଇ ଗଠିତ। ଏହି ଦେଶମାନଙ୍କ ମଧ୍ୟରେ ଭାରତର ଅଗ୍ରଣୀ ଭୂମିକା ରହିଛି। ଏହି ସମ୍ମିଳନୀରେ ୮୩୭ଜଣ ବିକିରଣ ବିଶେଷଜ୍ଞ ଯୋଗ ଦେଇଥିଲେ।

# ଏପରି ଅନିୟମିତତା କୌଣସି ନିର୍ବାଚନରେ ଦେଖାଯାଇ ନ ଥିଲା: ଭକ୍ତ ଦାସ

ଭୁବନେଶ୍ୱର,୧୭।୧୧(ସମିସ): ଓଡ଼ିଶା ଓ ଛତିଶଗଡ଼ର ଦୁଇ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ଭୋଟ ପାଇଁ ଅଧିଆ ପଡ଼ିଥିଲେ; ଏବେ ଟ୍ରିପଲ୍ ଇଂଜିନ ସରକାର। ତେଣୁ ଉଭୟ ମୁଖ୍ୟମନ୍ତ୍ରୀ ମହାନଦୀ ପାଇଁ ଏକାଠି ବସି ଦୁଇମାସ ଭିତରେ ଏହି ସମସ୍ୟା ସମାଧାନ କରନ୍ତୁ ବୋଲି ଦାବି କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସୋମବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ନୂଆପଡ଼ା ଉପନିର୍ବାଚନରେ ଶାସକ ଦଳର ଅର୍ଥ ବଳ ଓ ସରକାରୀ କଳର ଅପବ୍ୟବହାର ପାଇଁ ଭର୍ତ୍ସନା କରିବା ସହିତ ମହାନଦୀ ବିବାଦର ସମାଧାନ କରିବାକୁ ଆହ୍ୱାନ ଦେଇଛନ୍ତି।

ଭକ୍ତ କହିଛନ୍ତି ଯେ ନୂଆପଡ଼ାରେ ଯେଭଳି ବ୍ୟାପକ ଅନିୟମିତତା ଓ ପଇସାର ଖେଳ ହୋଇଛି, ଏପରି ଚାଲିଲେ ଆଉ ନିର୍ବାଚନ ଲଢ଼ିହେବ କି ନା ସନ୍ଦେହ। ଆମେ ଭୋଟ୍ ଚୋରି କଥା ଉଠେଇଲୁ, ସେମାନେ ଭୋଟ୍ ଲୁଟ୍ କରି କି ଦେଖେଇ ଦେଲେ। ୪୧ ଗୋଟି ବୁଥ୍‌ରେ ୯୦ରୁ ଅଧିକ ପ୍ରତିଶତ ଭୋଟ୍ ପଡ଼ିଛି। ଏପରି ଉଦାହରଣ ବିରଳ। ବିଜୟୀ ପ୍ରାର୍ଥୀ ହିମାଂଶୁ ଲାଲଙ୍କ ପାଦଛୁଇଁ ଆଶୀର୍ବାଦ ନେଲେ। ତାଙ୍କ ବିଜୟର ପଥ ସୁଗମ କରିଥିବାରୁ ଆଶୀର୍ବାଦ ନେଲେ କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଠିକ୍ ନିର୍ବାଚନ ସମୟରେ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଅବ୍ୟାହତି ଦେଇ ସରକାରୀ ଦଳର ଚାଟୁକାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱ ଦିଆଗଲା। କରିତକର୍ମା ହିମାଂଶୁ ଲାଲ ସିଧାସଳଖ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିଲେ। ଯାହା ବିଜୟୀ ପ୍ରାର୍ଥୀଙ୍କ ହିମାଂଶୁ ଲାଲଙ୍କୁ ମୁଣ୍ଡିଆ ମାରିବା ସୂଚାଇ ଦେଉଛି ବୋଲି ଭକ୍ତ କହିଛନ୍ତି। ଭକ୍ତ ଆହୁରି କହିଛନ୍ତି ଯେ ଗୋଟିଏ ରାଜନୈତିକ ଦଳ ନୂଆପଡ଼ାର କୌଣସି ପଞ୍ଚାୟତରେ ସଭା କରିନାହାନ୍ତି କି ତାଙ୍କ ପ୍ରାର୍ଥୀ ଯାଇନାହାନ୍ତି। ହେଲେ ସେ ନିର୍ବାଚନରେ ବିଜୟୀ ହୋଇଛନ୍ତି। ବିଜେପି ସରକାରୀ କଳର ସମ୍ପୂର୍ଣ୍ଣ ଅପବ୍ୟବହାର, ଭୋଟ ଚୋରି, ଏଭିଏମ୍ ଚଞ୍ଚକତା, ସହ ସହ ନେତା ନେତ୍ରୀଙ୍କ ପ୍ରଚାର ଓ ପ୍ରସାର ଏବଂ ଅନୈତିକ ଉପାୟରେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରି ନିର୍ବାଚନ ଜିତିଛି ବୋଲି ଭକ୍ତ ଅଭିଯୋଗ କରିଛନ୍ତି। ଭାରତ ବର୍ଷର ନିର୍ବାଚନୀ ଇତିହାସରେ କେବେ ଘଟି ନ ଥିବା ଘଟଣା ନୂଆପଡ଼ାରେ ଘଟିଛି। ଏସବୁର ଉତ୍ତର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିଶ୍ଚୟ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ବିକଶିତ ନୂଆପଡ଼ାର ନକ୍ସା ତିଆରି କରି ଆମେ ଲୋକଙ୍କ ପାଖକୁ ଯାଇଥିଲୁ। ଇସ୍ତାହାର ମାଧ୍ୟମରେ କଂଗ୍ରେସ ଅବଦାନ କଣ ଥିଲା ଏବଂ ନୂଆପଡ଼ାକୁ ବିକାଶ ସ୍ରୋତରେ ଅଣାଯିବାର କାର୍ଯ୍ୟକ୍ରମ ବିଷୟରେ ଗୋଟି ଗୋଟି କରି କହିଥିଲୁ। ଆମ ପ୍ରାର୍ଥୀଙ୍କୁ ୪୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଛି, କଂଗ୍ରେସ ଦଳ ପାଇଁ ଏହା ଏକ ଉପଲବ୍ଧି ବୋଲି ସେ କହିଛନ୍ତି।



■ ନୂଆପଡ଼ାରେ ଭୋଟ ଚୋରି ନୁହେଁ; ବିଜେପି ଭୋଟ ଲୁଟ୍ କରିଛି
■ ଦୁଇ ମୁଖ୍ୟମନ୍ତ୍ରୀ ଅଧିଆ ପଡ଼ିଥିଲେ; ଏବେ ମହାନଦୀ ବିବାଦ ସମାଧାନ କରନ୍ତୁ

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଦଣ୍ଡ

କଟକ, ୧୭।୧୧ (ସମିସ): ଜଣେ ୯ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକସୋ ଆଇନ ଧାରା ୬ ଅନୁସାରେ ଅଭିଯୁକ୍ତ ତଥା କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ବାହାବଳପୁର ମହାଜନପୁର ଗ୍ରାମର ବାସିନ୍ଦା ମୁନା ସିଂହ (୨୨)କୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଏକବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଅଦାଲତ କହିଛନ୍ତି। ସେହିଭଳି, ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ମାମଲାରୁ ପ୍ରକାଶ, ଗତ ୨୦୨୫ ମେ' ୨ ତାରିଖ ଦିନ ୨ଟାରେ ନାବାଳିକାଜଣଙ୍କ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ମୁନା ଘରେ ପଶି ଜୋରଜବରସ୍ତ ଦୁଷ୍କର୍ମ ଉଦ୍ୟମ କରିଥିଲା। ନାବାଳିକାଙ୍କ ଚିତ୍କାର ଶୁଣି ପିଉସୀ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିଲା। ଗତ ମେ' ୮ ତାରିଖରେ ପୁଲିସ ତାକୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି।

# ଯଖପୁରାରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ଦାନଗଦି, ୧୭।୧୧ (ସମିସ) : ଯାଜପୁର ଜିଲ୍ଲା ଯଖପୁରା- ଜେନାପୁର ରେଲୱେ ଷ୍ଟେସନ ମଧ୍ୟରେ ଥିବା ମାନତିରା ପାଟ ନିକଟରେ ଏକ ମାଲବାହୀ ଟ୍ରେନ୍ ସୋମବାର ରାତିରେ ଲାଇନଚ୍ୟୁତ ହୋଇଛି। ଏଥିରେ ଟ୍ରେନ୍‌ର ପାଖାପାଖି ୪ଟି ବଗି ଲାଇନଚ୍ୟୁତ ହୋଇଛି। ମାଲବାହୀ ଟ୍ରେନ୍‌ଟି ଟ୍ରାକ୍‌ଚେଞ୍ଜ କରୁଥିବା ସମୟରେ ଏଭଳି ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି। ଖବର ପାଇ ରେଳ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚ ଟ୍ରାକ୍‌ରେ ପୁନର୍ବାର ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି। ତେବେ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଏକ କାରଖାନାରୁ ପାରାଦୀପ ଯାଉଥିବା ସମୟରେ ଏଭଳି ଘଟଣା ଘଟିଥିବା କୁହାଯାଉଛି।

### ■ ଶାନ୍ତିପଲ୍ଲି ବସ୍ତିବାସିନ୍ଦାଙ୍କ ଦ୍ୱିତୀୟ ପର୍ଯ୍ୟାୟ ବାସଗୃହ ନିର୍ମାଣ ପାଇଁ ବାଟ ଫିଟିଲା

# ସ୍ଥିତାବସ୍ଥା ହଟାଇବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

କଟକ,୧୭।୧୧(ସମିସ): ଭୁବନେଶ୍ୱର ଶାନ୍ତିପଲ୍ଲି ବସ୍ତିବାସିନ୍ଦାଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ହିତାଧିକାରୀଙ୍କ ବାସଗୃହ ନିର୍ମାଣ ଓ ଆବଣ୍ଟନ ପାଇଁ ବାଟ ଫିଟିଛି। ଗତ ୨୦୨୩ରୁ ବିଚାରାଧୀନ ଥିବା ମାମଲାରେ ରହିଥିବା ଅନ୍ତରୀଣ ରହିତାଦେଶକୁ ହଟାଇବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। କେତେକ ବସ୍ତିବାସିନ୍ଦାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଏବଂ ସେମାନଙ୍କ ପୂର୍ବପୁରୁଷମାନେ ଦଶନ୍ଧି ଦଶନ୍ଧି ଧରି ଶାନ୍ତିପାଲି ବସ୍ତିରେ ବାସ କରିଆସୁଛନ୍ତି। ତଥାପି ସରକାରୀ ଜମି ଉପରେ ସେମାନଙ୍କର ଦଖଲ। ସରକାରୀ ଜମିକୁ ଦୀର୍ଘ ଏବଂ ନିରନ୍ତର ଦଖଲ ସେମାନଙ୍କୁ ମାଲିକାନା କିମ୍ବା ଦଖଲରେ ରହିବାର ଅନିର୍ଦ୍ଦିଷ୍ଟ ଅଧିକାର ପ୍ରଦାନ କରେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କୁ ନିର୍ଦ୍ଧାରିତ ସମୟରେ ଟ୍ରାଞ୍ଜିଟ୍ ସେଣ୍ଟର୍‌ରେ ସର୍ବନିମ୍ନ ମୌଳିକ ସୁବିଧା ପ୍ରଦାନ କରି ଥଇଥାନ କରାଯିବ। ଯେଉଁ ହିତାଧିକାରୀମାନେ ଚାଲିଥିବା ବାସଗୃହ ପ୍ରକଳ୍ପ ପାଇଁ ସେମାନଙ୍କ ଦେୟ ପ୍ରଦାନ କରିନପାରିବେ, ସେମାନଙ୍କୁ ବିଏମ୍‌ସି ଏବଂ ବିଡିଏ ବ୍ୟାଙ୍କ ଋଣ ସହାୟତା ସମେତ ଆର୍ଥିକ ସୁବିଧା ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଏକ ତଦାରଖ କମିଟି ଗଠନ କରାଯାଇ ଗୃହ ବଣ୍ଟନର ନିରପେକ୍ଷତା, ଟ୍ରାଞ୍ଜିଟ ସୁବିଧାର ଏବଂ ଆର୍ଥିକ ସହାୟତାର ସୁବିଧା ତଦାରଖ କରାଯିବ।

ବିଡିଏ ଓ ବିଏମ୍‌ସି ପକ୍ଷରୁ ଦାଖଲ ସତ୍ୟପାଠ ଅନୁସାରେ ବିଏମସି ଦ୍ୱାରା ୮୪୯ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି, ଯେଉଁଥିରୁ ପ୍ରଥମ ପର୍ଯ୍ୟାୟରେ ୫୬୨ଟି ବାସଗୃହ ନିର୍ମାଣ ଶେଷ ହୋଇସାରିଛି। ଏମାନଙ୍କ ମଧ୍ୟରୁ ୪୬୨ ଜଣ ହିତାଧିକାରୀଙ୍କୁ ଘର ବଣ୍ଟନ ହୋଇଛି । କିନ୍ତୁ ଅନେକ ଜମି ଖାଲି କରିନାହାନ୍ତି ଓ ଧାର୍ଯ୍ୟ ହୋଇଥିବା ସେମାନଙ୍କର ହିତାଧିକାରୀ ଅବଦାନ ଦେଇନାହାନ୍ତି । ତେବେ ଅଦାଲତଙ୍କ ଗତ ୨୦୨୩ ଅଗଷ୍ଟ ୭ର ସ୍ଥିତାବସ୍ଥା ପାଇଁ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିଥିଲା। ଏବେ ଅଦାଲତଙ୍କ ଆଦେଶ ପରେ ଏଥିପାଇଁ ବାଟ ଫିଟିଛି। ମାମଲାରୁ ପ୍ରକାଶ ଯେ,ଏହି ବସ୍ତିର କେତେକ ବାସିନ୍ଦା 'ଜାଗା ମିଶନ'ରେ ସୁବିଧା ପାଇବା ପାଇଁ ହକଦାର ବୋଲି ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ମଣିପାଲ ହସ୍ପିଟାଲ୍‌କୁ ଶ୍ରେଷ୍ଠ ମଲ୍ଟି-ସ୍ପେସିଆଲିଟି ପ୍ରାଇଭେଟ୍ ହସ୍ପିଟାଲ ପୁରସ୍କାର




ଭୁବନେଶ୍ୱର,୧୭।୧୧(ସମିସ): ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପୁଣିଥରେ ଏକ ଗୌରବ ଜନକ ସଫଳତା ଅର୍ଜନ କରିଛି। ଦେଶବ୍ୟାପୀ "ଦି ଉଇକ୍-ହନ୍ସା ରିସର୍ଚ୍ଚ ସର୍ଭେ ୨୦୨୫: ବେଷ୍ଟ ହସ୍ପିଟାଲସ୍ ଇନ ଇଣ୍ଡିଆ" ଅନୁସାରେ ଭୁବନେଶ୍ୱରର ଶ୍ରେଷ୍ଠ ମଲ୍ଟି-ସ୍ପେସିଆଲିଟି ପ୍ରାଇଭେଟ୍ ହସ୍ପିଟାଲ ଭାବେ ମଣିପାଲ ହସ୍ପିଟାଲଙ୍କୁ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ଉପସ୍ଥିତିରେ ଦିଲ୍ଲୀ ଲୋକସଭା ସାଂସଦ ବନସୁରୀ ସ୍ୱରାଜ ପୁରସ୍କାର ପ୍ରଦାନ କରିଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ମଣିପାଲ ହସ୍ପିଟାଲ କ୍ଲଷ୍ଟର ଡାଇରେକ୍ଟର(ସାଉଥ ଇଷ୍ଟ) ଡାକ୍ତର ଶକ୍ତିମୟ ମହାପାତ୍ର ତାଙ୍କ ସହିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଡାଇରେକ୍ଟର (ଅର୍ଥୋପେଡିକ୍ସ) ଡାକ୍ତର ସୁନିଲ ଦାଶ ଏବଂ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ସିନିୟର କନସଲଟାଣ୍ଟ ଡାକ୍ତର ହରପ୍ରୀତ କୌର ପୁରସ୍କାର ଗ୍ରହଣ କରିଥିଲେ। ଏହି ସମ୍ମାନ ଆମ ଡାକ୍ତରଙ୍କ ଅଭିଜ୍ଞତା, ନିଷ୍ଠା ଓ କ୍ଲିନିକାଲ ଉତ୍କର୍ଷରେ ଆଧାରିତ ଜାତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ମଣିପାଲ ହସ୍ପିଟାଲ ଚେୟାରମ୍ୟାନ ଡାକ୍ତର ସୁଦର୍ଶନ ବଲ୍ଲାଲ କହିଛନ୍ତି।

# ବିଜେପି-କଂଗ୍ରେସ 'ବିଭୀଷଣ' ଲଢ଼େଇ

## ଦଳରେ ବିଭୀଷଣ ଥିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ: ଭକ୍ତ

## କଂଗ୍ରେସରେ ଅଛନ୍ତି ୭୦ ପ୍ରତିଶତ ବିଭୀଷଣ: ମୋହନ


ଭୁବନେଶ୍ୱର,୧୭।୧୧(ସମିସ): ନୂଆପଡ଼ା ଉପ ନିର୍ବାଚନ ଫଳ ଆସିବା ପରେ 'ବିଭୀଷଣ'କୁ ନେଇ ଆରମ୍ଭ ହୋଇଛି ବିଜେପି-କଂଗ୍ରେସ ଲଢ଼େଇ। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଦଳରେ ବିଭୀଷଣ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ମନ୍ତବ୍ୟ ଉପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଟିପ୍ପଣୀ ରାଜ୍ୟ ରାଜନୀତିକୁ ଉଷ୍ମ କରିଛି। କଂଗ୍ରେସ ଯଦି ନିଜ ଦଳରେ ଥିବା ବିଭୀଷଣଙ୍କୁ ଦଣ୍ଡବିଧାନ କରିବ, ତାହେଲେ ରାଜ୍ୟରେ କଂଗ୍ରେସ ଶୂନ୍ୟ ହୋଇଯିବ କହି ତାଚ୍ଛଲ୍ୟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ ସବୁ ଦଳରେ ବିଭୀଷଣ ଥାଆନ୍ତି। ଆମ ଦଳରେ ବିଭୀଷଣ ଥିବା ନେଇ କିଛି କଥା ଶୁଣିବାକୁ ପାଉଛୁ; ଏନେଇ ତଦନ୍ତ ଜାରି ରହିଛି। ଯଦି ତଦନ୍ତରେ ଏହା ଜଣାପଡ଼େ, ତାହେଲେ ନିଶ୍ଚିତଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭକ୍ତ କହିଥିଲେ। ପୂର୍ବରୁ ନୂଆପଡ଼ା ଉପନିର୍ବାଚନରେ ଦଳ ମଧ୍ୟରେ ଅନ୍ତର୍ଘାତୀ କାର୍ଯ୍ୟ ନେଇ ଭକ୍ତ ଇସାରା ଦେଇଥିଲେ।

ଭକ୍ତଙ୍କ ସାମ୍ବାଦିକ ସମ୍ମିଳନୀର ଦିନକ ପରେ ଭକ୍ତଙ୍କ ଉପରୋକ୍ତ ବୟାନକୁ ନେଇ କଟାକ୍ଷ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସେ କହିଛନ୍ତି ଯେ ବିଭୀଷଣଙ୍କୁ ଛଡ଼ାଯିବ ନାହିଁ ବୋଲି ଭକ୍ତବାବୁ କହୁଛନ୍ତି; ସେମାନଙ୍କୁ ଛାଡ଼ିବା କଥା ମଧ୍ୟ ନୁହେଁ। ଯଦି କଂଗ୍ରେସ ବିଭୀଷଣଙ୍କୁ ଦଣ୍ଡବିଧାନ (ନିଲମ୍ବନ, ବହିଷ୍କାର) କରିବ, ତାହେଲେ କଂଗ୍ରେସ ଦଳ ରାଜ୍ୟରେ ଶୂନ୍ୟ ହୋଇଯିବ। କାହିଁକିନା ଦଳରେ ୭୦ ପ୍ରତିଶତରୁ ଅଧିକ ଲୋକେ ସେ କାମ କରିଥିବେ ବୋଲି ମୁଖ୍ୟମନ୍ତ୍ରୀ କଟାକ୍ଷ କରି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏପରି ମନ୍ତବ୍ୟ କଂଗ୍ରେସର ଆଭ୍ୟନ୍ତରୀଣ ରାଜନୈତିକ କନ୍ଦଳକୁ ଦୃଷ୍ଟିରେ ରଖି କହିଥିବା ମନେ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଏପରି ବୟାନକୁ ନେଇ କଂଗ୍ରେସ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲେ ସୁଦ୍ଧା ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।



# ସମ୍ପାଦକୀୟ



ପ୍ରକୃତି-ମଣିଷ ମଧ୍ୟରେ ନୈସର୍ଗିକ ସମ୍ପର୍କର ପୁନଃପ୍ରତିଷ୍ଠା ଦ୍ୱାରା ବିଶ୍ୱର ପ୍ରମୁଖ ସମସ୍ୟାର ସମାଧାନ ସମ୍ଭବ।
-ସୁନ୍ଦରଲାଲ୍ ବହୁଗୁଣା

ସକାଳ
THE SAKALA

## ସମବାୟକୁ ସୁଯୋଗ

ଇଣ୍ଟରନେଟ୍‌ରେ କାରବାର ବା ବ୍ୟବସାୟ ଉପରେ ନିର୍ଭରଶୀଳତା ଦିନକୁ ଦିନ ବୃଦ୍ଧି ପାଉଛି। ପାରମ୍ପରିକ ବଜାର ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡୁଛି। ଆମାଜନ ଓ ଫ୍ଲିପକାର୍ଟ ଭଳି କମ୍ପାନୀର ପ୍ରାଧାନ୍ୟ କବଳରୁ ଆମଦେଶର ଆଭ୍ୟନ୍ତରୀଣ ବଜାରକୁ ସୁରକ୍ଷା ଦେବା ସକାଶେ ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ଓଏନଡିସି ନାମରେ ଡିଜିଟାଲ ମାର୍କେଟିଂ ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ତାହା ଆଶାନୁରୂପ ଅଗ୍ରଗତି ଲାଭ କରିପାରିନାହିଁ। ତେଣୁ ସମବାୟ ଭିତ୍ତିରେ ପ୍ରସ୍ତୁତ ସାମଗ୍ରୀର ବିପଣନ ଓ ବଜାର ସୃଷ୍ଟି କରିବାରେ ଓଏନଡିସି ସହାୟତାର ହାତ ବଢ଼ାଇବ। ସମବାୟ ମନ୍ତ୍ରାଳୟ ସହ ଏନେଇ ଆରମ୍ଭ ହୋଇଥିବା କଥାବାର୍ତ୍ତା ବେଶ ଅଗ୍ରଗତି ଲାଭ କରିଥିବାରୁ ଗ୍ରାମୀଣ ସ୍ତରରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଥିବା କାରିଗର ଓ ହସ୍ତଶିଳ୍ପୀ ଏକ ବୃହତ୍ତର ବଜାର ମାଧ୍ୟମରେ ସ୍ୱାଭାବିକ ଭାବେ ଲାଭବାନ ହେବେ ବୋଲି ଆମେ ଆଶା କରିବା। ବିଭିନ୍ନ ସମବାୟ ଗୋଷ୍ଠୀର ବିକ୍ରି ଖରିଦ ବ୍ୟବସ୍ଥା ଓଏନଡିସିର ତାଲିକାଭୁକ୍ତ ହେବାକୁ ପଡ଼ିବ। ଆର୍ଥିକ ଦୃଷ୍ଟିରୁ ଦୁରବସ୍ଥାରେ ଥିବା ଦୁଇ ସଂଗଠନ ଏବେ ହାତ ମିଳାଇ ସମୃଦ୍ଧି ଓ ସମ୍ଭାବନାର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। କିନ୍ତୁ ଏହି ମିଳିତ ପ୍ରୟାସ ଆମାଜନ ଓ ଫ୍ଲିପକାର୍ଟ ସଂସ୍ଥାର କେତେଦୂର ସମକକ୍ଷ ହୋଇପାରିବେ ତାହା ବଡ଼ ପ୍ରଶ୍ନ।

ସରକାରଙ୍କ ପ୍ରୋତ୍ସାହନ ସତ୍ତ୍ୱେ ଓଏନଡିସି ଉପଭୋକ୍ତା ବା ଖରିଦାରଙ୍କ ବିଶ୍ୱାସଭାଜନ ହୋଇପାରି ନଥିଲା। ଏବେ ସମବାୟ ସମିତି ମାଧ୍ୟମରେ ଉତ୍ପାଦିତ ସାମଗ୍ରୀ ପାଇଁ ବଜାରର ଆସ୍ଥାଭାଜନ ହେବା ଓଏନଡିସି ପାଇଁ ଏକ ସୁଯୋଗ। କାରଣ ଆମାଜନ ଓ ଫ୍ଲିପକାର୍ଟ ଭଳି ସଂସ୍ଥା ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଏହି ଉତ୍ପାଦନ କ୍ଷେତ୍ର ପ୍ରତି ଯଥୋଚିତ ଗୁରୁତ୍ୱ ଦେଇପାରିନାହାନ୍ତି। ଉପଭୋକ୍ତା ବଜାରରେ ସେସବୁର ଚାହିଦା ଏବେ ମଧ୍ୟ ରହିଛି। ଅନ୍ୟ ଏକ ଦିଗ ହେଉଛି ରିଜର୍ଭବ୍ୟାଙ୍କ ସମବାୟ ବ୍ୟାଙ୍କର ଅଂଶଧନ ପୁଞ୍ଜିବଜାରରେ ବିନିଯୋଗ ବା ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି କରିବାର ସୂଚନା ଦେଇଛନ୍ତି। ଏଥିଲାଗି ପ୍ରସ୍ତୁତ ଚିଠା ନୀତି ଓ ନିୟମ ପ୍ରସ୍ତୁତ କରିଛନ୍ତି। ଏହା ଚଳିତ ଆର୍ଥିକ ବର୍ଷର ଶେଷଭାଗରେ ଚୂଡ଼ାନ୍ତ ରୂପ ନେବ। ଏଥିମଧ୍ୟରେ ବିଭିନ୍ନ ସମବାୟ ବ୍ୟାଙ୍କ ଓ ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ଶୀର୍ଷ ସଂଗଠନ ଏନୟୁସିଏଫଡିସ ପକ୍ଷରୁ ରିଜର୍ଭବ୍ୟାଙ୍କର ଏହି ପ୍ରସ୍ତାବ ସଂପର୍କରେ ଅନୁକୂଳ ମତାମତ ମିଳିଛି। ଏହା ବ୍ୟାଙ୍କର ପୁଞ୍ଜି ଅଭିବୃଦ୍ଧି ଏବଂ ଅନାଦେୟ ପୁଞ୍ଜି ସମସ୍ୟା ସମାଧାନରେ ସହାୟକ ହେବ। ଏମିତିରେ ଦେଖିବାକୁ ଗଲେ ସମବାୟ ବ୍ୟାଙ୍କଗୁଡ଼ିକୁ ସଦସ୍ୟଙ୍କ ଅନୁଦାନ ଓ ଜମାରାଶି ଉପରେ ନିର୍ଭର କରିବାକୁ ପଡୁଛି। ସ୍ଥଳ ବିଶେଷରେ ଏବିଏଫସି କିମ୍ବା ଅନ୍ୟବ୍ୟାଙ୍କରୁ ଋଣ କରିବାର ବାଧ୍ୟବାଧକତା ରହିଛି। ତେବେ କମ୍ପାନୀ ଆଇନ କିମ୍ବା ସେବିର ପରିସରଭୁକ୍ତ ହୋଇନଥିବାରୁ ଏକ୍ଷେତ୍ରରେ ଥିବା ପ୍ରତିବନ୍ଧକ କିପରି ଦୂର ହୋଇପାରିବ ସେନେଇ ଚିଠା ପ୍ରସ୍ତାବରେ ବ୍ୟବସ୍ଥା ରହିଛି। ଏଥିମଧ୍ୟରେ ଏନୟୁସିଏଫ୍‌ଡିସି ନିଜସ୍ୱ ନିୟାମକ ସଂଗଠନ ଯୋଗ୍ୟତା ହାସଲ କରିବାକୁ ଯାଉଥିବାରୁ ତଥାକଥିତ ପ୍ରତିବନ୍ଧକ ଦୂର ହେବ ବୋଲି ଆଶାକରୁ। ସମବାୟ ସଂସ୍ଥାର ଦୁର୍ନୀତି ଓ ଦୁର୍ନାମ ସର୍ବଜନବିଦିତ। ତେବେ ସଂସ୍ଥାକୁ ଆଗାମୀ ଦିନରେ ସକ୍ଷମ ଓ ସମୃଦ୍ଧ କରିବା ପାଇଁ ହେଉଥିବା ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ। ●

## ବାଲିଯାତ୍ରା ବ୍ୟବଚ୍ଛେଦ

ଐତିହ୍ୟ ପରମ୍ପରା ଓ ପ୍ରସିଦ୍ଧି ଦୃଷ୍ଟିରୁ କଟକ ବାଲିଯାତ୍ରା ଅନନ୍ୟ। ଏହି ଉତ୍ସବର ଆୟୋଜନ, ପ୍ରାୟୋଜନ ଓ ପରିଚାଳନା ମୁଖ୍ୟତଃ ସିଏମସି ତୁଲାଇ ଆସିଛି। ପ୍ରଥମଥର ସକାଶେ ସିଏମସିକୁ ବାଦ ଦେଇ ଜିଲ୍ଲା ପ୍ରଶାସନ ହିଁ ସର୍ବେସର୍ବା ହୋଇଛି। ଏଠାରେ ଆମେ ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉତ୍ଥାପନ କରିବାକୁ ଚାହୁଁ। ଆରମ୍ଭରୁ ବାଲିଯାତ୍ରା ଉପରପଡ଼ିଆରେ ସୀମିତ ଥିଲା। ଗଡ଼ଗଡ଼େଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ହିଁ ଯାତ୍ରା ସକାଶେ ଉତ୍ସବ ମୁଖର ହୋଇପଡ଼େ। ସମୟକ୍ରମେ ମହାନଦୀ ସଂକୁଚିତ ହେବା ସହ କୂଳ ଦୂରକୁ ଘୁଞ୍ଚିଯିବାରୁ ସୃଷ୍ଟି ହୋଇଥିବା ନୂଆ ବାଲୁକା ପଠାକୁ ସଂପ୍ରସାରିତ ହୋଇଥିଲା ବାଲିଯାତ୍ରା। କିନ୍ତୁ ଏହା ଅର୍ଥ ନୁହେଁ ଉପର ପଡ଼ିଆ ଗୁରୁତ୍ୱ ହରାଇଛି। ଜିଲ୍ଲା ପ୍ରଶାସନ ଓ ସିଏମସି ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା ଉପର ପଡ଼ିଆକୁ ନେଇ। ସମସ୍ତଙ୍କ ଦାବିକୁ ଏଡ଼ାଇ ଯାଇ ଜିଲ୍ଲାପ୍ରଶାସନ ଉପର ପଡ଼ିଆକୁ ବାଲିଯାତ୍ରାକୁ ଏକପ୍ରକାର ବାଦ ଦେଲେ। ଏହି ପ୍ରତିବାଦ ଓ ପ୍ରତିରୋଧ ଜିଲ୍ଲା ପ୍ରଶାସନ ପାଇଁ ଅସହଣୀୟ ହୋଇଗଲା ଏବଂ ଉଦ୍ଦେଶ୍ୟମୂଳକ ଭାବେ କେବଳ ସିଏମସିକୁ ନୁହେଁ ସହରର ପ୍ରଥମ ନାଗରିକ ମେୟରଙ୍କୁ ଅଣଦେଖା ଓ ଅସମ୍ମାନ କରାଗଲା। ଏପରିକି ଉଦ୍‌ଯାପନ ଉତ୍ସବ ନିମନ୍ତ୍ରଣପତ୍ରରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଲା ନାହିଁ। ଲୋକପ୍ରତିନିଧି ଯେଉଁ ଦଳର ହୁଅନ୍ତୁ ନା କାହିଁକି ତାଙ୍କୁ ପ୍ରଶାସନ ଅମର୍ଯ୍ୟାଦା ବା ଅସମ୍ମାନ କରିପାରିବ ନାହିଁ।

ବାଲିଯାତ୍ରାର ବ୍ୟବଚ୍ଛେଦ କଲାବେଳେ ମେୟର ଓ ପୁଲିସି ଡିଜିଙ୍କ ପ୍ରତିକ୍ରିୟା ସ୍ୱତନ୍ତ୍ର ଉଲ୍ଲେଖ ଦାବି କରେ। ୨୦୨୪ ମସିହାରୁ ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନକୁ ବିରୋଧ କରି ଆସିଥିବା ଜିଲ୍ଲାପାଳ ଏଥର ସମସ୍ତ ଦାୟିତ୍ୱ ହାତକୁ ନେଇ ତାଙ୍କ ଉଦ୍ଦେଶ୍ୟକୁ ସାକାର କରିଛନ୍ତି। ସହରର ଛୋଟମୋଟ ବେପାରୀଙ୍କ ପେଟକୁ ନାତ ମାରିଛନ୍ତି। କଟକରେ ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ପୁଲିସ ଡିଜି ୱାଇ. ଭି.ଖୁରାନିଆ କହିଛନ୍ତି ଯେ ପର୍ବପର୍ବାଣି ଓ ଯାତ୍ରା ସମୟରେ ମେଗାଷ୍ଟାରମାନଙ୍କୁ ଡାକିବା କଥା କି ନୁହେଁ ସେ ସଂପର୍କରେ ଆୟୋଜକମାନେ ବହୁ ଭାବିଛନ୍ତି ବିଚାର କରିବାର ଅଛି। ବାଲିଯାତ୍ରା ଉତ୍ସବର ପରିବର୍ଦ୍ଧିତ ଦିବସରେ ଦେଶର ସବୁଠାରୁ ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲଙ୍କୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆମନ୍ତ୍ରଣ କରାଯାଇଥିଲା। ତେଣୁ ଅନିୟନ୍ତ୍ରିତ ଓ ଅସମ୍ଭାଳ ଭିଡ଼କୁ ସମ୍ଭାଳିବା ସକାଶେ ପୁଲିସ ନାକେଦମ ହୋଇଯାଇଥିଲା। ଶୃଙ୍ଖଳାରକ୍ଷା ସକାଶେ ପୁଲିସକୁ ମଧ୍ୟ କିଛି କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ବହୁ ଯାତ୍ରୀ ଆହତ ଓ ଚେତାଶୂନ୍ୟ ହୋଇପଡ଼ିଥିଲେ। ଜିଲ୍ଲା ପ୍ରଶାସନର ମନମାନି ଯୋଗୁଁ ନିୟନ୍ତ୍ରଣ ପାଇଥିବା ବହୁ ସମ୍ମାନିତ ବ୍ୟକ୍ତି ଆସନ ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ଓ ଘୋଷିତ ନାଟକ ପ୍ରଦର୍ଶନକୁ ମଧ୍ୟ ସୁଯୋଗ ମିଳିନଥିଲା। ସଫେଇ ପାଇଁ ୩୫ ଲକ୍ଷ ଟଙ୍କାରେ ଟେଣ୍ଡର ପାଇଥିବା ସଂସ୍ଥାର ଖାମଖିଆଲି ଯୋଗୁଁ ପଡ଼ିଆର ସବୁସ୍ଥାନରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା। ଏସବୁ ଅବ୍ୟବସ୍ଥା ପାଇଁ ଆମେ କାହାକୁ ଦାୟୀ କରିବା! ଆମକୁ ପୁଣି ଥରେ କହିବାକୁ ପଡୁଛି ସରକାର ବା କ୍ଷମତା ବଦଳିପାରେ। କିନ୍ତୁ ବ୍ୟବସ୍ଥା ଅତୁଟ ରହିବା ଉଚିତ। ●

# କୃଷିକ୍ଷେତ୍ରରେ ଜୀବନାଶକ: ଏକ ଅନାହୂତ ଆବଶ୍ୟକତା

ବିଦ୍ୟାଧର ମହାରଣା

କୃଷି ପରିସଂସ୍ଥାରେ ଫସଲ ସହିତ ଅନିଷ୍ଟକ ଜୀବ ଓ ଉପକାରୀ ଜୀବ ସନ୍ତୁଳିତ ଅବସ୍ଥାରେ ରହନ୍ତି। ଆମେ ଯେତେବେଳେ ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର ବ୍ୟବହାର କରୁ ସେତେବେଳେ କୃଷି ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଇ ଫସଲରେ ଅଧିକ ଅନିଷ୍ଟକାରୀ ଜୀବ (ଘାସ, କୀଟ, କବକ, ବ୍ୟାକ୍ଟେରିଆ, ଭୂତାଣୁ) ଦେଖାଯାଆନ୍ତି। ସେମାନଙ୍କୁ ଦମନ କରିବାକୁ ଚାଷୀ ଅଧିକ ରାସାୟନିକ ବିଷ ପ୍ରୟୋଗ କରିବା ଫଳରେ ଅଧିକ ଖର୍ଚ୍ଚାନ୍ତ ହୁଏ ଏବଂ ପରିବେଶ ପ୍ରଦୂଷିତ ହୋଇ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରେ।

ସବୁଜବିପ୍ଳବ ପରେ ଏପରି ରାସାୟନିକ ବିଷଗୁଡ଼ିକର ବ୍ୟବହାର ଏକ ଅନାହୂତ ଆବଶ୍ୟକତା ହୋଇପଡ଼ିଛି। ଭାରତରେ 'କୀଟନାଶକ ଆଇନ୍ ୧୯୬୮' ଏବଂ 'କୀଟନାଶକ ନିୟମ ୧୯୭୩' ଏବେ ବି ପ୍ରଚଳିତ। ଏହାର ଉଦ୍ଦେଶ୍ୟ ଥିଲା ଫସଲରେ ଅନିଷ୍ଟକାରୀ ଜୀବ ନିୟନ୍ତ୍ରଣ ପାଇଁ ନିରାପଦ ରାସାୟନିକ ଦ୍ରବ୍ୟ ପ୍ରସ୍ତୁତ ଓ ବିକ୍ରୟ ମାଧ୍ୟମରେ ଉପଯୁକ୍ତ ମାନର କୀଟନାଶକ ଓ ରୋଗନାଶକ ଉଚିତ ମୂଲ୍ୟରେ ପଞ୍ଜୀକୃତ ବିକ୍ରେତାଙ୍କ ଦ୍ୱାରା ଚାଷୀଙ୍କୁ ଯୋଗାଇଦେବା। ଯୁଗ୍ମସଂସଦୀୟ କମିଟି ୪୬ ରିପୋର୍ଟ-୨୦୨୩ ଅନୁସାରେ ଭାରତରେ ବାର୍ଷିକ ପ୍ରାୟ ୫୦, ୦୦୦ କୋଟି ଟଙ୍କାର ଅନିଷ୍ଟକାରୀ ଜୀବନାଶକ କାରବାର ହୁଏ, ଯାହାମଧ୍ୟରୁ ତୃଣନାଶକ ୪୪%, କବକ ନାଶକ ୨୭%, କୀଟନାଶକ ୨୨% ଓ ଅନ୍ୟାନ୍ୟ ୭%। ସାରାବିଶ୍ୱରେ ବର୍ଷକୁ ପ୍ରାୟ ୪, ୫୦, ୦୦୦ କୋଟି ଟଙ୍କାର ଏପରି ରାସାୟନିକ ବିଷ କାରବାର ହୁଏ। ବିଶ୍ୱରେ ବର୍ଷରେ ୪୧, ୨୨, ୦୦୦ ଟନ୍ ମଧ୍ୟରୁ ଚୀନ ସବୁଠାରୁ ଅଧିକ ୧୭, ୬୩, ୦୦୦ ଟନ୍ ବିଷାକ୍ତ ଦ୍ରବ୍ୟ ବ୍ୟବହାର କରେ, ଯାହାକି ବିଶ୍ୱର ୪୩%। ଆମେରିକା ୧୦% ଓ ବ୍ରାଜିଲ ୯% ବ୍ୟବହାର କଲା ବେଳେ ଭାରତ ମାତ୍ର ୧% ବ୍ୟବହାର କରୁଛି। ଏହା ହେକ୍ଟର ପ୍ରତି ମାତ୍ର ୦.୫ କିଲୋଗ୍ରାମ। ଅନ୍ୟ କେତେକ ଦେଶ ହେକ୍ଟର ପ୍ରତି ୧୭ କିଲୋଗ୍ରାମ ପର୍ଯ୍ୟନ୍ତ କୀଟନାଶକ ବ୍ୟବହାର କରୁଛନ୍ତି। ସୁତରାଂ ଭାରତରେ ଅତିରିକ୍ତ କୀଟନାଶକ ବ୍ୟବହାର ହେଉଥିବା ଅଭିଯୋଗ ତଥ୍ୟ ଉପରେ ଆଧାରିତ ନୁହେଁ। ବରଂ ଯୁଗ୍ମ ସଂସଦୀୟ କମିଟି ଅଧିକ ଖାଦ୍ୟ ଉତ୍ପାଦନ ପାଇଁ ଜୀବନାଶକ ବ୍ୟବହାର ବୃଦ୍ଧି କରିବା ସହିତ ଅଧିକ ବିଷାକ୍ତ କୀଟନାଶକ ଧୀରେ ଧୀରେ ହ୍ରାସ କରି ଅଧିକ ଜୈବ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି।

ଏବେ କିନ୍ତୁ ଭାରତରେ ଜୈବ କୀଟନାଶକ ବିକ୍ରି ମୋଟ ଜୀବନାଶକ ବିକ୍ରିର ମାତ୍ର ୪.୨%। ଭାରତରେ ଜୀବନାଶକ କମ୍ପାନୀ ମଧ୍ୟରେ ୟୁ.ପି.ଏଲ୍ ଲିମିଟେଡ, କରମଣ୍ଡଳ, ପି.ଆଇ.ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ବାୟାର କ୍ରପ ସାଇନ୍ସ ଲିମିଟେଡ୍, ଧାନୁକା ଆଗ୍ରିଟେକ୍ ଓ ଏଫ୍.ଏମ. ସି କର୍ପୋରେସନ ଇତ୍ୟାଦି ପ୍ରଧାନ। ବିଦେଶୀ କମ୍ପାନୀ ହିସାବରେ ବାୟାର କ୍ରପ୍ ସାଇନ୍ସ, ବି.ଏ.ଏସ.ଏଫ, ସିନଜେଣ୍ଟା, କୋରଟେଭ ଆଗ୍ରି ସାଇନ୍ସ, ସୁମିଟୋମୋ କେମିକାଲସ ଇତ୍ୟାଦି ଭାରତରେ ଅଧିକ ସକ୍ରିୟ। କେବଳ ଦିଲ୍ଲୀରେ ୭୯ କୀଟନାଶକ ପ୍ରସ୍ତୁତକାରୀ ଅଛନ୍ତି। କିନ୍ତୁ କେତେକ କମ୍ପାନୀ ନକଲି କୀଟନାଶକ ବିକ୍ରୟ କରିବା ଯୋଗୁଁ ଫସଲରେ ରୋଗପୋକ ନିୟନ୍ତ୍ରିତ ହୋଇପାରୁନାହିଁ ଏବଂ ଏଥିଯୋଗୁଁ ଚାଷ ଅଧିକ କ୍ଷତିଗ୍ରସ୍ତ ହେଉଛି। ଋଣ ଶୁଝି ନପାରି କେତେକ କୃଷକ ଆତ୍ମହତ୍ୟା କରିବାର ଖବର ପ୍ରକାଶ ପାଉଛି। ମୋଟ ଜୀବନାଶକର ପ୍ରାୟ ୨୦-୩୦% ନକଲି ହେବାର ଜଣାଯାଉଛି, ଯାହାର ବଜାର ମୂଲ୍ୟ ୩୦୦୦-୩୫୦୦ କୋଟି ଟଙ୍କା ହୋଇପାରେ।

ନକଲି ଜୀବନାଶକ ବିକ୍ରି ହେବାର କାରଣଗୁଡ଼ିକ ହେଲା ଚାଷୀଙ୍କ ସଚେତନତା ଅଭାବ, ଯୋଗାଣ ଶୃଙ୍ଖଳା ଅବ୍ୟବସ୍ଥା, ନିୟମିତ ନମୁନା ପରୀକ୍ଷା ଅଭାବ, ପ୍ରସ୍ତୁତକାରୀ ଓ ଖୁଚୁରା ବ୍ୟବସାୟ ସ୍ଥାନରେ ଅପମିଶ୍ରଣ। ଏହାଯୋଗୁଁ ବର୍ଷକୁ ଦେଶରେ ୧୦ ନିୟୁତ ଟନ୍ ଖାଦ୍ୟଶସ୍ୟ ହାନି, ପରିବେଶ ପ୍ରଦୂଷଣ ଓ ଅର୍ଥନୈତିକ ପ୍ରଭାବ ଦେଖାଯାଏ। ନକଲି ଜୀବନାଶକ ନମୁନା ଯେତିକି ପରୀକ୍ଷା କରାଯାଉଛି, ତାହା କ୍ଷୁଦ୍ର ପ୍ରସ୍ତୁତକାରୀଙ୍କ ଠାରୁ ୨୪% ଓ ବଡ଼ କମ୍ପାନୀମାନଙ୍କରୁ ୧%। ଅପମିଶ୍ରିତ ଜୀବନାଶକ ଯୋଗୁଁ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟହାନି ମଧ୍ୟ ଘଟୁଛି। ଆଇନ୍ ଅନୁସାରେ ନିମ୍ନମାନର କୀଟନାଶକ ବିକ୍ରୟ କ୍ଷେତ୍ରରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ଅଧିକ ବିପଦପୂର୍ଣ୍ଣ କ୍ଷେତ୍ରରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ପାଞ୍ଚ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇପାରେ। ଏହି କାରଣରୁ ନକଲି କୀଟନାଶକ କିପରି ଜାଣିବେ ସେ ବିଷୟରେ ଚାଷୀଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି।

ଆମ ଦେଶରେ ୨୯୩ ଜୀବନାଶକ ବ୍ୟବହାର ପାଇଁ ପଞ୍ଜୀକୃତ ହୋଇଛି। ଏଥିରୁ ବିପଦପୂର୍ଣ୍ଣ ଭାବେ ପରିଗଣିତ ୧୩୦ ଜୀବନାଶକ ବିଭିନ୍ନ ଦେଶରେ ଅସିଦ୍ଧ ଘୋଷିତ ହେଲାଣି। ଭାରତ ସରକାର ମଧ୍ୟ ୨୮ ଗୋଟିର ପ୍ରସ୍ତୁତି ଓ ବିକ୍ରୟ ପାଇଁ, ୪ଟିର ଆମଦାନୀ ଓ ପ୍ରସ୍ତୁତ ପାଇଁ ଏବଂ ଦୁଇଟିକୁ ରପ୍ତାନୀ କରିବା ପାଇଁ ଅସିଦ୍ଧ କରିଛନ୍ତି। ମନୋକ୍ରୋଟୋଫସ, କାର୍ବୋଫୁରାନ, ମେଥୋମିଲ, ଟ୍ରାଇଜାଫସ, ଡାଇକ୍ଲୋରୋଭସ, ଏଣ୍ଡୋସଲଫାନ, ଡି.ଡି.ଟି ଓ କ୍ଲୋରୋପାଇରିଫସ୍ କୀଟନାଶକ ସମ୍ପୂର୍ଣ୍ଣ ଅସିଦ୍ଧ ଘୋଷିତ ହୋଇଛି।

ଦିଲ୍ଲୀର ଟକସିକ୍ ଲିଙ୍କ ନାମକ ସଂସ୍ଥା ୨୦୨୩ ମସିହାରେ ମନୋକ୍ରୋଟୋଫସ, କାର୍ବୋଫୁରାନ, ପାରାକଟ୍, ଗ୍ଲାଇଫୋସେଟ୍, ମାଙ୍କୋଜେବ ଓ କାର୍ବେଣ୍ଡାଜିମ୍ ଜୀବନାଶକ ଉପରେ କରିଥିବା ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ବିଭିନ୍ନ ରାଜ୍ୟରେ ୫୦ରୁ ୮୬% ଚାଷୀ କୀଟନାଶକ ବିକ୍ରେତାଙ୍କ ପରାମର୍ଶ ଅନୁସାରେ ଫସଲରେ ଜୀବନାଶକ ପ୍ରୟୋଗ କରନ୍ତି ବୋଲି ଜଣାପଡ଼ିଛି। ପଞ୍ଜାବର ୧୭% ଚାଷୀ ଅତି ବିଷାକ୍ତ କୀଟନାଶକ ସପକ୍ଷରେ ଅଛନ୍ତି। ଅଧିକାଂଶ ଚାଷୀ କୀଟନାଶକ ପ୍ରୟୋଗ ସମୟରେ କୌଣସି ସତର୍କତା ଅବଲମ୍ବନ କରନ୍ତି ନାହିଁ। ଏପରିକି ୫୯% ଚାଷୀ ଅନୁମୋଦିତ ମାତ୍ରାଠାରୁ ଅଧିକ କୀଟନାଶକ ପ୍ରୟୋଗ କରୁଛନ୍ତି। ବଜାରରେ ବିକ୍ରି ହେଉଥିବା କୀଟନାଶକଗୁଡ଼ିକ ଚାରିରଙ୍ଗର ଠିକିରି ଚିହ୍ନ ଦ୍ୱାରା ଚିହ୍ନିତ କରାଯାଏ। ସବୁଜ ରଙ୍ଗ ସାମାନ୍ୟ ବିଷ, ନୀଳ ରଙ୍ଗ ମଧ୍ୟମ, ହଳଦିଆ ରଙ୍ଗ ଅଧିକ ବିଷ ଓ ନାଲି ରଙ୍ଗ ତୀବ୍ର ବିଷ ଭାବେ ସୂଚୀତ କରେ। ଫସଲରେ ଏହି ବିଷ ପ୍ରୟୋଗ ପରେ ଅମଳ କରିବା ପୂର୍ବରୁ ସର୍ବନିମ୍ନ ନିରାପଦ ସମୟ ଅପେକ୍ଷା କରିବା ଆବଶ୍ୟକ। ଅତିକମରେ ସବୁଜ ପାଇଁ ୭ ଦିନ, ନୀଳ ପାଇଁ ଦୁଇ ସପ୍ତାହ, ହଳଦିଆ ପାଇଁ ୩ ସପ୍ତାହ ଓ ନାଲି ପାଇଁ ୪ ସପ୍ତାହ ହେବା ବିଧେୟ।

ନୋବେଲ ବିଜୟିନୀ ରାକେଲ କାର୍ସନ 'ନିରବ ବସନ୍ତ' ପୁସ୍ତକରେ କୀଟନାଶକକୁ ପ୍ରାଣୀନାଶକ କହିଛନ୍ତି ଏବଂ ସେ ଏହାର ସୁଦୂରପ୍ରସାରୀ ପ୍ରଭାବ ବର୍ଣ୍ଣନା କରିବା ଫଳରେ ଡି. ଡି. ଟି କୀଟନାଶକ ନିଷିଦ୍ଧ ହୋଇଥିଲା। ସେ ପ୍ରାକୃତିକ ଉପାୟରେ କୀଟ ନିୟନ୍ତ୍ରଣ ପାଇଁ ପରାମର୍ଶ ଦେଇଥିଲେ। ସେଥିପାଇଁ ସେ ୧୯୬୨ ରେ ନୋବେଲ ପୁରସ୍କାର ପାଇଥିଲେ। ଏହାର କିଛିବର୍ଷ ପରେ ଏଚ୍. ଏଫ୍.ଭାନ ଏମଡେନ ଓ ଡେଭିଡ ବି. ପିକଲ 'ନିରବ ବସନ୍ତ ପରେ' ପୁସ୍ତକ ରଚନା କରି ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ବାହାର କଲେ। ଉଦ୍ଭିଦ ସୁସ୍ଥସବଳ ହେଲେ ରୋଗପୋକ ବିରୁଦ୍ଧରେ ଲଢ଼ିପାରିବେ। ଜଳ ଓ ଖାଦ୍ୟସାର ନିୟନ୍ତ୍ରଣ କଲେ ଫସଲ କ୍ଷେତ୍ରରେ ଉପକାରୀ କୀଟପତଙ୍ଗ ସହଜରେ ବଂଶବୃଦ୍ଧି କରି ପ୍ରାକୃତିକ ଉପାୟରେ ଅପକାରୀ କୀଟ ଓ ରୋଗକୁ ନିୟନ୍ତ୍ରଣ କରନ୍ତି। ଏହାଛଡ଼ା କର୍ଷଣ ନିୟନ୍ତ୍ରଣ ଓ ରୋଗପୋକ ସହନଶୀଳ ବିହନ ବ୍ୟବହାର କରିବା ଦ୍ୱାରା ରୋଗପୋକ ଆକ୍ରମଣ କମିଥାଏ। ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କୌଶଳଗୁଡ଼ିକ ହେଲା ସହନଶୀଳ କିସମ ବ୍ୟବହାର, କର୍ଷଣ ନିୟନ୍ତ୍ରଣ, ଫସଲ ପର୍ଯ୍ୟାୟ ଅନୁସରଣ, ଭୌତିକ ଓ ଯାନ୍ତ୍ରିକ ନିୟନ୍ତ୍ରଣ, ଜୈବ ନିୟନ୍ତ୍ରଣ ସହିତ ଶେଷରେ ନିରାପଦ କୀଟନାଶକ ବ୍ୟବହାର।

ବିଶ୍ୱରେ ବର୍ଷକୁ ପ୍ରାୟ ୧୧୦୦୦ ଲୋକ ବିଷାକ୍ତ କୀଟନାଶକ ପ୍ରଭାବରେ ମୃତ୍ୟୁବରଣ କରନ୍ତି। ଭାରତରେ ଏହି ହାର ୬୦%। ଟକସିକ ଲିଙ୍କ ସର୍ବେକ୍ଷଣ ଅନୁସାରେ ଆମକୁ କେତେକ ସୁଚିନ୍ତିତ ରଣନୀତି ଗ୍ରହଣ କରିବାକୁ ହେବ। କୃଷି କ୍ଷେତ୍ରକୁ ବାରମ୍ବାର ପର୍ଯ୍ୟବେକ୍ଷଣ କରି ଉପକାରୀ ଓ ଅପକାରୀ କୀଟ ସଂଖ୍ୟା ଅନୁସାରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ, କୀଟନାଶକ ବିଷ ପରିବର୍ତ୍ତେ ଜୈବ କୀଟନାଶକ ବ୍ୟବହାର, ଆବଶ୍ୟକ ସ୍ଥଳେ ଦୁଇଟି ନିରାପଦ କୀଟନାଶକ ମିଶ୍ରଣ ଆଦି ବ୍ୟବସ୍ଥା ଗ୍ରହଣ କରାଯାଇପାରେ। ଜୈବିକ କୃଷି ପାଇଁ ସରକାର ଅଧିକ ଆର୍ଥିକ ଅନୁଦାନ, ପ୍ରଶିକ୍ଷଣ, ପ୍ରାମାଣିକରଣ ସହିତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିବା ଆବଶ୍ୟକ। ଜୈବିକ କୃଷିର ଅନୁପସ୍ଥିତିରେ ରୋଗପୋକ ନିୟନ୍ତ୍ରଣ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। କୀଟନାଶକ ବିକ୍ରେତାମାନଙ୍କୁ ଅଧିକ ପ୍ରଶିକ୍ଷଣ ଦେବା ସହିତ କୀଟନାଶକ କେବଳ କୃଷିକର୍ମୀଙ୍କ ପରାମର୍ଶକ୍ରମେ ବିକ୍ରୟ ବ୍ୟବସ୍ଥା ବାଧ୍ୟତାମୂଳକ କରିବା ଜରୁରୀ। ରାଜ୍ୟର ଅଧିକୃତ ଅଧିକାରୀମାନେ ନିୟମିତ କୀଟନାଶକ ଦୋକାନ ପରିଦର୍ଶନ କରି ନମୁନା ସଂଗ୍ରହ କରିବା ଆବଶ୍ୟକ। ଏତଦବ୍ୟତୀତ ରାଜ୍ୟରେ ଅଧିକ ଜୈବନିୟନ୍ତ୍ରଣ ପ୍ରୟୋଗଶାଳା ସ୍ଥାପନା କରି ଏଥିରୁ ପ୍ରସ୍ତୁତ ଟ୍ରାଇକୋଗ୍ରାମା, ବାସିଲସ, ଏନ.ପି. ଭି, ଟ୍ରାଇକୋଡର୍ମା ଇତ୍ୟାଦି ଜୈବ ନିୟନ୍ତ୍ରକ ଓ ଫେରୋମନ ଯନ୍ତା ଇତ୍ୟାଦି ସୁଲଭ ମୂଲ୍ୟରେ ଚାଷୀକୁ ଯୋଗାଇବା ଦାୟିତ୍ୱ ସରକାରଙ୍କର। ଫସଲରେ ଅନିଷ୍ଟକ ଜୀବନାଶକ ନିୟନ୍ତ୍ରଣ ପାଇଁ ସରକାର, କୃଷକ ଗୋଷ୍ଠୀ ଓ ଜୀବନାଶକ ବିକ୍ରେତାଙ୍କ ମିଳିତ ଦାୟିତ୍ୱ ରହିଛି। କୃଷକ-କ୍ଷେତ୍ରବିଦ୍ୟାଳୟ ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା କରି କୃଷି ଅଧିକାରୀ କୃଷକଗୋଷ୍ଠୀଙ୍କୁ ସମନ୍ୱିତ ରୋଗପୋକ ପରିଚାଳନା ସମ୍ବନ୍ଧରେ ଧାରାବାହିକ ପ୍ରଶିକ୍ଷଣ ଦେବା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ମାଇକ୍ରୋ ଓ ନାନୋ ପ୍ଲାଷ୍ଟିକର ବିଷ

ଡ. ବିଜୟ କେତନ ପଟ୍ଟନାୟକ

ଗାଁଗହଳିରେ କୁହାଯାଉଥିବା ରୁଢ଼ି 'ଛୋଟ ସାପର ବେଶୀ ବିଷ' ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କ୍ଷେତ୍ରରେ ପ୍ରଯୁଜ୍ୟ। ମାଇକ୍ରୋପ୍ଲାଷ୍ଟିକ ବା କ୍ଷୁଦ୍ର ପ୍ଲାଷ୍ଟିକ କଣିକା ଏବଂ ନାନୋ ପ୍ଲାଷ୍ଟିକ ବା ଅତିଶୟ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ସାଧାରଣ ପ୍ଲାଷ୍ଟିକ ତୁଳନାରେ ଯଥେଷ୍ଟ ମାରାତ୍ମକ। ସାଧାରଣ ପ୍ଲାଷ୍ଟିକ ମନୁଷ୍ୟ ସ୍ୱାସ୍ଥ୍ୟ ପ୍ରତି ସିଧାସଳଖ କ୍ଷତି ପହଞ୍ଚାଏ ନାହିଁ। ଅନ୍ୟପକ୍ଷରେ ମାଇକ୍ରୋପ୍ଲାଷ୍ଟିକ ବା ନାନୋ ପ୍ଲାଷ୍ଟିକ ମନୁଷ୍ୟ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ଅଧିକ ହାନିକାରକ। ଏବେ ମାଇକ୍ରୋପ୍ଲାଷ୍ଟିକ ହିମାଳୟର ଏଭରେଷ୍ଟ ଶୃଙ୍ଗଠାରୁ ଆରମ୍ଭ କରି ସମୁଦ୍ରର ଗଭୀର ଜଳରାଶିରେ, ଜଳ, ସ୍ଥଳ, ଆକାଶ ବାୟୁମଣ୍ଡଳ ସବୁଠି ବିଦ୍ୟମାନ। ସମୁଦ୍ର ପାଦଦେଶର ପ୍ରବାଳ ପ୍ରାଚୀରଠାରୁ ଆରମ୍ଭକରି ଆଣ୍ଟାରକଟିକାର ହିମଖଣ୍ଡ ବା ବରଫାବୃତ୍ତ ପରିବେଶରେ ମଧ୍ୟ ଏହା ଅନୁପ୍ରବେଶ କରିସାରିଛି।

ମିଳିତ ଜାତିସଂଘ ଦ୍ୱାରା ପ୍ରଦତ୍ତ ତଥ୍ୟ ମୁତାବକ, ସଂପ୍ରତି ବିଶ୍ୱରେ ବର୍ଷକୁ ୪୩୦ ନିୟୁତ ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ଏହାର ଦୁଇ-ତୃତୀୟାଂଶ କେବଳ ସ୍ୱଳ୍ପ ସମୟ ନିମନ୍ତେ ବ୍ୟବହୃତ ହୋଇଥାଏ। ତନ୍ମଧ୍ୟରୁ ସିଂହଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ କେବଳ ମାତ୍ର ଥରେ ବ୍ୟବହାର କରି ଫିଙ୍ଗି ଦିଆଯାଏ। ଜୈବିକ ସ୍ତରରେ ପ୍ଲାଷ୍ଟିକର ବିଘଟନ ପାଇଁ ୫୦ ରୁ ୧୦୦୦ ବର୍ଷ ଲାଗିଯାଇପାରେ। ପତଳା ପ୍ଲାଷ୍ଟିକ ବ୍ୟାଗର ବିଘଟନ ପାଇଁ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗୁଥିଲା ବେଳେ ପ୍ଲାଷ୍ଟିକ ପାଣି ବୋତଲ ଏବଂ ନାଇଲନ ମାଛଧରା ଜାଲ ପାଇଁ ୫୦୦ ବର୍ଷ ଲାଗିଯାଇପାରେ। ତେବେ ପ୍ଲାଷ୍ଟିକର ପୂର୍ଣ୍ଣ ବିଲୁପ୍ତି ବା ବିଲୟ ହୋଇନଥାଏ। ବରଂ ଏହା ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ବା ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୁଏ। ଏକ ଆକଳନରୁ ଜଣାପଡ଼ିଛି ବର୍ଷକୁ ପ୍ରାୟ ୧୦ ରୁ ୪୦ ନିୟୁତ ମାଇକ୍ରୋପ୍ଲାଷ୍ଟିକ ପରିବେଶରେ ସଂକ୍ରମିତ ହୋଇଥାଏ। ଏହି ଧାରା ଅବ୍ୟାହତ ରହିଲେ ୨୦୪୦ ମସିହା ବେଳକୁ ଏହାର ପରିମାଣ ଦ୍ୱିଗୁଣିତ ହୋଇଯାଇପାରେ।

୨୦୨୨ ମସିହାରେ ପ୍ରଥମ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା, ମିଳିତ ଜାତିସଂଘ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କେନିୟାରେ ଆରମ୍ଭ ହୋଇଥିଲା। ଆଇନଗତ ପ୍ରାବଧାନ ଜରିଆରେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ନିମନ୍ତେ ସାରା ବିଶ୍ୱରେ ପ୍ରୟାସ ଆରମ୍ଭ ହେଲା। ସେତେବେଳେ ଏହି ଉଦ୍ୟମ ସାମୁଦ୍ରିକ ଓ ଜଳୀୟ ପରିସଂସ୍ଥାରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ପ୍ରତି ଅଭିପ୍ରେତ ନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୪ ମସିହାରେ କାନାଡ଼ାଠାରେ ଅନୁଷ୍ଠିତ ଅଧିବେଶନର ଲକ୍ଷ୍ୟ ଉଭୟ ଇଚ୍ଛାକୃତ ଭାବରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ଏବଂ ପ୍ଲାଷ୍ଟିକର ଦୀର୍ଘକାଳୀନ ବିଘଟନ ଜୀବନଚକ୍ରରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ହ୍ରାସ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ଚଳିତ ବର୍ଷ ଅଗଷ୍ଟ ମାସରେ ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ଅନୁଷ୍ଠିତ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା ମଧ୍ୟ ଲକ୍ଷ୍ୟ ହାସଲ ଦିଗରେ ବିଫଳ ହୋଇଥିଲା।

ଆମେ ପିଉଥିବା ଜଳ, ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର, ବ୍ୟବହାର କରୁଥିବା ପ୍ରସାଧନ ସାମଗ୍ରୀ, ଶ୍ୱାସରେ ଗ୍ରହଣ କରିଥିବା ବାୟୁ-ସର୍ବତ୍ର ବିଦ୍ୟମାନ ମାଇକ୍ରୋପ୍ଲାଷ୍ଟିକ। ଚାଷଜମିର ମାଟିରେ ଏବଂ ସେହି ମାଟିରୁ ଉତ୍ପାଦିତ ଫସଲ ଜରିଆରେ ଏବଂ ମାଇକ୍ରୋପ୍ଲାଷ୍ଟିକକୁ ଗିଳିଦେଇଥିବା ସାମୁଦ୍ରିକ ମାଛ ଭକ୍ଷଣ କରିବା ଦ୍ୱାରା, ଖାଦ୍ୟ ଶୃଙ୍ଖଳ ଦେଇ ପ୍ରବେଶ କରୁଛି ଆମ ଶରୀରରେ। ଆମେ ପିଉଥିବା ପାଇପ୍ ପାଣିରେ ମଧ୍ୟ ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କଣିକା ମହଜୁଦ୍ ଅଛି। ଶିଳ୍ପାୟନ, ନିର୍ମାଣ ସଂସ୍ଥା, ପରିବହନ ଧୂଳିକଣା, ଟାୟାର ଘର୍ଷଣ ଏବଂ ସିନ୍ଥେଟିକ ବସ୍ତ୍ର କାରଖାନାରୁ ଉତ୍ପନ୍ନ ମାଇପ୍ରୋପ୍ଲାଷ୍ଟିକ ବାୟୁମଣ୍ଡଳରେ ରହିଥାଏ। ଶ୍ୱାସକ୍ରିୟା ସମୟରେ ଆମେ ବାୟୁ ସହିତ ଏହି ମାଇକ୍ରୋପ୍ଲାଷ୍ଟିକକୁ ମଧ୍ୟ ଆହରଣ କରିଥାଉ। ଆମେ ବ୍ୟବହାର କରୁଥିବା ପ୍ରସାଧାନ ସାମଗ୍ରୀରେ ମଧ୍ୟ ରହିଛି ମାଇକ୍ରୋ ପ୍ଲାଷ୍ଟିକ। ଆମେ ଜାଣୁ ବା ନଜାଣୁ ଇଚ୍ଛା କରୁ ନା ନ କରୁ ପ୍ରତି ମୁହୂର୍ତ୍ତରେ କିଛି କିଛି ପ୍ଲାଷ୍ଟିକ କ୍ଷୁଦ୍ର କଣିକା ଆମ ଶରୀରରେ ପ୍ରବେଶ କରୁଛି ଏବଂ ମସ୍ତିଷ୍କର କୋଷରେ ଓ ପୁନରୁତ୍ପାଦନ ନିମନ୍ତେ ଉଦ୍ଦିଷ୍ଟ ଅଙ୍ଗ ପ୍ରତ୍ୟଙ୍ଗରେ ଆସ୍ଥାନ ଜମାଉଛି। କେବଳ ମସ୍ତିଷ୍କ ନୁହେଁ, ଫୁସଫୁସ, ବୃକ୍କ, ଜରାୟୁ ଓ ରକ୍ତରେ ମଧ୍ୟ ଏହି କଣିକାର ଛିଟା ଦେଖିବାକୁ ମଳୁଛି, ଯାହା ଫଳରେ ମନୁଷ୍ୟ ହୃଦ୍‌ରୋଗ ସହିତ ସ୍ନାୟୁରୋଗ ଓ ଶ୍ୱାସ ଜନିତ ନୂଆ ନୂଆ ରୋଗର ଶିକାର ହେଉଛି।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ପ୍ରକାଶ କରିଥିବା ୨୦୧୪ ଇୟର ବୁକ୍ ରେ ସାରା ବିଶ୍ୱବାସୀଙ୍କୁ ସତର୍କ କରାଇ ଦେଇଥିଲେ। ମାଇକ୍ରୋପ୍ଲାଷ୍ଟିକ ଏକ ମୁଣ୍ଡ ଟେକୁଥିବା ପ୍ରଦୂଷକ, ଯାହା ମାନବ ଜାତିର ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ୨୦୨୨ ମସିହାରେ 'ବିଶ୍ୱସ୍ୱାସ୍ଥ୍ୟ ସଂଗଠନ' ଜଣାଇଥିଲେ ମାଇକ୍ରୋପ୍ଲାଷ୍ଟିକର ମନୁଷ୍ୟର ସ୍ୱାସ୍ଥ୍ୟପ୍ରତି ଥିବା ସଂକଟ ବିଷୟରେ ଆଶାନୁରୂପ ପ୍ରମାଣ ମିଳିନାହିଁ। ୨୦୨୪ ମସିହାରେ ପ୍ରଥମଥର ପାଇଁ ଆମେରିକାସ୍ଥିତ ନ୍ୟୁମେକ୍ସିକୋ ବିଶ୍ୱବିଦ୍ୟାଳୟର ଗବେଷକମାନେ ପ୍ରମାଣିତ କଲେ, ମନୁଷ୍ୟର ମସ୍ତିଷ୍କରେ ଯଥେଷ୍ଟ ପରିମାଣରେ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ ଜମା ହୋଇସାରିଲାଣି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କୁହନ୍ତି, ମାଇକ୍ରୋପ୍ଲାଷ୍ଟିକ ମନୁଷ୍ୟ ଶରୀରର ଉତ୍ପାଦକ ଅଂଗ, ପାକସ୍ଥଳୀ ଓ ଶ୍ୱାସନଳୀକୁ ପ୍ରଭାବିତ କରିପାରେ ଏବଂ ସମୟକ୍ରମେ ମନୁଷ୍ୟ ଶରୀରର ବିଭିନ୍ନ କୋଷରେ ଅନୁପ୍ରବେଶ କରୁଥିବାରୁ କୋଲୋନ୍ ଓ ଫୁସ୍‌ଫୁସ୍ କ୍ୟାନସର ସହିତ ଏହା ସଂପୃକ୍ତି ଥାଇପାରେ। ●(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା)

ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ପୁରୁଷତ୍ୱ ଉପରେ ପୋଷାକର ପ୍ରଭାବ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ଦ ଜର୍ଣ୍ଣାଲ ଅଫ୍ ରିପ୍ରଡକ୍ସନ' ଗବେଷଣା ପତ୍ରିକାରେ ପ୍ରକାଶିତ ଏକ ବିବରଣୀ ଅନୁସାରେ ୨୦୦୧ ମସିହା ବେଳକୁ ୩୪ ଶତାଂଶ ପୁରୁଷମାନଙ୍କ ଠାରେ ସେମାନଙ୍କୁ ପୌରୁଷ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଶୁକ୍ରକୀଟ ସାଧାରଣ ମାତ୍ରାଠାରୁ କମ୍ ଥିଲା। ଯାହାକି ୨୦୨୨ ମସିହା ବେଳକୁ ପହଞ୍ଚିଥିଲା ୬୫ ଶତାଂଶରେ। ଏବର ସମୟ ମଧ୍ୟରେ ସଂପୂର୍ଣ୍ଣ ତ୍ରୁଟିମୁକ୍ତ ଶୁକ୍ରଧାରୀଙ୍କ ସଂଖ୍ୟା ପ୍ରାୟ ୨୦ ଶତାଂଶ ହ୍ରାସ ପାଇଥିଲା। ଅତଏବ ପୁରୁଷର ପ୍ରଜନନ କ୍ଷମତା ବା ପୌରୁଷର ଏହି ମାପକାଠିଟି ସୂଚାଇ ଦେଉଛି ଯେ ସେ କ୍ରମଶଃ ସନ୍ତାନ ସୃଷ୍ଟି କରିବାର କ୍ଷମତା ହରାଇ ଚାଲିଛି।

ଏହାର କାରଣ ଆଜି ପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ କରାଯାଇ ପାରିନଥିଲେ ହେଁ ତାହା ବହୁମୁଖୀ ବୋଲି ମନେକରନ୍ତି ବୈଜ୍ଞାନିକମାନେ, ଯାହାକି ବିବର୍ତ୍ତନୀୟଠାରୁ ଆରମ୍ଭ କରି ପରିବେଶୀୟ ଏବଂ ପରିବର୍ତ୍ତିତ ଜୀବନଶୈଳୀ ପର୍ଯ୍ୟନ୍ତ ହୋଇପାରେ। ତେବେ, ବିବର୍ତ୍ତନୀୟ ପରିବର୍ତ୍ତନ ସଦାସର୍ବଦା ମନ୍ଥର ହୋଇଥିବା ଦୃଷ୍ଟିରୁ ଶେଷୋକ୍ତ ଦୁଇଟିକୁ ଏହାର ମୁଖ୍ୟ କାରଣ ବୋଲି ଧରାଯାଇ ପାରିବ। ପରିବେଶରେ ଡିଡିଟି, ବିଏଚସି ଆଦି କୀଟ। ଶୁନାଶକର ତଥା ଅନ୍ୟାନ୍ୟ ରସାୟନମାନଙ୍କ ମାତ୍ରାବୃଦ୍ଧି ଆମଠାରେ ପୁରୁଷସୁଲଭ ଗୁଣର ଅପଚୟ ଘଟାଉଥିବାର ପ୍ରମାଣିତ ହେଲା ବେଳେ ପଶୁପାଳନ, ମତ୍ସ୍ୟଚାଷ ଓ କୃଷିରେ ବିବିଧ ହର୍ମୋନ୍ ଏବଂ ରାସାୟନିକ ପଦାର୍ଥର ବ୍ୟାପକ ବ୍ୟବହାର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେବେ ଆମେ ପିନ୍ଧୁଥିବା ପୋଷାକ ମଧ୍ୟ ଏହାକୁ ପ୍ରଭାବିତ କରିପାରେ ବୋଲି ନିକଟରେ ମତ ଦେଇଛନ୍ତି ଆମେରିକାର ବୋଷ୍ଟନ ସ୍ଥିତ 'ହାର୍ଭାର୍ଡ ଚାନ ସ୍କୁଲ ଅଫ୍ ପବ୍ଲିକ ହେଲଥ' ଠାରେ ଗବେଷଣାରତ ବୈଜ୍ଞାନିକ ଲିଡିଡିଆ ମଙ୍ଗୁଏଜ୍ ଆଲାରକୋନ୍ ଏବଂ ତାଙ୍କ ସହଯୋଗୀମାନେ।

'ଦ ଜର୍ଣ୍ଣାଲ୍ ଅଫ୍ ହ୍ୟୁମାନ୍ ରିପ୍ରଡ୍କସନ'ରେ ପ୍ରଦତ୍ତ ଏକ ବିବରଣୀରେ ସେମାନେ ଦର୍ଶାଇଛନ୍ତି ଯେ ପିତା ହେବାକୁ ଚାହୁଁଥିବା ଲୋକେ ଢିଲା ଅନ୍ତର୍ବାସ ପିନ୍ଧିବା ବାଞ୍ଛନୀୟ। କାରଣ ୧୮ ରୁ ୫୬ ବର୍ଷ ବୟସ୍କ ସାଧାରଣ ସ୍ୱାସ୍ଥ୍ୟସଂପନ୍ନ ପୁରୁଷଙ୍କୁ ପରୀକ୍ଷା କରି ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଆରାମଦାୟକ ଢିଲା ଅନ୍ତର୍ବାସ ପରିଧାନ କରୁଥିବା ଲୋକଙ୍କ ଶୁକ୍ରର ଘନତ୍ୱ ଏବଂ ତହିଁରେ ଥିବା ଶୁକ୍ରକୀଟମାନଙ୍କ ସଂଖ୍ୟା ଅଧିକ। ପୁନଶ୍ଚ ସେମାନଙ୍କ ଶୁକ୍ରାକୀଟଗୁଡ଼ିକ ଅଧିକ ସକ୍ରିୟ ହେବା ସହିତ ସେମାନଙ୍କଠାରେ ହରମୋନ୍‌ର ଭାରସାମ୍ୟ ସନ୍ତାନ ସୃଷ୍ଟି ପାଇଁ ଅଧିକ ଉପାଦେୟ।

ଅବଶ୍ୟ ପୂର୍ବରୁ ହୋଇଥିବା କେତେକ ଗବେଷଣାରୁ ଏପ୍ରକାର ସୂଚନା ମିଳିଥିଲା। ତେବେ ସେସବୁ ଅଧ୍ୟୟନ ଥିଲା ସୀମିତ ଏବଂ ତହିଁରୁ ଏବର ଫଳାଫଳ ସହିତ ହରମୋନ୍‌ର ସଂପୃକ୍ତି ବିଷୟରେ କୌଣସି ସୂଚନା ମିଳିପାରିନଥିଲା। ଶରୀର ମଧ୍ୟରେ ତାପମାତ୍ରାଠାରୁ ୨/୩ ଡିଗ୍ରୀ ସେଲସିୟସ କମ ହୋଇଥିବା ପରିବେଶ ଶୁକ୍ରକୀଟ ଉତ୍ପାଦନ ଲାଗି ଉତ୍ତମ। ସମ୍ଭବତଃ ସେଥିପାଇଁ ଏହା ଉତ୍ପନ୍ନ କରୁଥିବା ଅଣ୍ଡହକୋଷକୁ ପ୍ରକୃତି ଶରୀରର ଅନ୍ତର୍ଭାଗରେ ସ୍ଥାପନ ନ କରି ବହିର୍ଭାଗରେ ଅବସ୍ଥାପିତ କରିଛି। ଏପରିସ୍ଥଳେ, ଏହାର ତାପମାତ୍ରା ବୃଦ୍ଧି ଶୁକ୍ରକୀଟର ମାତ୍ରା ଏବଂ ମାନ ହ୍ରାସ କରିବା ସ୍ୱାଭାବିକ, ଯାହାକି ଘଟେ ଚିପା ଅନ୍ତର୍ବାସ ପରିଧାନ କରିବା କାରଣରୁ।

ଲିଡିଡିଆ ଏବଂ ତାଙ୍କର ସହଯୋଗୀମାନଙ୍କ ଅଧ୍ୟୟନକୁ ଏହାର ଏକ କାରଣସିଦ୍ଧ ପ୍ରମାଣ ରୂପେ ଗ୍ରହଣ କରାଯାଇପାରେ। ଅତଏବ ଚିପା ଅନ୍ତର୍ବାସ ପରିଧାନ ପୁରୁଷମାନଙ୍କଠାରେ ଶୁକ୍ରକୀଟ ଉତ୍ପାଦନକୁ ଯେତିକି ମାତ୍ରାରେ ପ୍ରତିହତ କରୁନା କାହିଁକି ତାହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦିଅନ୍ତି ଏହି ଗବେଷଣାରେ ଅଂଶଗ୍ରହଣ କରିଥିବା ଅନ୍ୟତମ ବୈଜ୍ଞାନିକ ତଥା ଏଡିନ୍ ବରା ବିଶ୍ୱବିଦ୍ୟାଳୟର 'ଏମ୍ ଆର ସି ସେଣ୍ଟର ଫର ରିପ୍ରଡକଟିଭ ହେଲଥ୍'ର ପ୍ରଫେସର ରିଚାର୍ଡ ଶାର୍ପେ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ହସିନାଙ୍କୁ ଫାଶୀ...

ଆନ୍ଦୋଳନକାରୀଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାସହିତ ଦେଶବାସୀଙ୍କୁ ନ୍ୟାୟ ଦେବାରେ ପ୍ରତିବନ୍ଧକ ସାଜିବା ସହିତ ବିରୋଧୀଙ୍କ ବିରୋଧରେ ଚାଲିଥିବା ଅପରାଧ/ହତ୍ୟାକୁ ରୋକିବାରେ ବିଫଳ ହୋଇଥିଲେ। ଏହି ତିନିଟି ଅଭିଯୋଗ ଉପରେ ବିଚାର ପାଇଁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲ ଗଠନ କରାଯାଇଥିଲା। ସେହି ଟ୍ରିବୁନାଲ ଆଜି ତାଙ୍କୁ ଫାଶୀଦଣ୍ଡ ଶୁଣାଇଛି। ସେହିପରି ଟ୍ରିବୁନାଲ ଅନ୍ୟତମ ଅଭିଯୁକ୍ତ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜ୍ଜାମାନ ଖାନଙ୍କୁ ମଧ୍ୟ ୧୨ଜଣ ଲୋକଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ମଧ୍ୟ ଫାଶୀଦଣ୍ଡ ଦେଇଛନ୍ତି। ତେବେ ମାମଲାରେ ତୃତୀୟ ଅଭିଯୁକ୍ତ ପୂର୍ବତନ ପୁଲିସ ମୁଖ୍ୟ ଅବଦୁଲ୍ଲା ଅଲ୍-ମମୁନଙ୍କୁ କେବଳ ୫ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ମମୁନ ସରକାରୀ ସାକ୍ଷୀ ଭାବେ ଆଇନଗତ ପ୍ରକ୍ରିୟାରେ ସହଯୋଗ କରିଥିବାରୁ ତାଙ୍କ ପ୍ରତି କୋହଳ ହୋଇଛନ୍ତି ଟ୍ରିବୁନାଲ। ସୂଚନାଯୋଗ୍ୟ ଯେ ଶେଖ ହସିନାଙ୍କ ସହିତ ତାଙ୍କର ଗୃହ ମନ୍ତ୍ରୀ ଅସଦୁଜ୍ଜମାନ ଗତ ୧୫ ମାସ ହେବ ଭାରତରେ ଅବସ୍ଥାନ କରୁଛନ୍ତି। କୋର୍ଟଙ୍କ ଏହି ରାୟ ପରେ ସାରା ବାଂଲାଦେଶରେ ହିଂସା ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ କଡ଼ା ନିରାପତ୍ତା ବ୍ୟବସ୍ଥା କରାଯାଇଛି। ମୋ ବିରୋଧରେ ଆସିଥିବା ରାୟ ସମ୍ପୂର୍ଣ୍ଣ ଭାବେ ଭୁଲ। ରାଜନୈତିକ ପ୍ରତିଶୋଧ ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଛି। ଏହି ରାୟ ଏଭଳି ଏକ ଟ୍ରିବୁନାଲ ଦେଇଛି ଯାହାକୁ ଏକ ଅଣ ନିର୍ବାଚିତ ସରକାର ଚଳାଉଛନ୍ତି। ଏହି ସରକାରଙ୍କ ପାଖରେ କୌଣସି ଜନାଦେଶ ନାହିଁ ବୋଲି ହସିନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ହତ୍ୟାର ଶିକାର ଲୋକଙ୍କୁ ଉଚିତ ନ୍ୟାୟ ମିଳିଲା ବୋଲି ଆଟର୍ଣ୍ଣି ଜେନେରାଲ ମହମ୍ମଦ ଆସାଦୁଜ୍ଜମାନ କହିଛନ୍ତି। ହସିନା ପୂର୍ବରୁ ଯେଉଁ କୋର୍ଟର ସ୍ଥାପନ କରିଥିଲେ, ସେହି କୋର୍ଟ ହିଁ ତାଙ୍କ ବିରୋଧରେ ଦଣ୍ଡାଦେଶ ଶୁଣାଇଛନ୍ତି। ୧୯୭୧ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ପରେ ଯୁଦ୍ଧ ଅପରାଧ ଓ ନରସଂହାର ଭଳି ମାମଲାର ବିଚାର କରିବା ପାଇଁ ଏହି ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲକୁ ପ୍ରତିଷ୍ଠା କରାଯାଇଥିଲା।

କୋର୍ଟ ରାୟ ପରେ ବାଂଲାଦେଶ ସରକାର ଆଜି ଭାରତ ସରକାରଙ୍କ ନିକଟକୁ ଏକ ପତ୍ର ପଠାଇଛନ୍ତି। ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଏଥିରେ ଅନୁରୋଧ କରାଯାଇଛି। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରୁ ବୋଲି କୁହାଯାଇଛି। ତେବେ ଭାରତ ସରକାର ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହାନ୍ତି। ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ପଡ଼ୋଶୀ ଦେଶ ହିସାବରେ ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ସଂକଳ୍ପବଦ୍ଧ। ସେଠାରେ ଗଣତନ୍ତ୍ର, ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସରକାର ସଂପୃକ୍ତ ପକ୍ଷଙ୍କ ସହ ଆଲୋଚନା ଜାରି ରଖିବ।

## ୪୫ ଭାରତୀୟ...

ଅଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ରେ ୪୬ ଜଣ ଲୋକ ଯାତ୍ରା କରୁଥିଲେ। ମୃତକଙ୍କ ମଧ୍ୟରେ ଅଧିକାଂଶ ହାଇଦରାବାଦ୍‌ର ବାସିନ୍ଦା ବୋଲି କୁହାଯାଇଛି। ହାଇଦରାବାଦ୍ ପୁଲିସର ସୂଚନା ଅନୁଯାୟୀ, ନଭେମ୍ବର ୯ରେ ୫୪ ଜଣ ଲୋକ 'ଉମରା' ପାଇଁ ହାଇଦରାବାଦ୍‌ରୁ ସାଉଦି ଆରବ ଯାଉଥିଲେ। ଏମାନେ ନଭେମ୍ବର ୨୩ରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଥିଲା। ଏମାନଙ୍କ ମଧ୍ୟରୁ ୪ ଜଣ ରବିବାର କାର୍‌ରେ ପୃଥକ ଭାବେ ମଦିନା ଯାଇଥିଲେ। ସେହିପରି ଅନ୍ୟ ୪ ଜଣ ଲୋକ ମକ୍କାରେ ରହିଯାଇଥିଲେ। ଅନ୍ୟ ୪୬ ଜଣଙ୍କୁ ନେଇ ବସ୍‌ଟି ମକ୍କାରୁ ମଦିନା ଯାଉଥିବା ବେଳେ ମଦିନାଠାରୁ ୨୫ କିମି ଦୂର ମୁହରାସ୍ ନିକଟରେ ଭାରତୀୟ ସମୟ ରାତି ପ୍ରାୟ ୧.୩୦ରେ ଏହି ଦୁର୍ଘଟଣା ଘଟିଥିଲା।

ଏହି ଦୁର୍ଘଟଣା ପାଇଁ ତେଲଙ୍ଗାନା ସରକାର ରିୟାଧ ସ୍ଥିତ ଭାରତୀୟ ଦୂତାବାସ ସହିତ ବରାବର ସମ୍ପର୍କରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମୃତକଙ୍କ ଚିହ୍ନଟ ଓ ପରିଚୟ ପାଇଁ ଦିଲ୍ଲୀରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୂତାବାସର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷାକରି ସବୁ ପ୍ରକାର ସହାୟତା ପ୍ରଦାନ କରିବା ସହ ସବୁ ବ୍ୟବସ୍ଥା ଉପଲବ୍ଧ କରାଇବାକୁ କହିଛନ୍ତି। ଇତିମଧ୍ୟରେ ୧୨ ଜଣ ମୃତକଙ୍କ ନାମ ସାମ୍ନାକୁ ଆସିଛି। ଭାରତୀୟ ଦୂତାବାସ ମଧ୍ୟ ଏ ନେଇ ହେଲ୍ପଲାଇନ୍ ଜାରି କରିଛି। ହାଇଦରାବାଦ ସାଂସଦ ସବୁ ମୃତଦେହକୁ ଭାରତ ଆଣିବା ପାଇଁ ଅପିଲ କରିଛନ୍ତି। ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ରିୟାଦସ୍ଥିତ ବାଣିଜ୍ୟ ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛି ବୋଲି ସେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଆମ ଅଧିକାରୀମାନେ ସାଉଦିର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷା କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ଏହି ଘଟଣା ଗଭୀର ଦୁଃଖ ଦେଇଛି ବୋଲି କହିଛନ୍ତି। ଏହି ଦୁର୍ଘଟଣାରେ ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି ଜଣାପଡ଼ିଛି।

## ବିହାର ରାଜନୀତିରେ...

ବିଧାନସଭା ଭଙ୍ଗ କରିବାକୁ ରାଜ୍ୟପାଳଙ୍କୁ ଏକ ସୁପାରିସ ପତ୍ର ଦେଇଥିଲେ। କେଉଁ ନିର୍ଦ୍ଦିଷ୍ଟ କାରଣରୁ ନୀତୀଶ କୁମାର ଶେଷ ମୁହୂର୍ତ୍ତରେ ତାଙ୍କର ଯୋଜନା ପରିବର୍ତ୍ତନ କଲେ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ନକରିବା ଲାଗି ବିଜେପିର ଅଧିକାଂଶ ବିଧାୟକ ହାଇକମାଣ୍ଡଙ୍କ ଉପରେ ଚାପ ପକାଉଛନ୍ତି। ତେଣୁ ହାଇକମାଣ୍ଡ କିଛି ନିଷ୍ପତ୍ତି ନେଇ ପାରୁନାହାନ୍ତି। ତେବେ ସମାଧାନ ପାଇଁ ଏକ ଫର୍ମୁଲା ପ୍ରସ୍ତୁତ କରିଛନ୍ତି ହାଇକମାଣ୍ଡ। ଫର୍ମୁଲା ଅନୁଯାୟୀ ନୀତୀଶ ଅଢ଼େଇ ବର୍ଷ ପରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ। କିନ୍ତୁ ନୀତୀଶ ରାଜି ହେଉ ନାହାନ୍ତି। ଏପରି ଚର୍ଚ୍ଚା ଆଲୋଚନା ଚାଲିଥିବା ବେଳେ ବିଜେପି ଶୀର୍ଷ ନେତୃତ୍ୱଙ୍କ ଡକରା ପାଇ ଆଜି ବିଳମ୍ବିତ ରାତିରେ ଜେଡିୟୁର ଦୁଇ ଜଣ ବରିଷ୍ଠ ନେତା ଦିଲ୍ଲୀ ଯାଇଛନ୍ତି। ସେମାନେ ହେଲେ ଜେଡିୟୁର କାର୍ଯ୍ୟକାରୀ ସଭାପତି ସଂଜୟ ଝା ଏବଂ ଲଲ୍ଲନ ସିଂହ। ସେମାନଙ୍କୁ ବିଜେପି ନେତା କାହିଁକି ଡାକିଛନ୍ତି ଏବଂ ସେମାନେ କଣ ଆଲୋଚନା କରିବେ, ତାହା ଜଣାପଡ଼ିନାହିଁ। ପାଟନାରେ ସରକାର ଗଠନ ନେଇ ଦିଲ୍ଲୀରେ କଣ ଖେଳ ଚାଲିଛି, ତାହା ରାଜନୈତିକ ମହଲକୁ ଆଚମ୍ବିତ କରିଛି। ସୂଚନାଯୋଗ୍ୟ ଯେ ସଂଜୟ ଝା ଏବଂ ଲଲ୍ଲନ ସିଂହ ହେଉଛନ୍ତି ବିଜେପି ନେତାଙ୍କର ସବୁଠାରୁ ବିଶ୍ୱସ୍ତ ସହଯୋଗୀ।

ରାଜ୍ୟ ବିଧାନସଭା ନିର୍ବାଚନରେ ଏନ୍‌ଡ଼ିଏ ପାଇଥିବା ମୋଟ ୨୦୨ ଆସନ ମଧ୍ୟରୁ ବିଜେପିକୁ ୮୯ଟି ଆସନ ମିଳିଥିବାବେଳେ ଚିରାଗ ପାସ୍ୱାନଙ୍କ ଏଲ୍‌ଜେପିକୁ ୧୯, ଜିତେନରାମ ମାଞ୍ଝିଙ୍କ ଦଳକୁ ୫ ଓ ଉପେନ୍ଦ୍ର କୁଶୱାହଙ୍କୁ ୪ଟି ଆସନ ମିଳିଛି। ଅବଶିଷ୍ଟ ୮୫ଟି ଆସନ ନୀତିଶକୁମାରଙ୍କ ଜେଡ଼ିୟୁ ପାଇଛି। ସରକାର ଗଠନ ପାଇଁ ୧୨୨ଟି ଆସନର ଆବଶ୍ୟକତା ଥିବାବେଳେ ନୀତିଶଙ୍କ ବିନା ବିଜେପି ଓ ଅନ୍ୟ ସହଯୋଗୀ ମାତ୍ର ୧୧୭ ଆସନ ମଧ୍ୟରେ ସୀମିତ ରହିବେ। ଅନ୍ୟପକ୍ଷରେ ଜେଡ଼ିୟୁକୁ ସମର୍ଥନ ଦେବାକୁ ମହାଗଠବନ୍ଧନ ଏବେ ବି ଗୋଡ଼ ଟେକି ବସିଛି। ଜେଡ଼ିୟୁର ୮୫ ସହ ଆର୍‌ଜେଡ଼ିର ୨୫, କଂଗ୍ରେସ ୬ଟି, ବାମପନ୍ଥୀ ୩ଟି, ଏଆଇଏମ୍‌ଏମ୍‌ର ୫ ଓ ବିଏସ୍‌ପିର ଗୋଟିଏ ଆସନକୁ ମିଶାଇ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ ହୋଇ ପାରିବ। ଯଦିଓ ନୀତୀଶ ମହାଗଠବନ୍ଧନ ସହିତ ମିଶି ସରକାର ଗଠନ କରିବାକୁ ସମର୍ଥ, କିନ୍ତୁ ଏହାଦ୍ୱାରା ଜେଡୟୁରେ ବିଭାଜନ ଆଶଙ୍କା ଥିବା ମଧ୍ୟ କୁହାଯାଉଛି। ଅନ୍ୟପକ୍ଷରେ ନୀତିଶଙ୍କ ପରିବର୍ତ୍ତେ ବିଜେପି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛି ବୋଲି ଚର୍ଚ୍ଚା ହେଉଛି। ଏପରିକି ବିଜେପିର ପ୍ରସ୍ତାବରେ ସହମତ ହେବାକୁ ଦୁଇ ସହଯୋଗୀ ସଞ୍ଜୟ ଝା ଓ ଲଲନ୍ ସିଂହ ପରୋକ୍ଷରେ ନୀତୀଶକୁମାରଙ୍କୁ ବୁଝାଇବାରେ ଲାଗିଥିଲେ ହେଁ ଏହାକୁ ସେ ସ୍ୱୀକାର କରିନାହାନ୍ତି। ତେଣୁ ନୀତୀଶ ଓ ବିଜେପି ପରସ୍ପର ସହ ରହିବା ଏକ ରାଜନୈତିକ ବାଧ୍ୟବାଧକତା ଓ ପରସ୍ପରକୁ ସହଯୋଗ କରିବାକୁ ବାଧ୍ୟ। ଏହା ସତ୍ତ୍ୱେ ଏବେ ବି ନୀତିଶ ବିହାରରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରମୁଖ ଦାବିଦାର ଓ ଏଥିରେ ସାମାନ୍ୟ ପରିବର୍ତ୍ତନ କେବଳ ବିହାର ନୁହେଁ, ଜାତୀୟ ରାଜନୀତିକୁ ବି ପ୍ରଭାବିତ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ଏଥର କମ୍...

ଏକସଙ୍ଗରେ ମ୍ୟାଚ୍ ଦେଖିପାରୁଥିଲେ। ସିଟ୍ ଗୁଡିକ ଚଉଡା କରାଯିବା ପରେ ଏହି ସଂଖ୍ୟା ୩ରୁ ୪ହଜାର ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି। ବାରବାଟୀ ଟି-୨୦ ପାଇଁ ଡିସେମ୍ବର ୧ ତାରିଖରୁ ଅନଲାଇନ୍ ଟିକଟ ବିକ୍ରି କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ସୂଚନା ଦେଇଛନ୍ତି। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି, ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ ଅନଲାଇନ୍ ଟିକଟ ଉପଲବ୍ଧ ହେବ। ଅନଲାଇନ୍‌ରେ କେତେ ସଂଖ୍ୟକ ଟିକଟ ବିକ୍ରି ନିମନ୍ତେ ଛଡାଯିବ ତାହା ଘୋଷଣା କରାଯାଇନାହିଁ। ଡିସେମ୍ବର ୫ରୁ କାଉଣ୍ଟର ଟିକଟ ବିକ୍ରି କରାଯିବ। ଏହା ଭିତରେ ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକୁ ଟିକଟ ବିକ୍ରି କରାଯିବ ବୋଲି କୁହାଯାଇଛି।

## ଅଫେରା ରାଇଜରେ...

ହୋଇଥିବା ବେଳେ ଦାଦା ସଂଗୀତ ସଂଯୋଜକ ଥିଲେ। ପିଲାଦିନରୁ ହ୍ୟୁମାନ୍ ସାଗରଙ୍କ ସଙ୍ଗୀତ ପ୍ରତି ଅହେତୁକ ଦୁର୍ବଳତା ଥିଲା। ସେ ଛୋଟବେଳୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଓଡ଼ିଆ ଲୋକସଙ୍ଗୀତରେ ପ୍ରଶିକ୍ଷଣ ନେଇଥିଲେ। ସେ ବିଭିନ୍ନ ସ୍ଥାନୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୨୦୧୨ ମସିହାରେ ତାଙ୍କର ସଙ୍ଗୀତ କ୍ୟାରିଅର ଆରମ୍ଭ ହୋଇଥିଲା। ତରଙ୍ଗ ଟିଭିରେ ଆୟୋଜିତ ରିଅଲିଟି ସୋ' 'ଭଏସ୍ ଅଫ୍ ଓଡ଼ିଶା-ସିଜନ୍-୨' ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ବିଜୟ ତାଙ୍କୁ ଓଡ଼ିଆ ସଙ୍ଗୀତ ଜଗତରେ ପରିଚୟ ଦେଇଥିଲା। ୨୦୧୫ରେ ହ୍ୟୁମାନ୍ ସାଗରଙ୍କର ପ୍ରଥମ ପ୍ଲେ-ବ୍ୟାକ୍ ଡେବ୍ୟୁ ହୋଇଥିଲା ତରଙ୍ଗ୍ ସିନେ ପ୍ରଡକ୍ସନ୍ ପ୍ରଯୋଜିତ ଓଡ଼ିଆ ସିନେମା 'ଇସ୍କ ତୁ ହି ତୁ'ର ଟାଇଟଲ୍ ଟ୍ରାକ୍‌ରୁ। ଅଭିଜିତ୍ ମଜୁମଦାର ଉକ୍ତ ସଂଗୀତର ନିର୍ଦ୍ଦେଶନା ଦେଇଥିଲେ। ଏହାପରଠାରୁ ହ୍ୟୁମାନ୍ ଆଉ ପଛକୁ ଫେରି ଚାହିଁନାହାନ୍ତି। ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦର୍ଶକଙ୍କୁ ଭେଟି ଦେଇ ନିଜର ନିଆରା ପରିଚୟ ସୃଷ୍ଟି କରିଥିଲେ। ଚଳଚ୍ଚିତ୍ର, ଆଲବମ୍ ସଙ୍ଗୀତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଏପର୍ଯ୍ୟନ୍ତ ସେ ୨୦ରୁ ଊର୍ଦ୍ଧ୍ୱ ସିନେମା ଓ ୧୦୦ରୁ ଊର୍ଦ୍ଧ୍ୱ ଆଲବମ୍‌କୁ ମିଶାଇ ୧୫ଶହରୁ ଊର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରିଛନ୍ତି।

## ମାଟିରେ ମିଶିବ...

ବାନ୍ଧିଛନ୍ତି। ବାମ ସମାନ୍ତରାଳ ରାସ୍ତା ପାଇଁ ଶହେରୁ ଊର୍ଦ୍ଧ୍ୱ ଘରକୁ ପୂର୍ବରୁ ଭଙ୍ଗାଯାଇଛି। ଏମାନଙ୍କୁ ବୁଦ୍ଧବିହାରରେ ଥଇଥାନ କରାଯାଇଥିଲା। ହେଲେ ଅନ୍ୟଯେଉଁମାନେ ରହିଯାଇଥିଲେ ସେମାନଙ୍କୁ ଆସନ୍ତାକାଲି ଉଚ୍ଛେଦ କରାଯିବ। ଘର ଭାଙ୍ଗିବାକୁ ଥିବା ବସ୍ତି ବାସିନ୍ଦା ଘର ନୁହେଁ ରାଜଧାନୀରେ ଜମିଦାବି କରୁଛନ୍ତି। ଏଥିପାଇଁ ସେମାନେ ଏହି ଘର ଛାଡିବାକୁ ନାରାଜ। ତେବେ ପ୍ରଶାସନ ଏମାନଙ୍କୁ ଜମି ଦେବା ସପକ୍ଷରେ ନାହିଁ। ଯାହା ଉତ୍ତେଜନା ପ୍ରମୁଖ କାରଣ ପାଲଟିବ। ଏହାକୁ ବିରୋଧ କରିବାକୁ ହଜାର ସଂଖ୍ୟାରେ ଲୋକେ ଏକତ୍ରିତ ହେବେ ବୋଲି ବସ୍ତିନେତାମାନେ କହିଛନ୍ତି।

ସକାଳ ୭ଟାରୁ ସାଲିଆସାହି ଆରମ୍ଭ ହେବ ବସ୍ତି ଉଚ୍ଛେଦ କାର୍ଯ୍ୟକ୍ରମ। ଏଥିପାଇଁ ବ୍ୟାପକ ପରିମାଣରେ ଟ୍ରକ୍ ଏବଂ ଜେସିବି ମୁତୟନ କରାଯିବ। ବିଏମ୍‌ସି ପକ୍ଷରୁ ୬୦ ଜଣିଆ ଏନ୍‌ଫୋର୍ସମେଣ୍ଟ ଟିମ୍। ଶହେ କର୍ମଚାରୀ ଘଟଣାସ୍ଥଳରେ ନିୟୋଜିତ କରାଯିବ। ପ୍ରତ୍ୟେକ ଜୋନ୍‌ର ଜୋନାଲ ଅଫିସର ଏବଂ ବିଏମ୍‌ସିର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବାକୁ ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଆଲୋଚନା ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦମକଳ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ। ଏହାସହ ଉଚ୍ଛେଦ ହେଉଥିବା ପରିବାର ଲୋକଙ୍କୁ ବୁଦ୍ଧବିହାର ସ୍ଥିତି ଅସ୍ଥାୟୀ ଟ୍ରାଞ୍ଜିଟ୍ ହାଉସ୍‌ରେ ଥଇଥାନ କରାଯିବ। ପରବର୍ତ୍ତୀ ସମୟରେ ଘର ଯୋଗାଇ ଦିଆଯିବ। ସେହିପରି ବିଡିଏ ପକ୍ଷରୁ ୬ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଘଟଣାସ୍ଥଳରେ ମୁତୟନ ରହିବେ ବୋଲି ସୂଚନା ମିଳିଛି।

### ମହଙ୍ଗା ପଡ଼ିଲା ବିଜେପିର ଜମି ଦେବା ନିର୍ବାଚନ ପ୍ରତିଶ୍ରୁତି

ସାଲିଆସାହିରେ ବସ୍ତି ଭାଙ୍ଗିଲେ ଘର ଦେଇ ଥଇଥାନ କରାଯିବ। ଏଥିପାଇଁ ବୁଦ୍ଧବିହାରରେ ଆବାସ ଘର ନିର୍ମାଣ କରି ଥିଲେ ପୂର୍ବତନ ବିଜେଡି ସରକାର। ହେଲେ ବସ୍ତିବାସିନ୍ଦାଙ୍କ ଭୋଟ୍ ହାତେଇବାକୁ ନିର୍ବାଚନ ବେଳେ ବିଜେପି ଏହାକୁ ସ୍ଥାନୀୟ ଅଞ୍ଚଳରେ ନିର୍ବାଚନର ଏକ ମୁଦ୍ଦା ବନାଇଲା। ଘର ନୁହେଁ ଆମେ ସରକାରକୁ ଆସିଲେ ପ୍ରତ୍ୟେକ ପରିବାରକୁ ଜମି ଦେବୁ। ତାହାପୁଣି ରାଜଧାନୀରେ ୬ ଶହ ବର୍ଗଫୁଟ୍‌ର ଜମି। ଏଥିପାଇଁ ପ୍ରଚାରପତ୍ର ଲୋଖାଯାଇ ଘରେ ଘରେ ବଣ୍ଟାଗଲା। ଲୋକଙ୍କୁ ଜମି ପାଇଁ ଉସୁକାଇଲା। ଭୁବନେଶ୍ୱର ଏମ୍‌ପି ଜାତୀୟସ୍ତରର ଜଣେ ତାରକା ଏମ୍‌ପିଙ୍କୁ ଧରି ସାଲିଆସାହିରେ ଏଭଳି ପ୍ରତିଶ୍ରୁତି ଦେଲେ। ହେଲେ ସରକାରକୁ ଆସିଲା ପରେ ମୁଣ୍ଡରେ ବୁଦ୍ଧି ପଶିଲା। ପୂର୍ବ ସରକାର ଯାହା କରୁଥିଲେ ତାହା ଠିକ୍ ବୋଲି କହିଲା। ଜମି ଦେଇ ନୁହେଁ ଘର ଦିଆଯାଇ ଥଇଥାନ କରାଯିବ ବୋଲି ପ୍ରଶାସନ ଦ୍ୱାରା କୁହାଇଲା। କିନ୍ତୁ ବସ୍ତି ବାସିନ୍ଦା ଛାଡିବାକୁ ନାରାଜ। ପ୍ରତିଶ୍ରୁତି ଦେଇଛ ମାନେ ଜମି ଦେବ। ନ ହେଲେ ବିଜେପି ନେତାଙ୍କ ଘର ଘେରିବୁ ବୋଲି ବସ୍ତିବାସିନ୍ଦା ଅଡ଼ିବସିଛନ୍ତି।

### ରାସ୍ତାର ନକ୍ସା ବଦଳାଯାଉ

ଆମେ ବାମ ପାଶ୍ୱର୍ ସମାନ୍ତରାଳ ରାସ୍ତାର ବିରୋଧ କରୁନାହୁଁ। ବସ୍ତି ବାସିନ୍ଦା ସହରର ଜୀବନ ରେଖା, ତେଣୁ ସେମାନଙ୍କୁ କର୍ମସ୍ଥଳୀ ନିକଟରେ ବାସସ୍ଥାନ ଯୋଗାଇ ଦେବା ସରକାରଙ୍କର ଦାୟିତ୍ୱ। ସେମାନଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଉ। ଜଙ୍ଗଲ ଜମିରେ ଅନ୍ୟ କିଛି ହୋଇପାରିବ ନାହିଁ କିନ୍ତୁ ରାସ୍ତା କେମିତି ହୋଇପାରିବ। ପ୍ରଥମେ ଏହି ବସ୍ତିରେ ଦୀର୍ଘଦିନ ଧରି ଶ୍ରମଜୀବୀ ଲୋକ ରହୁଛନ୍ତି। ତା ପରେ ରାସ୍ତା ନିର୍ମାଣ ହେଉଛି। ତେଣୁ ରାସ୍ତାର ନକ୍ସା ବଦଳାଯାଉ। ବଳପୂର୍ବକ ବସ୍ତି ଉଚ୍ଛେଦ ନ କରାଯାଉ ବୋଲି ବସ୍ତି ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦିକା ପ୍ରମିଳା କହିଛନ୍ତି।

### ସବୁ ଆଲୋଚନା ବିଫଳ

ବିଏମ୍‌ସି ବସ୍ତି ନେତାଙ୍କୁ ନେଇ ଆଲୋଚନା କରିବାକୁ ଚାହୁଁଥିଲା। ହେଲେ ଆଲୋଚନା ବିଫଳ ହେଲା। ଫଳରେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସୋମବାର ପୁଲିସ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିବାକୁ ଡାକିଥିଲା। କୁହାଯାଇଥିଲା ଡିସିପି ଆଲୋଚନା କରିବେ। ହେଲେ ନାଆଁ ଥାନା ଅଧିକାରୀ। ନାଆଁ ଡିସିପି କେହି ଆସିଲେନି। ବହୁତ ଲୋକ କ'ଣ ପାଇଁ ଆସିଛ ବୋଲି କହି ନୂଆପଲ୍ଲୀ ଥାନା ସେମାନଙ୍କୁ ଫେରାଇ ଦେଲା।


GOVERNMENT OF ODISHA
OFFICE OF THE EXECUTIVE ENGINEER MURAN DAM DIVISION, KHATIGUDA UPPER INDRAVATI DAM CIRCLE
AT/PO-KHATIGUDA, DIST- NABARANGPUR, PIN-764085
A-869
Email id- eemurandamdivision@gmail.com
TENDER CALL NOTICE NO. EEMDD- 03/2025-26, DATED: 06.11.2025

Bid Documents consisting of work, Estimated Cost, time of completion, Class of Contractors, the set of terms & conditions of contract & other necessary documents can be seen at Office of The Executive Engineer, Muran Dam Division, Khatiguda.

| | | |
|---|---|---|
| 1 | Name Of the Work | : "Deployment of one light Commercial Vehicle (Bolero/TUV-300/SUMO Gold/Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year / 12 calendar months". |
| 2 | Number of works | One |
| 3 | Estimate cost | Rs. 4,46,400/- (Excluding GST) |
| 4 | Eligibility of the bidders | : Registered Travel Agency / Tour Operators / Private individuals Light Vehicle owners authorized to use the vehicle for commercial purpose having commercial registration certificate, GST Registration No. & PAN. |
| 5 | Period of contract | : 12 (Twelve) Calendar Months |
| 6 | Date & Time of Availability of bid document at the office | From 14.11.2025 (11:00 AM) to 21.11.2025 up to (01:00 PM) |
| 7 | Last Date and Time for receipt of bid at the office | 21.11.2025 (05:00 PM) |
| 8 | Date of opening of the bids online | 24.11.2025 (12:30 PM) |
| 9 | Name & address of the Office of the Office Inviting Bid | Office of The Executive Engineer, Muran Dam Division, At/Po: Khatiguda, Dist.: Nabarangpur, PIN-764085 |

Further details can be seen at the Office of The Executive Engineer, Muran Dam Division, Khatiguda. Any Addendum/Corrigendum/Cancellation, if required, will be published on the Notice Board only.
Sd/- Executive Engineer, Muran Dam Division, Khatiguda
OIPR

AFFIDAVIT
By virtue of an affidavit no.2889, dtd.16.10.2025 before Notary Public, Jatni, I, Laxmipriya Maharana, At- Loco Settlement, PO/PS-Jatni, Dist-Khordha, present residing at Ananda Vihar, Godadharmasagar, Jatni, PO/PS-Jatni, Dist-Khordha -752050 have changed my name from Bisnupriya Moharana to Laxmipriya Maharana. Henceforth, I shall be known as Laxmipriya Maharana for all purposes.
Sd/-Laxmipriya Maharana

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

AFFIDAVIT
I, Beautirani Parichha, D/o.: Mrutyunjaya Parichha, Permanent resident of At/PO.: Narayanpur, P.S.: Rayagad, Dist.: Gajapati, Odisha-761212 declare by this Affidavit No.: 6017, sworn before Executive Magistrate, Angul on Dt.17.11.2025 that from now onwards my name Beauti Parichha will be known as Beautirani Parichha for all future legal purposes.

AFFIDAVIT
By Virtue of an affidavit dtd. 16.11.2025 before the Notary Public, M.Rampur, Dist Kalahandi,I, Binod Kumar Sahu, Have changed my minor daughter name and DOB from Pragya parimiti Sahu, DOB- 28.05.2012 to Pragya Parimita Sahu, DOB- 23.04.2012. Hence forth she will be Known as pragya Parimita Sahu and her DOB is 23.04.2012 for all purposes.
Sd/- Binod Kumar Sahu

AFFIDAVIT
By virtue of an affidavit sworn before the Executive Magistrate, Bhubaneswar Address dated 3.11.2025, I, Baidhar Shau, Vill- Narasinghpur, P.O.:- Bhandaridiha, Dist-Kendujhar, Pin-758025, Odisha declare that, the name of my daughter has changed from Dipika Priyadarshini Shau to Dipika Priyadarshini Sahu. Henceforth, she will be known as Dipika Priyadarshini Sahu for all purposes.

AFFIDAVIT
I JAMI RASHMITA, W/o JAMI ANIL KUMAR, resident of At- Gulipatna, Po./Ps.- Umarkote, ,Dist.- Nabarangpur- 764 073 Odisha declare by this Affidavit No.1893, Dated- 11/11/2025,that now onwards I shall be known as JAMI RASMITA PATRA for all future purpose.

AFFIDAVIT
By virtue of an affidavit no.2888, dtd.16.10.2025 before Notary Public, Jatni, I, Chakradhar Maharana, residing at Ananda Vihar, Godadharmasagar, Jatni, PO/PS–Jatni, Dist-Khurda, Pin–752050 have changed my name from Chakrapani Moharana to Chakradhar Maharana. Henceforth, I shall be known as Chakradhar Maharana for all purposes.
Sd/-Chakradhar Maharana

AFFIDAVIT
I, Gohil Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar (M.C), Khordha, Odisha, Pin- 751006, declare by this affidavit No.311/2025, dated- 11.11.2025, that now onwards I shall be known as Mohsinbhai Husenibhai Gohil for all future purposes.

AFFIDAVIT
By virtue of an affidavit sworn before the Executive Magistrate, Badasahi, Mayurbhanj, dated 10.10.2025, I Apurba Naik, Address At-Narankhunta, Po- Narankhunta, Ps-Badasahi, Dist-Mayurbhanj, State-Odisha, Pin-757075 declare that I have changed my name from Arghuba Naik to Apurba Naik. Henceforth , I shall be known as Apurba Naik for all purposes.
Sd/- Apurba Naik

AFFIDAVIT
Punam Agarwalla, D/O- Sarat Chandra Tulsian, Residence of ward no-2 Babusahi, po-Baripada, ps- Baripada Town, Dist- Mayurbhanj-757001 Odisha, declared by this affidavit no-243,Dated- 17/11/2025 that now onwards I shall be known as PUNAM AGARWAL for all future purpose.

AFFIDAVIT
By virtue of an affidavit (CF No. 16, date- 17/11/2025) before the Executive Magistrate, Bhubaneswar. I, Rubina Sahoo, (Mobile Number: 7894244302), W/o Panchanan Sahoo, resident of At- Plot No. LIG-231, Baramunda Housing Board Colony, Near Radhakrishna Temple, Baramunda, Bhubaneswar, Dist- Khurda, Odisha, PIN- 751003, Odisha declare that, I have correction my name from Rubina Rani Sahoo to Rubina Sahoo in my son's school record (Name: Biswaroop Sahoo, School: KV-2, Bhubaneswar).
Rubina Sahoo

AFFIDAVIT
By virtue of an affidavit sworn before the Executive Magistrate, Baramba Dt. 27.10.2025 I Santosh Kumar Sahoo of Vill/Po-Jhajia, Ps- Baramba, Dist-Cuttack declare that I have changed the name of my minor daughter name from Nishigandha Sahoof to Nishigandha Sahoo in Aadhar card. Henceforth, she shall be known as Nishigandha Sahoo for all purposes.

AFFIDAVIT
By virtue of an affidavit sworn before Executive Magistrate Bhubaneswar on dated, 17.11.2025, I Rita Kumari Naik resident At-Hariom Colony, Mission Chowk, Word No. 10, Po/Ps- Sundargarh Town, Dist- Sundargarh, Odisha, PIN- 770001, declare that I have changed my name from Rita Patel to Rita Kumari Naik. Henceforth, He shall be known as RITA KUMARI NAIK for all purposes.

LOST
I, Sri Sana Pangi, S/o- Late Amaya Pangi resident of Vill.- Raipada, Po.- Godihanjar, Ps.- Machkund, Dist.- Koraput state that, I am having a landed property of Mouza- Godihanjar under khata no.-48, Area- AC-7.89 Centin the name of Ghasi Pangi, Raji Pangi and Sana Pangi joint record. Original ROR has been misplaced when I traveled from Raipada to Jeypore. Inspite of my best effort I am unable to trace it out and it is beyond recovery. If in future any person has found the Original ROR while in contact with Sana pangi. Mob No.- 9337954554.

OFFICE OF THE SUPERINTENDING ENGINEER, NIMAPARA IRRIGATION DIVISION, NIMAPARA
e-mail Address: eenidnimapara@gmail.com
1st Corrigendum to e-Procurement Notice No.04 of 2025-26/ Dated 28.10.2025
NID FOR CANCELLATION
No.A-898: The tender for the NID-141 of 2025-26 is here by cancelled due to technical reason.

| Sl. No. | Name of the Work | Bid Identification No. | Tender Cost (in Lakh) (Excl.GST) | EMD | Cost of Document (Online) | Class of bidder | Period of Completion (in days) | Name of Sub-Division |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 8 | Improvement to Service Road on K.V. Left Embankment from Marine Drive Road to New Fire Training Building. | NID-141/ 25-26 | 23.62 | 23,700 | 6000/- | "C" & "B" | 4 (Four) Calendar Months | Gop |

All other Terms and Conditions will be remained unchanged.
Sd./- Superintending Engineer
Nimapara Irrigation Division, Nimapara
OIPR-

AFFIDAVIT
I, Rasmi Ranjan Barik, aged about 48 years, S/o Late Rabindra Kumar Barik, resident of At- Baulakuda, Dadhibamanpur, Bentkar, Dist- Cuttack, PIN- 754112, Odisha declare by this affidavit No. 9829, date- 19/09/2025, that now onwards I shall be known as RASHMI RANJAN BARIK for all future purposes.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, SL.No- 3 on dated 17-11-2025 I, MADHUSREE KUANR, W/o Bikash Chandra Rout permanent resident of Plot No- B/27/A, Phase-2, Krishna Garden, Jagamara, VTC- Khandagiri, Po- Khandagiri, Ps- Khandagiri, Dist- Khordha, Pin- 751030, declare that I have changed my name from MADHUSHRI ROUT (Old name) to MADHUSREE KUANR (New name), Henceforth, I shall be known as MADHUSREE KUANR for all future purposes.
Sd-( MADHUSREE KUANR)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR
Established by an Act of Government of Odisha.
No. 2710 /OSOU/2025 Dt. 17.11.2025
SHORT TENDER NOTICE
Odisha State Open University, Sambalpur invites Short Tender Notice for Event Management Services for PRAYAS: National Conference-2025 to be held from 13th to 15th December, 2025 in the University Campus for successful completion of the Event.
The interested agencies having experiences in the said services may visit our website www.osou.ac.in for more details. Last date of submission of tender proposal - 02.12.2025 (5.00 PM) by Speed Post /Regd. Post.
For more details visit our website: www.osou.ac.in
Sd- Registrar

OFFICE OF THE NOTIFIED AREA COUNCIL, KODALA
Government of Odisha
Odisha, PIN -761032, e-Mail: - nackodala@gmail.com
Lt. No.3140/Dev/2025 Dated.12.11.2025
e- NOTICE
BID IDENTIFICATION No.KOD-NAC-12/2025-26
C-: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.
1. Name of the Work :- Civil Work
2. Number of Work :- 11 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 13/11/2025 to 5.00PM of Dt. 26/11/2025
6. Last date and time for receipt of Bid in the Portal :- 5.00PM of Dt. 26/11/2025
7. The bid received online shall be opened on :- 11.00 AM of dtd. 27/11/2025
8. Name and Address of the Officer inviting Bid : Executive Officer, NAC, Kodala
Further details can be seen from the Procurement Portal: www.tendersorissa.gov.in.
OIPR- Sd./- Executive Officer, Kodala NAC

C-1450
GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail : eephchpr@gmail.com
NATIONAL COMPETITIVE BIDDING THROUGH e-Procurement
Bid Identification No.52/03/SPH(C)/2025-26 dt.07.11.2025
1 Name of the work: 5 (Five) nos. of works
2 Estimate cost: 7.39 lakh to 40.64 lakhs
3 Date & time of availability of bid document in the portal: From 11.00 AM of 15.11.2025 to 5.30 PM of 01.12.2025
4 Last Date / Time of receipt of bid in the portal: 5.30 PM of 01.12.2025
5 Date and time of opening of bids: 1.00 P.M. on dated.03.12.2025
6 Name and address of the Officer inviting the bid: Superintending Engineer, P.H. Division, Bhanjanagar at Chatrapur
Further details can be seen from the e-procurement portal https://www.tenderorissa.gov.in.
Sd./- Additional Chief Engineer
P.H. Division, Bhanjanagar at Chatrapur
OIPR-

AFFIDAVIT
By virtue of an affidavit before The Notary Public, Titilagarh, on dated- 17/11/2025. I, Jangyasini Nag (new name) formerly called as Jagyanseni Nag (old name), D/o Bhima Nag, Permanent resident of At- Belpadar, P.O. Sirol, P.S. Titilagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from Jagyanseni Nag (old name) to Jangyasini Nag (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as Jangyasini Nag (new name).
Jangyasini Nag

AFFIDAVIT
By virtue of an affidavit before the Notary Public, Titilagarh, on dated- 17/11/2025. I, Subash Murlli (applicant name), S/o- Narasingha Murlli, permanent resident of AT- Sargiguda W.N. 1, Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from Bubul Murali (old name) to Bulbul Murlli (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as Bulbul Murlli (new name) for all future purposes.
Subash Murlli

## ଡିକି ଭାଙ୍ଗି ୧୦ ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାସ୍

# ୪ ଲୁଟେରା ଗିରଫ, ୮ ଲକ୍ଷ ଟଙ୍କା ଜବତ



ଟାଙ୍ଗୀ,୧୭ ।୧୧(ସମିସ): ଘର ଦୁଆର ମୁହଁରୁ ହୋଣ୍ଡା ଆକ୍ଟିଭା ଗାଡ଼ିର ଡିକି ଖୋଲି ୧୦ ଲକ୍ଷ ଟଙ୍କା ଲୁଟ୍ ଘଟଣା କଟକ ଜିଲ୍ଲା ଟାଙ୍ଗୀ ଥାନା ନପଙ୍ଗ ପଞ୍ଚାୟତ କୋରକୋର ଗ୍ରାମରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଘଟଣାର ତଦନ୍ତ ପୂର୍ବକ ଟାଙ୍ଗୀ ପୁଲିସ ୪ଜଣ ପେଶାଦାର ଲୁଟେରାଙ୍କୁ ଗିରଫ କରିବା ଓ ଲୁଟ୍‌ରେ ବ୍ୟବହୃତ ୨ଟି ବାଇକ ସହ ୮ ଲକ୍ଷ ଟଙ୍କା ଜବତ କରିବା ସୋମବାର ଚର୍ଚ୍ଚାକୁ ଆସିଛି। ଅଭିଯୁକ୍ତମାନେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଶାସନ ଗ୍ରାମର ଅଶୋକ ଦାସ (୨୯), ଧାମନଗର ଥାନା ମୁସ୍ତାଫାପୁର ଗ୍ରାମର ଦେବେନ୍ଦ୍ର ଦାସ(୧୯), ଯାଜପୁର ଜିଲ୍ଲା ଯାଜପୁର ରୋଡ଼ ଥାନା ମୁଣ୍ଡମାଳ (ପାତ୍ରସାହି)ର ମନୋଜ ଦାସ (୨୫) ଓ ରାଜେଶ ଦାସ (୨୩) ବୋଲି ଜାଣିବାକୁ ମିଳିଛି। ଥାନା କେସ୍ ନଂ-୩୭୫, ଦଫା-୩୦୩(୨) ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ୪ ଜଣ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଥିବାବେଳେ ଅବଶିଷ୍ଟ ଟଙ୍କା ଉଦ୍ଧାର ନିମନ୍ତେ ପ୍ରଚେଷ୍ଟା ଜାରି ରହିଛି ବୋଲି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଜମି କିଣିବା ଲାଗି ଗତ ଅକ୍ଟୋବର ୨୯ ତାରିଖରେ କୋରକୋର ଗ୍ରାମର ରବି ନାରାୟଣ ତ୍ରିପାଠୀ ଟାଙ୍ଗୀସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ୧୦ ଲକ୍ଷ ଟଙ୍କା ଉଠାଇଥିଲେ। ହୋଣ୍ଡା ଆକ୍ଟିଭା ଡିକିରେ ଟଙ୍କା ରଖି ୭କିମି ଦୂର ଗ୍ରାମ ଅଭିମୁଖେ ବାହାରି ଯାଇଥିଲେ। ଅଭିଯୁକ୍ତମାନେ ତାଙ୍କର ପିଛା କରିଥିଲେ ହେଁ ଲୁଟିବାକୁ ସୁଯୋଗ ପାଇ ନ ଥିଲେ। ମାତ୍ର ଶ୍ରୀ ତ୍ରିପାଠୀ ନିଜ ଅଗଣାରେ ଗାଡ଼ି ରଖି ହେଲମେଟ ରଖିବାକୁ ଘର ମଧ୍ୟକୁ ପ୍ରବେଶ କରିବା କ୍ଷଣି ଅବିଳମ୍ବେ ଲୁଟେରାମାନେ ଡିକିରୁ ଟଙ୍କା ଲୁଟିବାକୁ ସକ୍ଷମ ହୋଇଥିଲେ। ଅଭିଯୋଗ ପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ଡଃ ବିକାଶ ସେଠୀ ଓ ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ ପୂର୍ବକ ସଫଳତା ହାସଲ କରିଥିବାବେଳେ ଅଭିଯୋଗକାରୀ ଶ୍ରୀ ତ୍ରିପାଠୀ ଟାଙ୍ଗୀ ପୁଲିସଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ବିଶ୍ୱନାହାକାଣୀ କାର୍ତ୍ତିକେଶ୍ୱର ଯାତ୍ରା ଉଦଯାପିତ




ଟାଙ୍ଗୀ,୧୭ ।୧୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ଐତିହାସିକ ବିଶ୍ୱନାହାକାଣୀ ୫୫ତମ କାର୍ତ୍ତିକେଶ୍ୱର ଯାତ୍ରା ମହୋତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ଯାତ୍ରା ପରିଚାଳନା କମିଟି ସଭାପତି ତଥା ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ତଥା ପରିଚାଳକ ସୁବୋଧ ସାମଲ, ବିଶ୍ୱାଳି ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ବେହେରା, ଓସିଏଲର ମାନବ ସମ୍ବଳ ବିଭାଗର ମୁଖ୍ୟ ସୁଧିର ରଞ୍ଜନ ମହାନ୍ତି, ସିଏସଆର ମୁଖ୍ୟ କବିତା ସାହୁ, କମିଟିର ପରିଚାଳକ ଚିତ୍ତରଞ୍ଜନ ବେହେରା, ବରିଷ୍ଠ ମୁରବୀ ମଧୁସୂଦନ ବେହେରା, ସମ୍ପାଦକ ଅର୍ଜ୍ଜୁନ ଚରଣ ସାହୁ ପ୍ରମୁଖ ଯୋଗଦେଇ ଐତିହାସିକ ବିଶ୍ୱନାହାକାଣୀ ଯାତ୍ରା ଅଞ୍ଚଳର ଗାରିମା ବଢ଼ାଇବା ସହ ପ୍ରସିଦ୍ଧି ଲାଭ କରିଥିବାରୁ ଆୟୋଜକ ପରିଚାଳନା କମିଟିକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଥାନପତି ଗରୁଡ଼ଗାଁ ତରଫରୁ ସମସ୍ତ ମେଢ଼ ମାଲିକଙ୍କୁ ସମ୍ବର୍ଦ୍ଧିତ କରିବା ସହ ମେଢ଼ ମାନଙ୍କୁ ଭୋଗ ପ୍ରଦାନ କରାଯାଇଥିଲା। ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଉକ୍ତ ଯାତ୍ରାକୁ ଗରୁଡ଼ଗାଁ ଥାନପତିଙ୍କ ସମେତ ବିଶ୍ୱନାହାକାଣୀ ବଜାର, ସପନପୁର, ବାଆଁଦା, ଆଞ୍ଜୁଆ, ହଳଦୀବସନ୍ତ, ତୁଳସୀପୁର, କମଙ୍ଗ ଓ କାଞ୍ଜିଆ ଗ୍ରାମର ମେଢ଼ ଉକ୍ତ ଯାତ୍ରାରେ ଅଂଶଗ୍ରହଣ କରି ସୋମବାର କ୍ରମାନ୍ୱୟରେ ଭସାଣୀ ଉତ୍ସବରେ ଭାଗ ନେଇଥିଲେ। ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଦିଗବଳୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବାପୁଜୀ ମୈତ୍ରୀ କ୍ଲବ ଆନୁକୂଲ୍ୟରେ ହୋଇଥିବା ସୂଚନା କେନ୍ଦ୍ର କରାଯାଇଥିଲା। ଉକ୍ତ ଯାତ୍ରାରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ଦୋକାନୀ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଦେଖିବାକୁ ମିଳିଛି। ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଏସଡିପିଓ ଉମାକାନ୍ତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଟାଙ୍ଗୀ ଥାନା ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି।

## ଉପଖଣ୍ଡସ୍ତରୀୟ ଶିକ୍ଷକ ସମ୍ମିଳନୀ



ତିଗିରିଆ,୧୭।୧୧(ସମିସ): ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୀଠରେ ସୋମବାର ଉପଖଣ୍ଡସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଜୋନର ଜିଲ୍ଲା ସଂଯୋଜକ ମାୟାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଉପଖଣ୍ଡ ଶିକ୍ଷା ଜୋନର ସଂଯୋଜକ ପ୍ରତାପ ସିଂହ, ବ୍ଲକ ସଂଯୋଜକ ପୌର୍ଣ୍ଣମାସୀ ପଣ୍ଡା, ନୂଆପାଟଣା ଅରବିନ୍ଦ ଶିକ୍ଷାକେନ୍ଦ୍ର ମାତୃପୀଠର ଅଧକ୍ଷ ମହେଶ୍ୱର ବର୍ଦ୍ଧନ, ପରିଚାଳନା କମିଟିର ସଭାପତି ପ୍ରଭାକର ସାହୁ, ସମ୍ପାଦକ ନିହାର ରଞ୍ଜନ ସାହୁ, ସଂଯୋଜକ ତଥା କୋଷାଧକ୍ଷ ମନୋଜ ଗୁଇଁ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ସମ୍ମିଳନୀରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଗାମୀ ଦିନରେ ହେବାକୁ ଥିବା ଉପଖଣ୍ଡସ୍ତରୀୟ କ୍ରୀଡା ମହୋତ୍ସବକୁ ସଫଳ କରାଇବା ସହ ଶ୍ରୀ ଅରବିନ୍ଦଙ୍କ ୭୫ ତମ ମହାପ୍ରୟାଣ ଦିବସ ପାଳନ କାର୍ଯ୍ୟକ୍ରମକୁ ଅଧିକ ସରସ ସୁନ୍ଦର କିଭଳି ଭାବେ କରାଯିବ ସେଥିନେଇ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଅପା, ଭାଇ, କର୍ମଚାରୀ, ପରିଚାଳନା ସଦସ୍ୟ ସହ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଯୋଗଦେଇଥିବା ଅପା, ଭାଇ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଉପଖଣ୍ଡସ୍ତରୀୟ ପିତୃମାତୃ ସମ୍ମିଳନୀ



ତିଗିରିଆ,୧୭।୧୧(ସମିସ): ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୀଠରେ ରବିବାର ଉପଖଣ୍ଡସ୍ତରୀୟ ପିତୃମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ମହେଶ୍ୱର ବର୍ଦ୍ଧନଙ୍କ ପୌରହିତ୍ୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଅନ୍ତର୍ଗତ ଆଠଗଡ, ତିଗିରିଆ, ବଡମ୍ବା ଓ ନରସିଂହପୁର ବ୍ଲକର ପ୍ରାୟ ୩୫ଟି ବିଦ୍ୟାଳୟର ପରିଚାଳନା କମିଟିର ସଭାପତି, ସମ୍ପାଦକ, ଅଭିଭାବକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବଜୀବନ ଶିକ୍ଷା ସଂସଦର ସଂଯୋଜିକା ଅଞ୍ଜଳି ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଭାକର ସାହୁ, ସମ୍ପାଦକ ନିହାର ରଞ୍ଜନ ସାହୁ, ସଂଯୋଜକ ତଥା କୋଷାଧକ୍ଷ ମନୋଜ ଗୁଇଁ, ପରିଚାଳନା କମିଟିର ସଦସ୍ୟ ସୁଦେଷ୍ଣା ନନ୍ଦ, ପ୍ରସନ୍ନ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଉପସ୍ଥିତ ଅଭିଭାବକ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଶିକ୍ଷାଦାନ ପ୍ରକ୍ରିୟାରେ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମ୍ପର୍କ, ପିଲା ପ୍ରତି ଅଭିଭାବକର ଦାୟିତ୍ୱ ସମ୍ପର୍କରେ ସୂଚନା ଦେବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଅଭିଭାବକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଅପା, ଭାଇଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।


## ■ ବାକି ପଡ଼ିଛି ବିଦ୍ୟୁତ୍ ବିଲ୍

## ୧୫ଦିନ ହେବ ପାନୀୟ ଜଳରୁ ବଞ୍ଚିତ ବାଲିପଡ଼ାବାସୀ

କଣ୍ଟାପଡା,୧୭।୧୧(ସମିସ): କଣ୍ଟାପଡା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବାଲିପଡ଼ା ବାସୀ ଆଜକୁ ୧୫ ଦିନ ହେଲା ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ବାଲିପଡା ଠାରେ ବସୁଧା ଯୋଜନାରେ ନିର୍ମିତ ୫୦ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କିର ବକେୟା ବିଦ୍ୟୁତ ବିଲ ଦେଇ ନ ପାରିବାରୁ ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ ସଂଯୋଗ କାଟିଦେବାରୁ ଆଜକୁ ୧୫ ଦିନ ହେବ ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ବାଲିପଡ଼ା ସମେତ ଅନ୍ୟାନ ଗ୍ରାମ ଓ ପଡ଼ା ଗ୍ରାମବାସୀ ପାନୀୟ ଜଳ କଷ୍ଟରେ ରହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏ ପ୍ରକଳ୍ପ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି ଏବଂ ଏହାର ଦାୟିତ୍ୱ ସରପଞ୍ଚ ତୁଲାଉଛନ୍ତି ବୋଲି ଉତ୍ତର ଦେଇଥିଲେ। ଗୋବିନ୍ଦପୁର ସରପଞ୍ଚ ସୁମିତ୍ରା ପାଢୀଙ୍କୁ ପଚାରିବାରୁ ଗୋବିନ୍ଦପୁର ସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅନ୍ୟ ଏକ ଜାତୀୟକରଣ ବ୍ୟାଙ୍କ ସହିତ ମିଶିଯିବାରୁ ଏହାର ଆଇଏଫ୍‌ସି କୋଡ଼ ବଦଳିଯାଇଛି ଯାହା ଫଳରେ ବିଦ୍ୟୁତ ବିଲ ବାକି ରହିଯାଇଛି ଏବଂ ପଞ୍ଚାୟତରୁ ପାନୀୟ ଜଳ ବାବଦରେ କାହା ଠାରୁ ଟଙ୍କାଟିଏ ଆଦାୟ ହେଉ ନାହିଁ ବୋଲି ପ୍ରକାଶ କରିଛନ୍ତି। ଅପର ପକ୍ଷରେ ପାନୀୟ ଜଳ ଭଳି ଏହି ଗୁରୁତ୍ୱପୂର୍ଣ୍ଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଞ୍ଚଳବାସୀଙ୍କ ସାମୁହିକ ସ୍ୱାର୍ଥ ପାଇଁ ସରପଞ୍ଚ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳରେ ଦାବି ହୋଇଛି।

## ଉଦ୍‌ଘାଟନୀ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ

ନିଆଳି,୧୭।୧୧(ସମିସ): ନିଆଳି ବ୍ଲକ ବିଳାସୁଣୀ ପଞ୍ଚାୟତ କନ୍ଦଳ ନଦୀ କୁଣ୍ଡିମୁହାଣ ସଂଯୋଗୀକରଣ ରାସ୍ତା ଓ କେନାଲ୍ ସେତୁର ଉଦ୍‌ଘାଟନ ଫଳକକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେବା ସହ ସୂଚନା ଫଳକକୁ ଓପାଡି ନେଇ ଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା କରିଛନ୍ତି। ଗତକାଲି ବିଧାୟକ ଛବି ମଲ୍ଲିକ ଏହି ସଂଯୋଗୀକରଣ ରାସ୍ତା ଓ କେନାଲ ସେତୁର ଶୁଭ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନର



୧୨ ଘଣ୍ଟା ନ ପୁରୁଣୁ ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଏପରି କରିଥିବା ଜଣାଯାଇଛି। ଏ ନେଇ ପଞ୍ଚାୟତ ପ୍ରମୁଖ ସୁବାଷ ଚନ୍ଦ୍ର ମହାନ୍ତି ନିଆଳି ଥାନାରେ ଲିଖିତ ଅଭିଯୋଗ କରିବା ସହ ତୁରନ୍ତ ଏହାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ଦୁର୍ଘଟଣାରେ ବାପା-ମା' ଓ ପୁଅ ଗୁରୁତର

ସାଲେପୁର,୧୭ ।୧୧(ସମିସ): ସାଲେପୁର-କେନ୍ଦ୍ରାପଡ଼ା ରାସ୍ତାର କଳାଗ୍ମୀ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ମୋଟର ସାଇକଲରେ ଯାଉଥିବା ସ୍ୱାମୀ-ସ୍ତ୍ରୀ ଓ ପୁତ୍ର ଗୁରୁତର ଆହତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଦୁର୍ଘଟଣା ଘଟାଇଥିବା କାରଟିର ଅଦ୍ୟାବଧି ପୁଲିସ କୌଣସି ଟେର ପାଇନାହିଁ। ପୁଲିସ ପକ୍ଷରୁ ସିସିଟିଭି ଯାଞ୍ଚ କରାଗଲେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳିବ ବୋଲି ସାଧାରଣରେ ଜଣାଯାଇଛି। ଖବରରୁ ପ୍ରକାଶ ଯେ, ଗତ ୩ ଦିନ ତଳେ ସାଲେପୁର-କେନ୍ଦ୍ରାପଡ଼ା ରାସ୍ତାର କଳାଗ୍ମୀ ଛକ ନିକଟରେ ସନ୍ଧ୍ୟା ସମୟରେ ମାହାଙ୍ଗା ଗୌଡ଼ଗୋପ ଗ୍ରାମର ଅଞ୍ଜନ ବିଶ୍ୱାଳ, ତାଙ୍କ ପତ୍ନୀ ଶୁଭଦର୍ଶିନୀ ଦିପ୍ତିମଞ୍ଜରୀ ବିଶ୍ୱାଳ ଓ ୫ବର୍ଷର ପୁତ୍ର ପ୍ରତ୍ୟୁଷ ବିଶ୍ୱାଳ ମୋଟର ସାଇକଲ ରଖି ରାସ୍ତା ପାଶ୍ୱର୍ରେ ଛିଡା ହୋଇଥିବାବେଳେ କେନ୍ଦ୍ରପଡ଼ାରୁ ଦ୍ରୁତଗତିରେ ଆସୁଥିବା ଏକ ଅଜଣା କାର ତାଙ୍କୁ ସମ୍ମୁଖରୁ ଧକ୍କା ଦେବାରୁ ବାପ-ମା' ଓ ପୁଅ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡିଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଅପରପକ୍ଷରେ ଦୁର୍ଘଟଣା ଘଟିବାର ୩ ଦିନ ବିତିଯାଇଥିଲେ ମଧ ଦୁର୍ଘଟଣା ଘଟାଇଥିବା କାରଟିର ସାଲେପୁର ପୁଲିସ ଅଦ୍ୟାବଧି କୌଣସି ପତ୍ତା ପାଇନାହିଁ। ପୁଲିସ ପକ୍ଷରୁ ଯଦି ସିସିଟିଭି ଯାଞ୍ଚ କରାଯାଆନ୍ତା, ତେବେ ଦୁର୍ଘଟଣା ଘଟାଇ ଖସିଯାଇଥିବା କାରଟିର ସନ୍ଧାନ ମିଳନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ଏ ସଂପର୍କରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଦିପ୍ତିମଞ୍ଜରୀଙ୍କ ଭାଇ ଜନ୍ମେଜୟ ପରିଡ଼ା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ-୫୬୬/୨୦୨୫ରେ ଏକ ମାମଲା ରୁଜୁ କରିଛନ୍ତି।

## ବଡ଼ମ୍ବା ନୂତନ ତହସିଲଦାରଙ୍କୁ ସମ୍ବର୍ଦ୍ଧନା



ବଡ଼ମ୍ବା,୧୭।୧୧(ସମିସ): ବଡମ୍ବା ନାଗରିକ ମଞ୍ଚ ଓ ବିଦ୍ୟୁତ ଉପଭୋକ୍ତ ମହାସଂଘ ପକ୍ଷରୁ ବଡ଼ମ୍ବା ତହସିଲର ନୂତନ ତହସିଲଦାର ପ୍ରମୋଦ କୁମାର ବାସ୍କେ ଓ ଅତିରିକ୍ତ ତହସିଲଦାର ସୁବାଷ ଚନ୍ଦ୍ର ମହାନ୍ତିଙ୍କୁ ତହସିଲ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ନାଗରିକ ମଞ୍ଚ ସଭାପତି ତଥା ବିଦ୍ୟୁତ ଉପଭୋକ୍ତା ମହାସଂଘର ସଂଯୋଜକ ଦାମୋଦର ରଣା, ନାଗରିକ ମଞ୍ଚ ସମ୍ପାଦକ ମନୋଜ ପଟ୍ଟନାୟକ ଓ ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘର ସଭାପତି ଚିନ୍ମୟ ମହାନ୍ତି, ସାଧାରଣ ସମ୍ପାଦକ ନିଗମାନନ୍ଦ ନାୟକ, ପଞ୍ଚାନନ ମଲ୍ଲିକ, ବିବେକାନନ୍ଦ ମଲ୍ଲିକ, ଉଭୟ ସଂଘର ଉପଦେଷ୍ଟାମାନେ ପହଞ୍ଚି ସ୍ୱାଗତ କରିଥିଲେ। ଜମି ବାଡ଼ି ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯିବ ବୋଲି ତହସିଲଦାର ଶ୍ରୀ ବାସ୍କେ ଓ ଅତିରିକ୍ତ ତହସିଲଦାର ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ।

## ଚପଲ ଗୋଦାମରୁ ଟଙ୍କା ଓ ସାମଗ୍ରୀ ଚୋରି



ସାଲେପୁର,୧୭ ।୧୧(ସମିସ): ଗତକାଲି ବିଳମ୍ବିତ ରାତ୍ରିରେ ଚନ୍ଦ୍ରାଦେଇପୁର ଗ୍ରାମର କୁଆଁପାଳରୋଡ୍ ପାଶ୍ୱର୍ରେ ଥିବା ଏକ ଚପଲ ଗୋଦାମର ଝରକା ଭାଙ୍ଗି କେହି ଦୁର୍ବୃତ୍ତ ଗୋଦାମ ଗୃହରେ ଥିବା ନଗଦ ଟଙ୍କା ଓ ବହୁ ମୂଲ୍ୟବାନ୍ ଚପଲ ଚୋରି କରିନେଇଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ କୁଆଁପାଳ ରୋଡ୍‌ର ଚନ୍ଦ୍ରାଦେଇପୁର ଗ୍ରାମରେ ନାଦୋଳ ଅଞ୍ଚଳର ମହମ୍ମଦ ରସିଦ୍ କରିଥିବା ଏକ ଚପଲ ଗୋଦାମ ଗୃହର ପଛପଟ ଝରକା ଭାଙ୍ଗି କେହି ଦୁର୍ବୃତ୍ତ ଗୋଦାମ ଗୃହରେ ପ୍ରବେଶ କରି ଡ୍ରରେ ଥିବା ପ୍ରାୟ ୪୪ ହଜାର ଟଙ୍କା ଓ ବହୁ ମୂଲ୍ୟବାନ୍ ଜୋତା ଓ ଚପଲ ଚୋରି କରିନେଇଥିବାର ମହମ୍ମଦ ରସିଦ୍ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସେହିପରି ନିକଟରେ ଥିବା ୨ରୁ ୩ଜଣ ବ୍ୟକ୍ତିଙ୍କ ବାହାରପଟ ଝରକା ଓ କବାଟ ବାଡେଇବା ସହ ଚୋରି କରିବାକୁ ଉଦ୍ୟମ କରି ବିଫଳ ହେବାରୁ ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଭଦ୍ରକକୁ ହରାଇ ସାନ୍ତାପୁରା ଚାମ୍ପିଅନ

ନିଶ୍ଚିନ୍ତକୋଇଲି,୧୭।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ତରତ ପଞ୍ଚାୟତ ତରତ ଶାସନ ହାଟ ପଡିଆରେ ରିଜିଓନାଲ ଆଥ୍‌ଲେଟିକ ଆସୋସିଏସନ (ଏଜେସିସି) ପକ୍ଷରୁ ତପନ କୁମାର ମହାପାତ୍ର ମେମୋରିଆଲ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ପାଞ୍ଚ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ଟି କେନ୍ଦ୍ରାପଡା ଜିଲ୍ଲା ସାନ୍ତାପୁରା କ୍ରିକେଟ



ଟିମ୍ ଓ ଫାଇଟର ଭଦ୍ରକ କ୍ରିକେଟ ଟିମ୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ସାନ୍ତାପୁରା ବ୍ୟାଟିଂ କରି ୬ ଓଭରରେ ୩ ୱିକେଟ୍ ହରାଇ ୬୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଭଦ୍ରକ ବ୍ୟାଟିଂ କରି ୬ ଓଭରରେ ୫ ୱିକେଟ୍ ହରାଇ ୫୩ ରନ୍ କରି ପରାସ୍ତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱନାଥ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ। ମଣ୍ଟୁନାଥ ଦାସ, ବିକନ ଶର୍ମା, ଅଜୟ ମହାପାତ୍ର, ଜୟନ୍ତ ନାୟକ, ଭାବଗ୍ରାହୀ ମହାନ୍ତି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଏହାର ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ପରିଡାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର, ସମ୍ମାନୀତ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରାକ୍ତନ ସଭାପତି ଅଶୋକ କୁମାର ଓଝା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ରୁଦ୍ରନାରାୟଣ ମହାପାତ୍ର, ଦୁର୍ଗା ପ୍ରସାଦ ରାୟ, ବ୍ଲକ ଆମ୍ବ ସଭାପତି ଅଶୋକ ସାହୁ, କପିଳ ଚନ୍ଦ୍ର ଦାଶ, ଦେବଦତ୍ତ କର ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ ବଚନ ସ୍ମାରକୀ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

ମାହାଙ୍ଗା,୧୭।୧୧(ସମିସ): ମାହାଙ୍ଗା ବ୍ଲକ କୋଠପଦା ମିନି ଷ୍ଟାଡିୟମରେ ଚଳିତ ବର୍ଷ ରାଜ୍ୟସ୍ତରୀୟ ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହ ମଧ୍ୟରେ ଏହି ଅନୁଷ୍ଠିତ ହେବ। ମାହାଙ୍ଗା ଆଥଲେଟିକ ଆସୋସିଏସନ ଏବଂ ରୁରାଲ ଆଥଲେଟିକ ଆସୋସିଏସନ କୋଠପଦାର ମିଳିତ ସହଯୋଗରେ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଉଭୟ ଆସୋସିଏସନର ସଭାପତି ବିଧାୟକ ଶାରଦା ପ୍ରସାଦ ପ୍ରଧାନ ସୂଚନା ଦେଇଛନ୍ତି।

ବିଶିଷ୍ଟ କ୍ରୀଡା ପ୍ରଶିକ୍ଷକ ସହଦେବ ରାଉତଙ୍କ ଅଧକ୍ଷତାରେ କୋଠପଦା ମିନି ଷ୍ଟାଡିୟମ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କୁଣ୍ଡି ସମବାୟ ସମିତି ସଭାପତି ଅଖିଳେଶ ମହାନ୍ତି, ପ୍ରଦୀପ୍ତ କିଶୋର ଦାସ ସ୍ମୃତି ସଂସଦର ସଭାପତି ପନଗ ଭୂଷଣ ଦାସ, କୁହୁଣ୍ଡା ବିକାଶ ପରିଷଦ ସଭାପତି ନିରଞ୍ଜନ ମୁଦୁଲି, କ୍ରୀଡ଼ାବିତ କେଦାରେଶ୍ୱର ପୁହାଣ, କ୍ରୀଡା ସଂଗଠକ ଜିତେନ୍ଦ୍ର ମହାନ୍ତି, କ୍ରୀଡ଼ାବିତ ଅଭୟ ଚରଣ ମହାନ୍ତି, ସୁଶାନ୍ତ ନନ୍ଦ, ଗୌରୀଶଙ୍କର ମହାପାତ୍ର, ପଞ୍ଚାନନ ସ୍ୱାଇଁ, ଜଗନ୍ନାଥ ପଣ୍ଡା, ମନ୍ଦରଧର ମହାନ୍ତି, ପ୍ରତାପ ଆଚାର୍ଯ୍ୟ, ସୂର୍ଯ୍ୟମଣି ଧଳ, ଘନଶ୍ୟାମ ବେହେରା, ରତିକାନ୍ତ ପୃଷ୍ଟି, ରାଜକିଶୋର ସାହୁ, ଅଭୟ ସାହୁ, ରବୀନ୍ଦ୍ର ପୃଷ୍ଟି, ପ୍ରଭାତ ଘଡେଇ, ଅଜୟ ସ୍ୱାଇଁ, କ୍ଷୀରୋଦ ଦାଶ, ଲକ୍ଷ୍ମୀଧର ବେହେରା, ସନାତନ ବିହାରୀ, ରଞ୍ଜନ ଦାସ, ବିକ୍ରମ ରାଉତ, ବିଶ୍ୱରଞ୍ଜନ ମହାନ୍ତି, ରାଜେଶ ବେହେରା, ବାସବ ବେହେରା, ଅବଦୁଲ ହମିଦ, ମାନସ ବେହେରା ପ୍ରମୁଖ ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

# ଉଚ୍ଛେଦ ପୂର୍ବରୁ ଘର ଭାଙ୍ଗିଲେ ଜବରଦଖଲକାରୀ




ନିଶ୍ଚିନ୍ତକୋଇଲି,୧୭।୧୧(ସମିସ): ନିଶ୍ଚିନ୍ତକୋଇଲି ବଜାର ଦେଇ ଯାଇଥିବା ୮(ଇ) କେନାଲ ଓ ଏହାର ବନ୍ଧକୁ କବ୍‌ଜାରେ ରଖିଥିବା ଜବରଦଖଲକାରୀ ଏବେ ଆପେ ଆପେ ସେମାନଙ୍କର ଘର ଭାଙ୍ଗୁଥିବା ଦେଖାଯାଇଛି। ଦୀର୍ଘ ବର୍ଷ ହେବ ଏହି କେନାଲକୁ ଜବରଦଖଲ କରି ରଖିଥିଲେ ମଧ୍ୟ ପ୍ରଶାସନିକସ୍ତରରେ ସେଭଳି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ସରକାର ବଦଳିବା ପରେ କୃଷିର ବିକାଶ ପାଇଁ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଗୁରୁତ୍ୱ ଦେଇ ପ୍ରତ୍ୟେକ କେନାଲକୁ ଲାଇନିଙ୍ଗ୍ କରି ଢଳେଇ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରିଥିଲେ। ଏହା ପରେ ଜଳସେଚନ ବିଭାଗ ପକ୍ଷରୁ କେନାଲ ଲାଇନିଙ୍ଗ୍ କାର୍ଯ୍ୟ ଆରମ୍ଭ ହୋଇଛି। ଜବରଦଖଲ ଉଚ୍ଛେଦ ହୋଇ ପାରୁ ନ ଥିବାରୁ ଏହି କେନାଲର ଲାଇନିଙ୍ଗ୍ କାର୍ଯ୍ୟ ହୋଇପାରୁ ନ ଥିଲା। ତହସିଲଦାର କାର୍ଯ୍ୟାଳୟ ପକ୍ଷରୁ ଗତ ତା.୧.୮.୨୦୨୫ ରିଖରେ ଏହାର ତଦନ୍ତ ମୁତାବକ ବେଆଇନ ଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିଲା ବେଳେ ଜବଦରଖଲକାରୀ ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ଏହା ପରେ ତହସିଲଦାର ଦମୟନ୍ତୀ ସାହୁ ତା. ୧୮.୧୧.୨୦୨୫ ରିଖରେ ବେଆଇନ ଭାବେ ଜବରଦଖଲ କରିଥିବା ସରକାରୀ ଜାଗାକୁ ଉଚ୍ଛେଦ ନିମନ୍ତେ ଭଙ୍ଗାଯିବା ପାଇଁ ନୋଟିସ୍ ଦେଇଥିଲେ। ଏହି ନୋଟିସ ବଳରେ ନିଶ୍ଚିନ୍ତକୋଇଲି ରାଜସ୍ୱ ନିରୀକ୍ଷକ ଓ ଥାନା ପକ୍ଷରୁ ମଧ ତୁରନ୍ତ ଜବରଦଖଲ ଉଚ୍ଛେଦ ପାଇଁ ତାଗିଦ୍ କରାଯାଇଥିଲା। ହେଲେ ତହସିଲ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜବରଦଖଲକାରୀମାନେ ସରକାରୀ ଜାଗାକୁ ଦଖଲ କରି ସେଥିରେ ନିର୍ମାଣ କରିଥିବା ଘର ଗୁଡିକୁ ଭାଙ୍ଗୁଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟାରେ ୨୦ରୁ ଉଦ୍ଧ୍ୱର୍ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ମାଡି ବସିଥିବା ସରକାରୀ ଜାଗାକୁ ଖାଲି କରୁଥିବା ଦେଖାଯାଇଛି। ଜବରଦଖଲ ଉଚ୍ଛେଦ ପରେ ଉକ୍ତ କେନାଲର ଲାଇନିଙ୍ଗ୍ କାର୍ଯ୍ୟ ହେବା ସହିତ ଏହାର ବନ୍ଧକୁ ଢଳେଇ ରାସ୍ତାରେ ପରିଣତ କରାଯିବ ବୋଲି ଜଣାଯାଇଛି। ଏହି ଜବରଦଖଲ ଉଚ୍ଛେଦ ଆରମ୍ଭ ହେବା ପରେ ଏହାର ପାଶ୍ୱର୍ରେ ଯାଇଥିବା ନିଶ୍ଚିନ୍ତକୋଇଲି-ଲଳିତଗିରି ରାସ୍ତାକୁ ବେଆଇନ ଭାବେ ଦଖଲ କରି ରଖିଥିବା ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ଏହି ଉଚ୍ଛେଦ ପରେ ଖୁବ୍ ଶୀଘ୍ର ଉକ୍ତ ରାସ୍ତାକୁ ଦଖଲ କରିଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜଣାଯାଇଛି।

### ଗ୍ରାମାଞ୍ଚଳରେ ବେଆଇନ କରତକଳ ମାଲମାଲ

# ବର୍ଷକରେ ୭ କୋଟି ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ

**କଟକ, ୧୭ ।୧୧(ସମିସ)**



ଗ୍ରାମାଞ୍ଚଳରେ ବେଆଇନ ଭାବେ ଲାଇସେନ୍ସ ନଥାଇ ମାଲମାଲ କରତକଳ ଚାଲୁଛି। ଏପରିକି କରତକଳ ପାଇଁ ଲାଇସେନ୍ସ ଦିଆଯାଇନଥିଲେ ବି ଏଗୁଡିକ ଦିନରାତି ଚୋରା କାଠ ଚିରଟରେ ନିୟୋଜିତ ରହୁଥିବା ଅଭିଯୋଗ ହେଉଛି। ଭିଜିଲାନ୍ସ ଓ ବନ ବିଭାଗ ଗୁଡିକ ପକ୍ଷରୁ ଏନଫୋର୍ସମେଣ୍ଟ ହେଉଥିଲେ ମଧ୍ୟ ଏହା ପ୍ରଭାବୀ ହୋଇପାରୁନାହିଁ। ଯେଉଁଥିପାଇଁ ବିଭିନ୍ନ ସ୍ଥାନରେ କାଠ ମାଫିଆ ମାନେ ସକ୍ରିୟ ହୋଇପଡୁଛନ୍ତି।

କରତକଳରେ କାଠ ଚିରା ଯାଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ବିଶେଷକରି ଫର୍ଣ୍ଣିଚର ୟୁନିଟ ପାଇଁ ମଧ୍ୟ ଲାଇସେନ୍ସର ଆବଶ୍ୟକ ଥିବା ବେଳେ ଏବେ ଛତୁଫୁଟିଲା ଭଳି ଏଗୁଡିକ ଗଢିଉଠିଛି। ଯେଉଁ ଠାରେ ଚୋରା କାଠରେ ବିଭିନ୍ନ ଫର୍ଣ୍ଣିଚର ତିଆରି କରାଯାଇ ବିକ୍ରି କରାଯାଉଛି। ଏହି ଫର୍ଣ୍ଣିଚର ୟୁନିଟ ଗୁଡିକ ସରକାରଙ୍କୁ ଜିଏସଟି ଫାଙ୍କିଚାଲିଛନ୍ତି। ମିଳିଥିବା ସୂଚନାନୁସାରେ ଗତ ଏକ ବର୍ଷ ମଧ୍ୟରେ ଭିଜିଲାନ୍ସ ଫରେଷ୍ଟ ଡିଭିଜନ ପକ୍ଷରୁ ଚଢଉ କରାଯାଇ ପ୍ରାୟ ୭କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଯନ୍ତ୍ରାଂଶ ଓ କାଠ ଜବତ ହୋଇଥିବା ଜଣାପଡ଼ିଛି। ସେହିଭଳି ପ୍ରାୟ୫୦ରୁ ଅଧିକ ମାମଲା ମଧ୍ୟ ରୁଜୁ ହୋଇଛି। ଭିଜିଲାନ୍ସ ଅଧିକାରୀଙ୍କ କହିବାନୁସାରେ କଟକ, ପୁରୀ, ଭଦ୍ରକ, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ବିପୁଳ ପରିମାଣର କାଠ ଓ ଯନ୍ତ୍ରାଂଶ ଜବତ କରାଯାଇପାରିଛି। କଟକ ଜିଲ୍ଲାର ଅସୁରେଶ୍ୱର, ଆମଣ, ସାସୋଳ, ବୟାଳିଶମୌଜା, ନିଆଳି, ନିଶ୍ଚିନ୍ତକୋଇଲି, କଟିକଟା, କିଶନନଗର, ସାଲେପୁର ଆଦି ଅଞ୍ଚଳରୁ ପ୍ରାୟ କୋଟିଏ ଟଙ୍କାର ମୂଲ୍ୟବାନ କାଠ ଜବତ ହୋଇଛି। ଓଡ଼ିଶା ସମିଲ୍ ଆକ୍ଟର ଧାରା୪କୁ ଉଲ୍ଲଘଂନ କରାଯାଉଥିବା ନେଇ ଫରେଷ୍ଟ ରେଞ୍ଜରେ ମାମଲା ରୁଜୁ ହେଉଛି। ୨୦୨୪ଅକ୍ଟୋବରରେ ବୟାଳିଶମୌଜା କଦମପଡ଼ା ଅଞ୍ଚଳରୁ ୧୩ଲକ୍ଷ ଟଙ୍କାର କାଠ ଜବତ ହୋଇଥିଲା ବେଳେ ଡିସେମ୍ବରରେ ନିଶ୍ଚିନ୍ତକୋଇଲିରୁ ୧୩୧ଘଟଫୁଟ କାଠ ଜବତ ସହ ୩ଟି ମାମଲା ରୁଜୁ ହୋଇଥିଲା। ୨୦୨୫ଜାନୁଆରିରେ ଅସୁରେଶ୍ୱର ଅଞ୍ଚଳରୁ ୧୭ଲକ୍ଷ ଟଙ୍କାର କାଠ ଓ କରତକଳ ଜବତ ହୋଇପାରିଥିଲା। ପୁନର୍ବାର ମାର୍ଚ୍ଚ ମାସରେ କଟକ ସଦର ଆମଣ ଅଞ୍ଚଳରେ ଚଢଉ କରାଯାଇ ୮ଲକ୍ଷ ଟଙ୍କାର କାଠ ଜବତ ହୋଇଥିଲା। ଗ୍ରାମାଞ୍ଚଳ ମାନଙ୍କରେ ନିଷିଦ୍ଧ ଗଛ କାଟିବାକୁ ମଧ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ନିଆଯାଉନଥିବା ବେଳେ ଏହାକୁ ଆଣି ବେଆଇନ ଚାଲୁଥିବା କରତକଳରେ ଚିରାଯାଉଛି।

## ସିପିଆଇ କର୍ମୀ ସାନନ୍ଦ ସେଠୀଙ୍କର ବିୟୋଗ ଓ ଅଙ୍ଗଦାନ

**କଟକ, ୧୭।୧୧(ସମିସ):** ସିପିଆଇ କଟକ ନଗର ସହ ସମ୍ପାଦକ ଓ ଏଆଇଟିୟୁସିର କଟକ ଜିଲ୍ଲା କୋଷାଧ୍ୟକ୍ଷ ସାନନ୍ଦ ସେଠୀଙ୍କର ୬୯ ବର୍ଷରେ ତାଙ୍କ ଦେଉଳ ସାହି ବାସଭବନରେ ବିୟୋଗ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କ ପତ୍ନୀ ସୁଲୋଚନା, କନ୍ୟା ସଦୀପ୍ତା, ଜାମାତା ପରିବାରବର୍ଗ, ବନ୍ଧୁ ଭ୍ରମରବର ସାହୁ ଉପସ୍ଥିତ ଥିଲେ। ତାଙ୍କ ଇଚ୍ଛା ଅନୁସାରେ ଏସସିବି ମେଡିକାଲ କଲେଜର ଶରୀର ତତ୍ତ୍ୱ ବିଭାଗକୁ ତାଙ୍କ ପରିବାରବର୍ଗ ଅନୁମତି କ୍ରମେ ଅଙ୍ଗଦାନ କରାଯାଇଥିଲା। ଅଙ୍ଗଦାନ କାର୍ଯ୍ୟରେ ଅଙ୍ଗଦାନ ଆନ୍ଦୋଳନର କର୍ମୀ ଦେବେନ୍ଦ୍ର ସୂତାର ଓ ତାଙ୍କ ସାଥୀମାନେ ସହଯୋଗ କରିଥିଲେ। ସାନନ୍ଦ ସେଠୀଙ୍କର ମୃତ୍ୟୁ ଖବର ପାଇ କଟକର ମେୟର ସୁବାସ ଚନ୍ଦ୍ର ସିଂହ, ବିଧାୟିକା ସୋଫିଆ ଫିରଦୋସ, ସମାଜସେବୀ ଶୈଳ ବେହେରା, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ସିପିଆଇ ରାଜ୍ୟ ନେତା ଅମରେନ୍ଦ୍ର ମହାନ୍ତି, ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ଶ୍ରମିକ ନେତା କିଶୋର ଜେନା, ବ୍ୟାଙ୍କ କର୍ମଚାରୀ ନେତା ବିପିନ ବିହାରୀ ପାଢ଼ୀ, ଅଶୋକ ତା, ସୁଭାଷ ଚନ୍ଦ୍ର ବୋଷ, ବୀମା କର୍ମଚାରୀ ନେତା ବିଜୟ



ସାହୁ, ଇସକଫର ଜାତୀୟ ସାଧାରଣ ସମ୍ପାଦକ ବିଜୟ ପଢ଼ିହାରୀ, ସମାଜସେବୀ ବୀରେନ୍ଦ୍ର ଦାସ, ଶିକ୍ଷାବିତ ସାଧୁ ଚରଣ ପ୍ରଧାନ, ଜନତା ମହାପାତ୍ର, ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ବୃନ୍ଦ, ସ୍ଥାନୀୟ କର୍ପୋରେଟର ମମତା ନାୟକଙ୍କ ସହ ଦେଉଳ ସାହି ଓ ବିଡାନାସୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁ ଶୋକ ପ୍ରକାଶ କରି ମଡର୍ଣ୍ଣ ପବ୍ଲିକ ସ୍କୁଲକୁ ଆଜି ଛୁଟି ଘୋଷଣା କରାଯାଇଛି। ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଓ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ ଜେନା ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ତାଙ୍କ ମୃତ୍ୟୁରେ ବାମପନ୍ଥୀ ଆନ୍ଦୋଳନ ଜଣେ ଉତ୍ସର୍ଗୀକୃତ କର୍ମୀଙ୍କୁ ହରାଇଲା ବୋଲି କହିଛନ୍ତି।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ

**ବଡ଼ମ୍ବା, ୧୭।୧୧(ସମିସ):** ବଡମ୍ବା ସଦର ମହକୁମା ଅଧୀନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ବଡମ୍ବା ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମଣ୍ଡଳ ସହ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମା ପୂର୍ବ ବର୍ଷରେ ଆସିଥିବା ବିଜ୍ଞାନ ପ୍ରକଳ୍ପ ଉପରେ ଚର୍ଚ୍ଚା ସହ ଚଳିତ ବର୍ଷ କିପରି ଆହୁରି ସୁନ୍ଦର ଭାବରେ ଆୟୋଜନ କରିବା ସେହି ଉପରେ ଆଲୋଚନା କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଚଳିତ ବର୍ଷ କେଉଁ ବିଦ୍ୟାଳୟରେ



କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ବଡବାରସିଂହ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପରିଡ଼ା ତାଙ୍କ ବିଦ୍ୟାଳୟରେ ଆୟୋଜିତ ହେଉ ବୋଲି ଆଗ୍ରହ ପ୍ରକାଶ କରିଥିଲେ। ଯାହା ସର୍ବ ସମ୍ମତି କ୍ରମେ ସଭାରେ ଗୃହୀତ ହୋଇଥିଲା। ପ୍ରତିବର୍ଷ ଭଳି ଜିଲ୍ଲାସ୍ତରରେ ନିଷ୍ପତ୍ତି ହୋଇଥିବା ପ୍ରକଳ୍ପ ଅନୁସାରେ ସମସ୍ତ ବିଦ୍ୟାଳୟରୁ ଅନ୍ୟୁନ ଗୋଟିଏ ପ୍ରକଳ୍ପ ଆସିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ, ମଣ୍ଡଳ ସହ ଶିକ୍ଷାଧିକାରୀ ସୁଷମା ମଞ୍ଜରୀ ମହାଲିକ, ବଡମ୍ବା ବ୍ଲକ ଓଷ୍ଟା ସଂଘ ସଭାପତି ଶ୍ୟାମବନ୍ଧୁ ବେଉରା, କଟକ ଜିଲ୍ଲା ଓଷ୍ଟା ସଂଘ ସମ୍ପାଦକ ବିଜୟ କୁମାର ଛତ୍ର, କଟକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରମେଶ ଚନ୍ଦ୍ର ବେହେରା, ବ୍ଲକ ଗ୍ରାଣ୍ଟ ଶିକ୍ଷକ ସଂଘ କଟକ ଜିଲ୍ଲା ସମ୍ପାଦକ ସରୋଜ ସାହୁ, ବଡମ୍ବା ପ୍ରାଥମିକ ଶିକ୍ଷକ ଫେଡେରେସନ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ସଭାପତି ସୁରସୁନ୍ଦର ଶତପଥୀ, ବଡମ୍ବା ମଣ୍ଡଳ ବିଜ୍ଞାନ ସଂଯୋଜକ ସୁବାଷ ମାଝୀ ଓ ସମସ୍ତ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ରହି ନିଜ ନିଜର ମତ ପରିପ୍ରକାଶ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସଂଘର ବୈଠକ



**ସାଲେପୁର, ୧୭ ।୧୧(ସମିସ):** ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ କଟକ ଶାଖା ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସାଧାରଣ ବୈଠକ ସାଲେପୁର ନିକଟସ୍ଥ ବଟେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସଭାପତି ନୀତିଶ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ମାନଙ୍କରୁ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ଉପସ୍ଥିତ ହୋଇ ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ଆଗକୁ କିପରି ସଂଘର ଉତ୍ତରୋତ୍ତର ଉନ୍ନତି ହୋଇ ସଂଘକୁ ସୁଦୃଢ଼ କରାଯିବ, ସେ ଦିଗରେ ଆଲୋଚନା କରାଯାଇଥିଲା। ଜିଆଇଏ ପଲିସି ପାଇଁ ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ୨୦୦୮ ରୁ ପରବର୍ତ୍ତୀ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ପାଇଁ ଅନେକ ଗୁଡିଏ ପ୍ରସ୍ତାବ ଆଗତ କରାଯାଇ ଏ ସମ୍ପର୍କରେ ସରକାରଙ୍କୁ ଏଥି ସମ୍ବନ୍ଧରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ବୈଠକରେ ଅଧ୍ୟାପକ ଚିତ୍ତରଞ୍ଜନ ବରାଳ, ପ୍ରକାଶ ରଞ୍ଜନ ସାହୁ, ରାମେଶ୍ୱରୀ ମହତାବ, ରଞ୍ଜନ ପଲେଇ, ପ୍ରକାଶ ଲେଙ୍କା, ସଞ୍ଜୟ ବେହେରା, ଅର୍ପିତା ପ୍ରିୟଦର୍ଶିନୀ, ଧୂଳେଶ୍ୱର ଶତପଥି, ସାହିସ୍ତା ଆରଜୋ ରହମାନ୍, ଅବିନାଶ ଦାସ, ମମତା ଦାଶ, ଗୌରୀପ୍ରଭା ଶତପଥି, ଦିବ୍ୟଜ୍ୟୋତି ଶତପଥିଙ୍କ ସମେତ ୨୦୦୮ ରୁ ୨୦୨୫ ମଧ୍ୟରେ ଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସଚେତନତା ପଦଯାତ୍ରା

**ତିଗିରିଆ, ୧୭।୧୧(ସମିସ):** କଟକ ଜିଲ୍ଲା ବିଦ୍ୟାଳୟ ସମୂହ (୧୪ରୁ ୧୭ ବର୍ଷ) ଛାତ୍ରଛାତ୍ରୀଙ୍କ ପାଇଁ ଆସନ୍ତା ୨୧ ଓ ୨୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଫୁଟବଲ ପ୍ରତିଯୋଗିତା ନିମନ୍ତେ ଏକ ଜନସଚେନତା କାର୍ଯ୍ୟକ୍ରମ ସଚେତନତା ପଦଯାତ୍ରା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପଦଯାତ୍ରାକୁ ସହକାରୀ ଜିଲ୍ଲାପାଳ ମାନସ ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ତିଗିରିଆ ଗୋହିରଦ୍ୱାର ଛକ ନିକଟସ୍ଥ ହନୁମାନ ମନ୍ଦିର ନିକଟରେ ପତକା ଦେଖାଇ ଉଦଘାଟନ କରିଥିଲେ। ସଂଗଠନର ସମ୍ପାଦକ ରବୀନ୍ଦ୍ର କୁମାର ବିଶ୍ୱାଳ, କ୍ରୀଡା



ସମ୍ପାଦକ ସରୋଜିନୀ ସାହୁ ଓ ବ୍ଲକ ସାଧାନ କେନ୍ଦ୍ର ସଂଯୋଜକ ମାଧବ ଚନ୍ଦ୍ର ଦେଉରୀଙ୍କ ପରିଚାଳନାରେ ବ୍ଲକ ପକ୍ଷରୁ ଭାଗ ନେଉଥିବା ସମସ୍ତ କ୍ରୀଡାବିତ୍ ଏବଂ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ, ବିଶିଷ୍ଟ ସମାଜସେବୀ ସରୋଜ କୁମାର ଦାଶ, ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଏବଂ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଇନ୍ଦ୍ରଜୀତ ପ୍ରଧାନ, ସମ୍ପାଦକ ସୁଶାନ୍ତ ପଣ୍ଡା, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ମାୟାଧର ସାହୁ, ଚନ୍ଦ୍ରକାନ୍ତ ମିଶ୍ର, ପ୍ରଭାତ ପଣ୍ଡା, କର୍ଣ୍ଣାର୍ଜୁନ ନାୟକ, ପ୍ରମୋଦ ଗୋଛି, ସଚ୍ଚିଦାନନ୍ଦ ରାଉଳ, ସୁବାସ ଚନ୍ଦ୍ର ପ୍ରଧାନ, ଚନ୍ଦ୍ରମଣୀ ସାହୁ ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଉମାଶଙ୍କର ରାଉତ, ପ୍ରଶାନ୍ତ ଘଡେଇ, ବିଶ୍ୱରଞ୍ଜନ ଜେନା, ଚନ୍ଦ୍ରମଣି ସ୍ୱାଇଁ, ମହେଶ୍ୱର ସେଠୀ, ନିଶାକର ଖଟୁଆ, ଅଶୋକ ଦାସ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

## କବି କିଶୋର କୁମାରଙ୍କ ପୁସ୍ତକ 'ସମର୍ପଣ' ଲୋକାର୍ପିତ



**କଟକ, ୧୭।୧୧(ସମିସ):** ବିଡାନାସୀର ପ୍ରସିଦ୍ଧ ମାତୃପୀଠ ମା' ଭୂଆସୁଣୀ ମନ୍ଦିର ପ୍ରାଙ୍ଗଣରେ କବି କିଶୋର କୁମାର ପଣ୍ଡାଙ୍କ ପ୍ରଥମ ଅର୍ଘ୍ୟ କବିତା ସଂକଳନ ସମର୍ପଣ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଉକ୍ତ ପୁସ୍ତକକୁ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉନ୍ମୋଚନ କରି କବି ପଣ୍ଡାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଲୋକାର୍ପଣ ଉତ୍ସବର ସଭାକୁ ନୀଳଚକ୍ର ସଭାନେତ୍ରୀ ନମିତା ପଣ୍ଡା ସଭାପତିତ୍ୱ କରିଥିଲେ। ମର୍କତନଗର ନୀଳଚକ୍ର ଶାଖାର ସଭାପତି କଣ୍ଠଶିଳ୍ପୀ ମୁରଲୀଧର ଶତପଥି ନିଜସ୍ୱ ରଚିତ ଜଗନ୍ନାଥ ଭଜନ ପରିବେଷଣ କରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ଶୁଭାରମ୍ଭ କରି ପରିଚାଳନା କରିଥିଲେ। କବି ସମ୍ମିଳନୀକୁ ସଭାପତିତ୍ୱ କରିଥିଲେ ପଣ୍ଡିତ ଦୁଲାଲ କୃଷ୍ଣ ପତି। କବି ବିଜୟ କୁମାର ନାଥ ସଂଯୋଜନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ନିବାସ ଚନ୍ଦ୍ର ମିଶ୍ର, ସଂଯୋଜ ସାମନ୍ତରାୟ ଓ ଗୋପାଳ ଚନ୍ଦ୍ର ମିଶ୍ର ପରିଚାଳନା କରି କବିତା ଆବୃତ୍ତି କରିଥିଲେ। ଉତ୍ସବ ମଧ୍ୟରେ ବିଡାନସୀର ଯୁବ ସମାଜସେବୀ ଜାନକୀବଲ୍ଲଭ ବେହେରାଙ୍କୁ ପୁସ୍ତକ ପ୍ରକାଶକ ସ୍ନେହାଶିଶ୍ କର ସମ୍ମାନୀତ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡଙ୍ଗୀ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, ବିଶିଷ୍ଟ ଜ୍ୟୋତିର୍ବିଦ ପଣ୍ଡିତ ଦିବାକର ମିଶ୍ର ଯୋଗଦେଇ କବିତା ସମୀକ୍ଷା କରି ପୁସ୍ତକକୁ ଲୋକାଭିମୁଖି କରିଥିଲେ। କବିଙ୍କର ସପରିବାର ଉକ୍ତ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ତାଙ୍କ ସହଧର୍ମିଣୀ ସରୋଜିନୀ ପଣ୍ଡା ଉତ୍ସବଟିକୁ ସରସ ସୁନ୍ଦର କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ କବି ଅଦ୍ୱୈତ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

## ସାଇପର୍ ଫାର୍ମାସି ଶିକ୍ଷାନୁଷ୍ଠାନରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




**ଚୌଦ୍ୱାର, ୧୭।୧୧(ସମିସ):** ଚୌଦ୍ୱାର ଦେଉଳ ଚୁଆ ସ୍ଥିତ ସାଇପର୍ ଶିକ୍ଷା ଅନୁଷ୍ଠାନରେ ନବାଗତ ଏମ୍.ଫାର୍ମାସି ଓ ବି.ଫାର୍ମାସି ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରିନ୍ସିପାଲ ଡ଼. ସନ୍ତୋଷ କୁମାର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଫାର୍ମାସି ବିଭାଗର ବରିଷ୍ଠ ଅଧ୍ୟାପକ ଡ. କଳାକାର ବଳ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ନିଜ ଜୀବନରେ ପାଇଥିବା ସଫଳତା ଓ ଅତ୍ୟାଧୁନିକ ଔଷଧ ସହିତ ଫାର୍ମାସି ବିଭାଗର ଅବଦାନ ଉପରେ ଆଲୋକପାତ କରିବା ସହ ସେମାନଙ୍କର ଭବିଷ୍ୟତ ଜୀବନ ପାଇଁ ମଙ୍ଗଳ କାମନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରାଧ୍ୟାପିକା ଡ଼. ଲୀନା ସାମନ୍ତରାୟ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି ଫାର୍ମାସି ଶିକ୍ଷା ଏବଂ ବର୍ତ୍ତମାନ ସମୟରେ ଏହାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରିନ୍ସିପାଲ ଡ. ସନ୍ତୋଷ କୁମାର ବଳ ନୂତନ ଛାତ୍ରଛାତ୍ରୀଙ୍କୁ ସାଇପର୍ ପରିସରକୁ ସ୍ୱାଗତ କରିବା ସହ ସମସ୍ତ ଛାତ୍ରଛାତ୍ରୀ ଫାର୍ମାସି ପାଠକୁ ମନଦେଇ ପଢ଼ିବା ସହିତ ନିଜକୁ ଏକ କୁଶଳୀ ଫାର୍ମାସିଷ୍ଟ ଭାବେ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ତଥା ପରିଚାଳନା କମିଟିର ସଦସ୍ୟ ପବିତ୍ର ମୋହନ ମହାନ୍ତି ଛାତ୍ରଛାତ୍ରୀଙ୍କୁ ସୁନ୍ଦର ଭାବରେ ଗଢିତୋଳିବାର ଦାୟିତ୍ୱ ଆମର କହି ଅଭିଭାବକଙ୍କୁ ଆଶ୍ୱାସନା ଦେଇଥିଲେ, ପ୍ରାଧ୍ୟାପକ ଡ଼. ପ୍ରିୟଦର୍ଶୀ ମିଶ୍ର, ଡ଼. ବିଚିତ୍ରାନନ୍ଦ ତ୍ରିପାଠୀ, ସୁବୀର ମିତ୍ର, ଦେବାଶିଷ ମିଶ୍ର, ଅଳକା ପ୍ରିୟଦର୍ଶିନୀ କର ଉପସ୍ଥିତ ରହି ନିଜ ନିଜ ବିଭାଗର ସମସ୍ତ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ସୌମ୍ୟ ରଞ୍ଜନ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ଅଧ୍ୟାପିକା ସ୍ୱସ୍ତି ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକା ତଥା ପ୍ରାଚୀପ୍ରଭା ନାୟକ, ସ୍ନିଗ୍ଧା ମହାନ୍ତି, ଆଶିଷ ନାୟକ, ଅବିନାଶ ଜେନା, ସୁନିତା ବେହେରା, ତେଜସ୍ୱିନୀ ମହାପାତ୍ର, ମୋହନ ବେହେରାଙ୍କ ସହିତ ଅନୁଷ୍ଠାନର କର୍ମଚାରୀବୃନ୍ଦ ତଥା ପ୍ରଦୀପ୍ତ ସ୍ୱାଇଁ, ଦିଲ୍ଲୀପ ବିଶ୍ୱାଳ, ସ୍ମିତାଲି ନାୟକ, ଜ୍ୟୋତି ପ୍ରକାଶ ମିଶ୍ର, ପବିତ୍ର ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଆଇପିଏଫ୍ ବିଦ୍ୟାଳୟର କ୍ରୀଡ଼ା ସଫଳତା

**ଚୌଦ୍ୱାର, ୧୭।୧୧(ସମିସ):** ଶିକ୍ଷାକ୍ଷେତ୍ରରେ ଚୌଦ୍ୱାର-କଟକ ଅଞ୍ଚଳରେ ବିଆଇପିଏଫ୍ ସ୍କୁଲ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ବେଶ ଆଦୃତ ଲାଭ କରିଛି। ଏହି ବିଦ୍ୟାଳୟରେ ଯୁଗପୋଯୋଗି ପାଠ୍ୟକ୍ରମ ସହିତ କ୍ରୀଡା ଏବଂ ସୃଜନଶୀଳତା ଉପରେ ପ୍ରାଧାନ୍ୟ ଦିଆଯାଉଛି। ଯାହା ପିଲାମାନଙ୍କର ଶାରିରୀକ ସୁସ୍ଥତା ସହିତ ମାନସିକ ବିକାଶର ଅଭିବୃଦ୍ଧି କରିଥାଏ। ଗତ ୨ଦିନ ଧରି ଚୌଦ୍ୱାର ଓଟିଏମ୍ କଲୋନୀ




ସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ଅଷ୍ଟମ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଥଲେଟିକ ମିଟରେ ସ୍ଥାନୀୟ ବିଆଇପିଏଫ୍ ସ୍କୁଲର ଛାତ୍ରଛାତ୍ରୀମାନେ ଅପୂର୍ବ ସଫଳତା ହାସଲ କରିଛନ୍ତି। ଏହି କ୍ରୀଡା ପ୍ରତିଯୋଗିତାରେ ସ୍କୁଲର ଛାତ୍ରୀଛାତ୍ର ୧୯ଟି ଟ୍ରଫି ହାସଲ କରିବା ସହିତ କ୍ରୀଡା ମହୋତ୍ସବରେ ଅଂଶଗ୍ରହଣ କରିଥିବା ୧୧୨ଟି ସ୍କୁଲ ମଧ୍ୟରୁ ବିଆଇପିଏଫ୍ ସ୍କୁଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଏହି ସଫଳତା ପାଇଁ ବିଦ୍ୟାଳୟର ପରିଚାଳନା ମଣ୍ଡଳି ତରଫରୁ ସ୍କୁଲର କ୍ରୀଡା ଶିକ୍ଷକ ପ୍ରଣବ ସରକାରଙ୍କୁ କୃତଜ୍ଞତା ଜଣାଇବା ସହିତ ସମସ୍ତ କୃତି ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କର୍କଟ ଆକ୍ରାନ୍ତ ଛାତ୍ରଙ୍କୁ ସହାୟତା ପାଇଁ ନିବେଦନ

**ନିଶ୍ଚିନ୍ତକୋଇଲି, ୧୭।୧୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନରେନ୍ଦ୍ରପୁର ପଞ୍ଚାୟତ ରାମେଶ୍ୱରପୁର ଗ୍ରାମର କାଳନ୍ଦୀ ମଲିକଙ୍କ ପୁତ୍ର ଶୁଭମ୍ ମଲିକ (୧୩) କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଶୁଭମ୍ ସ୍ଥାନୀୟ ଗଡ଼ିଜଙ୍ଗସ୍ଥିତ କଳିଙ୍ଗ ମଡେଲ ଉଚ୍ଚ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପାଠ ପଢୁଛନ୍ତି। ବିଗତ ୩ ବର୍ଷ ତଳେ ସେ ସ୍କୁଲରେ ଖେଳୁଥିବା ସମୟରେ ପଡ଼ିଯିବାରୁ ତାଙ୍କର ଗୋଡର



ଆଣ୍ଠୁ ତଳେ ଶକ୍ତ ଆଘାତ ଲାଗିଥିଲା। ଗୋଡରେ ଲାଗିଥିବା ଆଘାତ ସ୍ଥାନଟି ଏବେ ଫୁଲିଯାଇ ଯନ୍ତ୍ରଣା ହେବାରୁ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରି କର୍କଟ ହୋଇଛି ବୋଲି ରିପୋର୍ଟ ଦେଇଛନ୍ତି। ସମ୍ପୃକ୍ତ ଛାତ୍ର ଜଣକ ଭୁବନେଶ୍ୱରସ୍ଥିତ ବାଗ୍‌ଚୀ ଶ୍ରୀ ଶଙ୍କର କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନରେ ପ୍ରଥମେ ଚିକିତ୍ସିତ ହେଉଥିଲେ। ଶୁଭମ୍‌ଙ୍କ ପିତା ମୂଲିଆ ଶ୍ରେଣୀର ହୋଇଥିବାରୁ ପୁଅର ଚିକିତ୍ସା ପାଇଁ ତାଙ୍କ ପାଖରେ ଥିବା ସମସ୍ତ ସମ୍ବଳ ଖର୍ଚ୍ଚ କରିସାରିବା ପରେ ରୋଗ ଭଲ ହୋଇପାରି ନାହିଁ। ଅର୍ଥ ଅଭାବରୁ ଡାକ୍ତରଖାନାରୁ ତାଙ୍କୁ ଚିକିତ୍ସାସେବା ନ ମିଳିବାରୁ ସେ ଏବେ ଘରକୁ ପଳାଇ ଆସିଛନ୍ତି। ବର୍ତ୍ତମାନ ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ଥିବାରୁ ପରିବାର ପକ୍ଷରୁ ଅଧିକ ଅର୍ଥ ଯୋଗାଡ କରିବା ସମ୍ଭବପର ହେଉ ନାହିଁ। ଏଭଳି ସ୍ଥିତିରେ ପୁଅର ଚିକିତ୍ସା ପାଇଁ ମାତା ମମତା ମଲିକ ଓ ପିତା କାଳନ୍ଦୀ ସରକାରୀ ଓ ବେସରକାରୀସ୍ତରରେ ସହାୟତା ଯୋଗାଇଦେବାକୁ ଆକୁଳ ନିବେଦନ କରିଛନ୍ତି। କେହି ବ୍ୟକ୍ତି କିମ୍ବା ଅନୁଷ୍ଠାନ ସହାୟତାର ହାତ ବଢ଼ାଇବା ପାଇଁ ଇଚ୍ଛା କରୁଥିଲେ ୭୮୫୪୯୪୭୧୫୫ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ସହିତ ୨୮୩୭୦୦୧୭୦୦୨୨୦୩୩୮ କିମ୍ବା ୪୩୫୪୦୯୨୪୮୫୭ ବ୍ୟାଙ୍କ ଜମା ଖାତା ନମ୍ବରରେ ଅର୍ଥ ପଠାଇବା ପାଇଁ ନିବେଦନ କରିଛନ୍ତି।

# ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ

**କଟକ, ୧୭।୧୧(ସମିସ)**




ସମାଜ ନିର୍ମାଣରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି କଟକସ୍ଥିତ ବାରବାଟୀ ଷ୍ଟାଡିୟମ୍ ପରିସର ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଅବସରରେ ବରେଣ୍ୟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଦୈନିକ 'ହିମ୍ମତ୍' ଖବର କାଗଜ ଏବଂ 'ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ' ପକ୍ଷରୁ ରବିବାର ପୂର୍ବାହ୍ନରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ ଯେ, ପ୍ରତ୍ୟେକ ଗଣମାଧ୍ୟମ ଅନୁଷ୍ଠାନ ଚାପ ଓ ପ୍ରଭାବମୁକ୍ତ ରହି କାର୍ଯ୍ୟ କଲେ ହିଁ ଚତୁର୍ଥ ସ୍ତମ୍ଭର ଗୁରୁତ୍ୱ ବଜାୟ ରହିବ। 'ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ'ର ଉପାଧ୍ୟକ୍ଷ ରଜନୀକାନ୍ତ ସାମନ୍ତରାୟଙ୍କ ପୌରୋହିତ୍ୟରେ ଏବଂ 'ହିମ୍ମତ୍' ଖବର କାଗଜର ସମ୍ପାଦକ ତଥା ରାଜ୍ୟ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ କମଳାକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କଟକ ମେୟର ସୁବାସ ଚନ୍ଦ୍ର ସିଂହ, ମୁଖ୍ୟବକ୍ତା ଭାବେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ କୁମାର ବିଶ୍ୱାଳ, ଅନ୍ୟତମ ସମ୍ମାନିତ ଅତିଥି ଡ. ସୁନାମଣି ରାଉତ, କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଫୁଲ୍ଲ ସିଂହ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଯୋଗଦେଇଥିବା ୩୦୦ରୁ ଊର୍ଦ୍ଧ୍ୱ ସାମ୍ବାଦିକଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ସ୍ୱର ଓ ଲେଖନୀ ଅଧିକ ଶାଣିତ ହେଉ ବୋଲି କାମନା କରିଥିଲେ। ଏଥିରେ ଓଟିଭିର କଟକ ଜିଲ୍ଲା ପ୍ରତିନିଧି ମନୋଜ ଆଚାର୍ଯ୍ୟଙ୍କୁ। 'ହିମ୍ମତ୍‌ବାଲା ସାମ୍ବାଦିକ ଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବା ସହ ଅନ୍ୟାନ୍ୟ ବରିଷ୍ଠ ବିଶିଷ୍ଟ ସାମ୍ବାଦିକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। 'ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ'ର ସଭାପତି ସଞ୍ଜୟ ଦାସ, ସମ୍ପାଦକ ପ୍ରଦ୍ୟୁମ୍ନ ଦାସ ଏବଂ ପ୍ରସନ୍ନ ପୃଷ୍ଟି ପ୍ରମୁଖ ସାମ୍ବାଦିକମାନଙ୍କ ହିତ ସାଧନ ଏବଂ ଓଡ଼ିଶାର ସମ୍ବାଦପତ୍ରଗୁଡ଼ିକର ମାନବୃଦ୍ଧି ନିମନ୍ତେ ମତ ପ୍ରଦାନ କରିଥିଲେ। ଏହି ଉତ୍ସବକୁ ଘୋଷକ ରବୀନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ସହ ପରିଚାଳନା କରିଥିଲେ ଏବଂ ଶେଷରେ ସାମ୍ବାଦିକ ବିଶ୍ୱଜିତ୍ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। 'ହିମ୍ମତ୍' ଖବର କାଗଜର ପରିଚାଳନା ସମ୍ପାଦକ ହରଷ କୁମାର ସାହୁ, ସହ-ସମ୍ପାଦକ ଇନ୍ଦ୍ରମଣି ମଲ୍ଲିକ, ବାର୍ତ୍ତା ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଏବଂ ବହୁ ସାମ୍ବାଦିକ ତଥା ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶ୍ରୀ ଜଗନ୍ନାଥ ମହୋତ୍ସବ ପ୍ରସ୍ତୁତି ବୈଠକ

**ନିଆଳି, ୧୭।୧୧(ସମିସ):** ପ୍ରଥମ ଥର ପାଇଁ ଶ୍ରୀ ଜଗନ୍ନାଥ ମହୋତ୍ସବ ନଡିଆ ଗୁରୁଡ଼ି ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ଥର ଦ୍ୱିତୀୟ ବାର୍ଷିକ ଜଗନ୍ନାଥ ମହୋତ୍ସବ ନିଆଳି ବ୍ଲକ ଦେବୀ-କନ୍ଦଳ ଦ୍ୱିପାଞ୍ଚଳ ଐତିହାସିକ ଦିପୋଟି ମେଳଣ ପଡ଼ିଆ ନିକଟ ବଢ଼ିଆସାହି କେଳା ପଡ଼ିଆରେ ଅନୁଷ୍ଠିତ ହେବ। ୨୦୨୬ ଫେବୃଆରୀ ୧୧ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଥି ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଳି ବିଧାୟକ ଛବି ମଲ୍ଲିକ ସଭାପତିତ୍ୱ କରିଥିଲେ। ବୈଠକରେ ଦେବୀ-କନ୍ଦଳ ଦ୍ୱିପାଞ୍ଚଳର ନିଆଳି ଓ କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ୧୧ଟି ଗ୍ରାମ ପଞ୍ଚାୟତର ନେତୃମଣ୍ଡଳି ଯୋଗଦେଇଥିଲେ। ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି, ଯୁବ ସଂଗଠକ ସରୋଜ ସ୍ୱାଇଁ, ଯୁବନେତା ଶଶୀକାନ୍ତ ଲେଙ୍କା, କଣ୍ଟାପଡ଼ା ବ୍ଲକ ଆମ୍ବା ଅଧ୍ୟକ୍ଷ ପ୍ରଦୀପ ପାତ୍ର, ଶଳିଳ ମହାନ୍ତି, ଗଗନ ସାହୁ, ରଜନୀକାନ୍ତ ମହାପାତ୍ର, ପ୍ରମୋଦ ସାହାଣୀ, ଗିରିଶ ଚନ୍ଦ୍ର ମହାପାତ୍ର, ଅଶୋକ ପାତ୍ର, ମଦନମୋହନ ସ୍ୱାଇଁ, ଅରୁଆ ସ୍ୱାଇଁ, ରାଜକିଶୋର ମହାନ୍ତି, ଦିନବନ୍ଧୁ ମହାପାତ୍ର, ସରପଞ୍ଚ ସଞ୍ଜୟ ରାଉତରାୟଙ୍କ ସମେତ କେଦାରନାଥ ରାୟ, ଆଲୋକ ରାୟ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ତଥା ଅନନ୍ତ ସେବା ପରିଷଦର ମୁଖ୍ୟ ବାବା ଅଭିରାମ ସରସ୍ୱତୀ ଯୋଗଦେଇ ଶ୍ରୀ ଜଗନ୍ନାଥ ମହୋତ୍ସବର ନୀତିକାନ୍ତି ଓ କଥାମୃତ ସଂକ୍ରାନ୍ତରେ ଆଲୋଚନା କରିଥିଲେ।





ମଦିନା ଦୁର୍ଘଟଣାରେ ୪୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ସାମିଲ ଥିଲେ । ହାଇଦରାବାଦର ବିମାନ ବନ୍ଦରରେ ନଭେମ୍ବର ୯ରେ ମକ୍କା ଯିବା ପୂର୍ବରୁ ଏହି ପରିବାରର ସଦସ୍ୟଙ୍କୁ ନିକଟ ସମ୍ପର୍କୀୟ ବିଦାୟ ଦେଉଛନ୍ତି । ଦୁର୍ଘଟଣାସ୍ଥଳୀର ଦୃଶ୍ୟ (ବାମ) ।

## ଡ୍ରଗ୍ସ ବୋଟ୍ ଉପରେ ଆକ୍ରମଣ; ୩ ମୃତ, ୭୫ ଦିନରେ ୮୩

ୱାସିଂଟନ, ୧୭ ।୧୧(ଏଜେନ୍ସି): ଆମେରିକା ଶନିବାର ପୂର୍ବ ପ୍ରଶାନ୍ତ ମହାସାଗରରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି । ଏଥିରେ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏ ନେଇ ରବିବାର ଆମେରିକା ସେନା ତରଫରୁ ସୂଚନା ଦିଆଯାଇଛି । ଗତ ସେପ୍ଟେମ୍ବର ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ଆମେରିକା ସେନା ଡ୍ରଗ୍ସ ନୌକା ଉପରେ ୨୧ତମ ଆକ୍ରମଣ କରିଛି । ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୮୩ରୁ ଅଧିକ ଲୋକ ମୃତ୍ୟୁବରଣ କଲେଣି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟୋ କହିଛନ୍ତି । ଆମେରିକାରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ଯୋଗାଣକୁ ବନ୍ଦ କରିବା ପାଇଁ ନିହାତି ଜରୁରୀ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି । ଏହାକୁ ମଧ୍ୟ ନ୍ୟାୟ ବିଭାଗ ଉଚିତ୍ ପଦକ୍ଷେପ ବୋଲି ଦର୍ଶାଇଛି । ତେଣୁ ଏହି ଆକ୍ରମଣରେ ସାମିଲଥିବା ଆମେରିକା ସୈନିକଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ନିଆଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି । ଆମେରିକା ସେନା ଏହି ଆକ୍ରମଣର ଭିଡିଓ ମଧ୍ୟ ଜାରି କରିଛି । ଟ୍ରମ୍ପ କହିଛନ୍ତି ଯେ, ମୋ ନିର୍ଦ୍ଦେଶରେ ଆମେରିକା ସେନା ଡ୍ରଗ୍ସ ଚୋରାଚାଲାଣ କରୁଥିବା ନାର୍କୋ ଟେରରିଷ୍ଟ ଉପରେ ଆକ୍ରମଣ କରିଛି । ଏମାନେ ଭେନେଜୁଏଲାରୁ ଆମେରିକାକୁ ନିଶାଦ୍ରବ୍ୟ ନେଇ ଯାଉଥିଲେ । ପୂର୍ବରୁ ଗତ ନଭେମ୍ବର ୧୦ରେ ଆମେରିକା ପୂର୍ବ ପ୍ରଶାନ୍ତ ମହାସାଗରରେ ଦୁଇଟି ସନ୍ଦିଗ୍ଧ ନୌକା ଉପରେ ସମାନ କାରଣ ପାଇଁ ଆକ୍ରମଣ କରିଥିଲା ଓ ଏଥିରେ ୬ ଜଣ ମୃତ୍ୟୁବରଣ କରିଥିଲେ ।

ନକଲି ପାନ୍‌କାର୍ଡ ମାମଲରେ ରାମପୁର କୋର୍ଟଙ୍କ ରାୟ

## ଆଜମ ଖାନ, ପୁଅଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ

ରାମପୁର, ୧୭ ।୧୧(ଏଜେନ୍ସି): ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନ୍ ଓ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ପୁଣିଥରେ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ସୋମବାର ରାମପୁରର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଦୁହିଁଙ୍କୁ ନକଲି ପାନ୍‌କାର୍ଡ ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଏହି ଦଣ୍ଡ ଶୁଣାଇଛନ୍ତି । ଉଭୟଙ୍କ ଉପରେ ୫୦ ହଜାର ଟଙ୍କାର



ଜରିମାନା ଧାର୍ଯ୍ୟ କରାଯାଇଛି । କୋର୍ଟ ରାୟ ଦେବା ପରେ ପୁଲିସ ଦୁଇଜଣଙ୍କୁ କୋର୍ଟ ରୁମ୍‌ରୁ ନିଜ ହେପାଜତକୁ ନେବା ସହ ପୁଣି ଜେଲ୍‌କୁ ପଠାଇଛି । ଦୁଇମାସ ତଳେ ସେପ୍ଟେମ୍ବର ୨୩ରେ ଆଜମ ସୀତାପୁର ଜେଲ୍‌ରୁ ଛାଡ଼ପାଇ ବାହାରକୁ ଆସିଥିଲେ । ଅବଦୁଲ୍ଲା ହରଦୋଇ ଜେଲ୍‌ରୁ ୯ ମାସ ତଳେ ଛାଡ଼ ପାଇଥିଲେ । ଏବେ ଦୁଇଜଣ ଜେଲକୁ ଫେରିଛନ୍ତି । ୨୦୧୯ରେ ଏହି ନକଲି ପାନ୍ କାର୍ଡ ମାମଲା ଦାଏର କରାଯାଇଥିଲା । ବିଜେପି ନେତା ଆକାଶ ସାକସେନା ସିଭିଲ ଲାଇନ୍ସ ଥାନାରେ ଏହି ମାମଲା ରୁଜୁ କରିଥିଲେ । ଆଜମ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ଦୁଇଟି ଭିନ୍ନ ଭିନ୍ନ ଜନ୍ମ ପ୍ରମାଣପତ୍ର ସହ ଦୁଇଟି ପାନ୍ କାର୍ଡ ବେଆଇନ ଭାବେ ଉପଲବ୍ଧ କରାଇବାରେ ସହାୟତା ପ୍ରଦାନ କରିଥିଲେ । ନିର୍ବାଚନ ଲଢ଼ିବା ପାଇଁ ଏହି ବେଆଇନ କାର୍ଯ୍ୟ ହୋଇଥିଲା ବୋଲି ରାମପୁର କୋର୍ଟ ହୃଦୟଙ୍ଗମ କରିବା ପରେ ଏହି ରାୟ ପ୍ରଦାନ କରିଛନ୍ତି ।

## କଙ୍ଗୋ ଖଣିରେ ଦୁର୍ଘଟଣା; ୮୦ ମୃତ

କିନ୍‌ଶାସା, ୧୭ ।୧୧(ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଏକ ଖଣିରେ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଶନିବାର ଏକ ଖଣି ଧସିବା ଫଳରେ ୮୦ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଅବଶେଷ ତଳେ ଦବି ରହିଥିବା ଆଶଙ୍କା କରାଯାଉଛି । ଏହି ଦୁର୍ଘଟଣା ଲଆଲାବା ପ୍ରଦେଶର ମୁଲୋଣ୍ଡୋର କାଲାଣ୍ଡୋ ଖଣିରେ ଘଟିଥିଲା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ ଏହି ଖଣିକୁ ଯିବା ପାଇଁ ବାରଣ କରାଯାଇଥିଲା । ଏହା ସତ୍ତ୍ୱେ ବେଆଇନ ଖଣି ଖନନ କରୁଥିବା ଲୋକେ ଜବରଦସ୍ତି ସେଠାକୁ ଯାଇଥିଲେ । ଖଣିରେ ମାଇନିଂ କରୁଥିବା ଲୋକେ ସୈନିକଙ୍କ ଫାୟାରିଂରେ ଆତଙ୍କିତ ହୋଇ ଖଣିର ଉପରେ ଥିବା ପୋଲ ଉପରକୁ ଦୌଡ଼ିଥିଲେ । ଫଳରେ ପୋଲ ଭୁଶୁଡି ପଡ଼ିଥିଲା । ଘଟଣାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି । ଅଚାନକ ଏକ ଖଣିର ଏକ ଅଂଶ ଧସିବା ଫଳରେ ବହୁ ଲୋକ ଦବି ଯାଇଥିଲେ । ବହୁ ଲୋକ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପରସ୍ପର ଉପରେ ଚଢ଼ି ଯାଇଥିଲେ । ଫଳରେ ବହୁ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା ବୋଲି କୁହାଯାଇଛି ।

# ଡ୍ରୋନ୍, ରକେଟ ଆକ୍ରମଣ ପାଇଁ ଯୋଜନା

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣ ମାମଲାର ଯାଞ୍ଚ କରୁଥିବା ଏନ୍‌ଆଇଏ ହାତରେ ବିସ୍ଫୋରକ ତଥ୍ୟ ଲାଗିଛି । ଏହି ଘଟଣାରେ ଜଡ଼ିତ ଆତଙ୍କବାଦୀମାନେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଭୟଙ୍କର ଆକ୍ରମଣ କରିବାକୁ ଯୋଜନା କରିଥିଲେ । ଏଥିପାଇଁ ସେମାନେ ଡ୍ରୋନ୍ ଓ ରକେଟ ପ୍ରସ୍ତୁତ କରୁଥିଲେ । ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ହମାସ ଯେପରି ଡ୍ରୋନ ଓ ରକେଟ ଜରିଆରେ ଆକ୍ରମଣ କରିଥିଲା, ଠିକ୍ ସେହି ଢଙ୍ଗରେ ଦିଲ୍ଲୀରେ ଆକ୍ରମଣ ପାଇଁ ବଡ଼ ଧରଣର ଯୋଜନା ଚାଲିଥିଲା । ଡ୍ରୋନରେ ଶକ୍ତିଶାଳୀ ବିସ୍ଫୋରକ ଖଞ୍ଜି ଏହାକୁ ଦିଲ୍ଲୀର ସବୁଠାରୁ ଗହଳି ଥିବା ଅଞ୍ଚଳ ଉପରେ ବିସ୍ଫୋରଣ କରାଯାଇ ଥାଆନ୍ତା । ଶ୍ରୀନଗରରୁ ଗିରଫ ହୋଇଥିବା ଆତ୍ମଘାତୀ ଡ. ଉମରର ସହଯୋଗୀ ଠାରୁ ଏଭଳି ତଥ୍ୟ ମିଳିଛି । ଏହି ଷଡ଼ଯନ୍ତ୍ରରେ ସେ, ଉମର ଏବଂ ଦାନିଶ ସାମିଲ ଥିବା ସ୍ୱୀକାର କରିଛି ।

ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ 'ଜୈସ-ଇ-ମହମ୍ମଦ' ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲା । ସେମାନେ ଡିସେମ୍ବର ୬ରେ ବାବରୀ ମସଜିଦ୍ ଧ୍ୱଂସର ପ୍ରତିଶୋଧ ନେବା ପାଇଁ ବ୍ୟାପକ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲେ । ଏହି ଯୋଜନାକୁ 'ଅପରେସନ ଡି-୬' ନାମ ଦିଆଯାଇଥିଲା । ଆତଙ୍କବାଦୀମାନେ ସହରର ଭିନ୍ନ୍ ଭିନ୍ନ ସ୍ଥାନରେ ବିସ୍ଫୋରଣ କରାଇବାକୁ ଚାହୁଁଥିଲେ । ଲାଲକିଲ୍ଲାରେ ହୋଇଥିବା ବିସ୍ଫୋରଣ ପ୍ଲାନ୍-ବି ଅର୍ଥାତ ଦ୍ୱିତୀୟସ୍ତରର ଯୋଜନା ଥିଲା ବୋଲି କୁହାଯାଇଛି । ଆକ୍ରମଣ ଉଦ୍ୟମକୁ ପଣ୍ଡ କରାଯିବା ଫଳରେ ଲାଲ୍‌କିଲ୍ଲା ବିସ୍ଫୋରଣକୁ କର୍ଯ୍ୟକାରୀ କରାଯାଇଥିଲା । ମହିଳା ଡାକ୍ତର ଶାହିନ ସହିଦ ଓ ଲାଲକିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମର ଏହି ଷଡ଼ଯନ୍ତ୍ରର ମୁଖ୍ୟ ନାୟକ ଓ ନାୟିକା ଥିଲେ ବୋଲି କୁହାଯାଉଛି । ଶାହିନକୁ ଭାରତରେ ଜୈସର ମହିଳା ଶାଖା ସ୍ଥାପନା ଓ ନେତୃତ୍ୱର ଦାୟିତ୍ୱ ଦିଆଯାଇଥିଲା । ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ସହିତ

- ଆତଙ୍କବାଦୀଙ୍କ ଟାର୍ଗେଟରେ ଥିଲା ଦିଲ୍ଲୀ
- ଶ୍ରୀନଗରରୁ ଆଉ ଜଣେ ସନ୍ଦିଗ୍ଧ ଗିରଫ
- ଦିଲ୍ଲୀ ବିସ୍ଫୋରଣରେ ଆଉ ୨ ମୃତ

ଜଡିତ ଥିବା ମୁଜମ୍ମିଲ ଅହମ୍ମଦ ଗନି ଗିରଫ ହେବା ପରେ ଡାକ୍ତର ଶାହିନଙ୍କୁ ଗିରଫ କାରାଯାଇଥିଲା । ଉମର ବ୍ୟାପକ ଧରଣର ଆତ୍ମଘାତୀ ଆକ୍ରମଣ କରିବାକୁ ଏକାଧିକ ଯୁବକଙ୍କୁ ପ୍ରସ୍ତୁତ କରିବାକୁ ଯୋଜନା କରୁଥିଲା ଓ ସକ୍ରିୟ ଭାବେ ସେମାନଙ୍କ ବ୍ରେନ୍‌ୱାସ କରୁଥିଲା । ଲାଲ୍‌କିଲ୍ଲା ବିସ୍ଫୋରଣରେ ଜୋତା ବୋମା ବ୍ୟବହାର କରାଯାଇଥିବା ଆଶଙ୍କା କରାଯାଉଛି । ବିସ୍ଫୋରଣ ହୋଇଥିବା କାର୍‌ରୁ ଏକ ଜୋତା ମିଳିଛି । ଏଥିରେ ଆମୋନିୟମ ନାଇଟ୍ରେଟ୍ ଓ ଟ୍ରାଇଆସେଟୋନ ଟ୍ରାଇପେରକ୍ସାଇଡ୍ (ଟିଏଟିପି)ର ଚିହ୍ନ ମିଳିଛି । ଏା ହେଉଛି ସବୁଠାରୁ ବିପଜ୍ଜନକ ବିସ୍ଫୋରକ ।

ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଆତଙ୍କବାଦୀ ଉମରର ଆଉ ଜଣେ ସହଯୋଗୀକୁ ଗିରଫ କରାଯାଇଛି । ସୋମବାର ଏନ୍‌ଆଇଏ ଜସିର ବିଲାଲ ବାଣୀ ଉରଫ୍ ଦାନିଶକୁ ଜମ୍ମୁ- କଶ୍ମୀର ଶ୍ରୀନଗରରୁ ଗିରଫ କରିଛି । ଜସିର ଉମରକୁ ବୈଷୟିକ



ସହଯୋଗ ପ୍ରଦାନ କରୁଥିଲା । ଇତିମଧ୍ୟରେ ଦିଲ୍ଲୀ ବିସ୍ଫୋରଣରେ ଆଜି ଆଉ ଦୁଇ ଜଣ ପ୍ରାଣ ହରାଇଥିବାରୁ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ଗୁରୁତର ଆହତ ଲୁକମାନ (୫୦) ଓ ବିନୟ ପାଠକ (୫୦) ଆଜି ଆଖି ବୁଜିଛନ୍ତି । ଗତକାଲି ବିଲାଲ ନାମକ ଆଉ ଜଣେ ଗୁରୁତର ବ୍ୟକ୍ତି ଚିକିତ୍ସାଧୀନ ଅବସରରେ ମୃତ୍ୟୁବରଣ କରିଥିଲେ ।

## 'ଅପରେସନ ସିନ୍ଦୂର ୮୮ ଘଣ୍ଟାର ଟ୍ରେଲର ଥିଲା'

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ୮୮ ଘଣ୍ଟାର ଏକ ଟ୍ରେଲର ମାତ୍ର ଥିଲା । ଯଦି ପାକିସ୍ତାନ ପୁଣି କୌଣସି ଆତଙ୍କବାଦୀ ଆକ୍ରମଣ କରିବ, ତାହା ହେଲେ ଏହାର କଡ଼ା ଜବାବ ଦିଆଯିବ । ଭାରତୀୟ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ପାକିସ୍ତାନକୁ ଏଭଳି ଚେତାବନୀ ଶୁଣାଇଛନ୍ତି । ସେ କହିଛନ୍ତି ଯେ ଏକ ଦାୟିତ୍ୱ ସମ୍ପନ୍ନ ଦେଶ କିପରି ପଡୋଶୀ ଦେଶ ପ୍ରତି ଆଚରଣ ପ୍ରଦର୍ଶନ କରେ ତାହା ଦେଖାଇବାକୁ ଆମେ ପଛକୁ ହଟିବୁ ନାହିଁ ।

ଦିଲ୍ଲୀରେ ଆଜି ଆୟୋଜିତ ଚାଣକ୍ୟ ଡିଫେନ୍ସ ଡାଇଲଗ୍ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ ଭାରତ ସବୁବେଳେ ପ୍ରଗତି ଓ ଉନ୍ନତିର କଥା କହିଥାଏ । ଖାସ୍ ଏଥିପାଇଁ ଯେଉଁ ଲୋକ ଆତଙ୍କବାଦ କଥା କହୁଛନ୍ତି ଓ ଏହାର ପ୍ରଚାର ପ୍ରସାର କରୁଛନ୍ତି ସେମାନଙ୍କୁ ରୋକିବା ପାଇଁ କଡ଼ା କର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ । ଭାରତୀୟ ସେନା ଭବିଷ୍ୟତକୁ ମାଟି ସହିତ ସାମିଲ କରି ଦେଖିଥାଏ । ଆମେ ୫ଟି ପିଢ଼ିର ୱାରଫେୟାରରେ ଲଢ଼ିଆସିଛୁ ଓ ସେନା ସେହି ଅନୁସାରେ ନିଜର ପରିବର୍ତ୍ତନ କରିଆସିଛି । ପ୍ରଥମେ ଯୁଦ୍ଧର ନିଷ୍ପତ୍ତି ନେବା ପାଇଁ ବହୁ ଦିନ ଲାଗୁଥିଲା । କିନ୍ତୁ ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି । ଯଦି ଯୁଦ୍ଧ ୪୮ ଘଣ୍ଟା ମଧ୍ୟରେ ଲଢ଼ିବାକୁ ହୁଏ, ତେବେ ଦେଶର ସବୁ ସାମର୍ଥ୍ୟ ଓ ଶକ୍ତି



- ପୁଣି ସୁଯୋଗ ଦେଲେ ପାକିସ୍ତାନକୁ କଡ଼ା ଜବାବ ଦିଆଯିବ
- ଆତଙ୍କ ସୃଷ୍ଟି କରୁଥିବା ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଜରୁରୀ

ଲଗାଇବାକୁ ପଡ଼ିବ ବୋଲି ସେ କହିଛନ୍ତି । କୌଣସି ଭୁଲ କଲେ, ଭାରତ ତୁରନ୍ତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

ସେ କହିଲେ ଯେ ଏବେ ଭାରତର ପ୍ରତିରକ୍ଷା କ୍ଷମତା ବହୁତ ମଜବୁତ ହୋଇପାରିଛି । ଫଳରେ ପ୍ରତିପକ୍ଷ ତଥା ଶତ୍ରୁଦେଶ ଏବେ ଆମର ଆଭିମୁଖ୍ୟକୁ ଗମ୍ଭୀରତା ସହ ବିଚାର କରୁଛନ୍ତି । ଭାରତର ନୀତି ସଦାବେଳେ ସ୍ପଷ୍ଟ ରହିଛି । ପାଣି ଓ ରକ୍ତ ଏକା ସଙ୍ଗେ ପ୍ରବାହିତ ହେବ ନାହିଁ । ଆତଙ୍କବାଦ ଓ ଆଲୋଚନା ଏକାସାଥିରେ ହୋଇପାରିବ ନାହିଁ । କୂଟନୀତିରେ ସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଛନ୍ତି । ସେ ଆହୁରି କହିଲେ ଯେ ଭାରତ ଓ ଚୀନ୍ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କରେ ପରିବର୍ତ୍ତନ ହୋଇଛି । ଏବେ ଲୋକେ ଜମ୍ମୁ-କାଶ୍ମୀର ଯିବାକୁ ଚାହୁଁଛନ୍ତି । ସେନା ଏବେ ଦ୍ରୁତ ପରିବର୍ତ୍ତନ ଓ ଉନ୍ନତି ଦିଗରେ କାର୍ଯ୍ୟକରୁଛି । ଆଧୁନିକ ଯୁଦ୍ଧର ରୂପରେଖ ଏବେ ବଦଳୁଛି । ଏବେ ଯୁଦ୍ଧ କେବଳ ଆକାଶ, ମାଟି ଓ ସମୁଦ୍ରରେ ସୀମିତ ହୋଇ ରହିନାହିଁ । ଏହା ଏବେ ସାଇବର, ସ୍ପେସ, ଇନଫର୍ମେସନ ୱାରିୟର, ଇଲେକଟ୍ରୋମାଗ୍ନେଟିକ୍ସ ସ୍ପେକ୍ଟ୍ରମ, କଗ୍‌ନିଟିଭ ୱାରଫେୟାର ସହିତ ଜଡିତ ହେଲାଣି । ତେଣୁ ଏବେ ଦୁଇଟି ସୀମା ଓ ଆଭ୍ୟନ୍ତରଣ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରିବାକୁ ହେଉଛି । ପ୍ରତିରକ୍ଷା ବଜେଟରେ ବୃଦ୍ଧି ଜରୁରୀ ହୋଇଥିବା ବେଳେ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ସେନାଧକ୍ଷ ଜେନେରାଲ ଦ୍ୱିବେଦୀ ସ୍ପଷ୍ଟ କରିଛନ୍ତି ।

## ତେଜସ୍ୱୀ ବିରୋଧୀ ଦଳ ନେତା ନିର୍ବାଚିତ

ପାଟଣା, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ସୋମବାର ରାଷ୍ଟ୍ରୀୟ ଜନତା ଦଳର (ଆରଜେଡି)ର ପ୍ରଥମ ସମୀକ୍ଷା ବୈଠକ ବସିଥିଲା । ଏଥିରେ ତେଜସ୍ୱୀ ଯାଦବଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି । ଏହି ବୈଠକରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡୀ ଦେବୀ, ଆରଜେଡି ସାଂସଦ ମିସା ଭାରତୀ, ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଜଗଦାନନ୍ଦ ସିଂ, ବାହୁବଳୀ ସୁରଜ ଭାନ ସିଂଙ୍କ ସମେତ ଆରଜେଡିର ଏକାଧିକ ବରିଷ୍ଠ ନେତା ଉପସ୍ଥିତ ଥିଲେ । ମାତ୍ର ୨ଟି ଆସନ ଅନ୍ତର କାରଣରୁ ତେଜସ୍ୱୀଙ୍କ ବିରୋଧୀ ଦଳ ନେତା ପଦ ସୁରକ୍ଷିତ ହୋଇଛି । ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ମୁଖ୍ୟ ବରୋଧୀ ଦଳର ମାନ୍ୟତା ପାଇବା ପାଇଁ ଯେକୌଣସି ପାର୍ଟିକୁ ୧୦ ପ୍ରତିଶତ ଅର୍ଥାତ ୨୪ଟି ଆସନରେ ବିଜୟୀ ହେବା ଜରୁରୀ ।

## ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ରକୁ ଦାୟୀ କଲେ ମେହବୁବା

ଶ୍ରୀନଗର, ୧୭ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ପ୍ରମୁଖ ରାଜନୈତିକ ଦଳ ପିଡିପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ର ସରକାରକୁ ଦାୟୀ କରିଛନ୍ତି । କଶ୍ମୀର ପ୍ରସଙ୍ଗ ଏବେ ଦିଲ୍ଲୀ ଲାଲ୍‌କିଲ୍ଲାରେ ପ୍ରତିଧ୍ୱନିତ ହୋଇଛି । ଦେଶରେ ବୃଦ୍ଧି ପାଉଥିବା ଅସୁରକ୍ଷା ଓ ଜମ୍ମୁ-କଶ୍ମୀର ବ୍ୟାପାରରେ କେନ୍ଦ୍ର ସରକାରଙ୍କ ବିଫଳ ନୀତି କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି । କଶ୍ମୀରରେ ସବୁକିଛି ଠିକ୍ ଅଛି ବୋଲି କେନ୍ଦ୍ର ସରକାର ସାରା ବିଶ୍ୱକୁ ଅବଗତ କରାଉଛନ୍ତି । କିନ୍ତୁ କଶ୍ମୀର ସମସ୍ୟା ଏବେ ଲାଲ୍‌କିଲ୍ଲାରେ ମଧ୍ୟ ପହଞ୍ଚିଛି । ଜମ୍ମୁ-କଶ୍ମୀର ସୁରକ୍ଷା ବଢ଼ାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଭୁଲ ନୀତି କାରଣରୁ ଦେଶର ରାଜଧାନୀ ଦିଲ୍ଲୀ ଏବେ ଅସୁରକ୍ଷିତ ହୋଇପଡ଼ିଛି । ଯଦି ଜଣେ ଶିକ୍ଷିତ ବ୍ୟକ୍ତି ନିଜ ଦେହରେ ଆରଡିଏକ୍ସ ବାନ୍ଧି ନିଜକୁ ଓ ଅନ୍ୟକୁ ହତ୍ୟା କରୁଛି, ତାହାଲେ ଦେଶ ଆଦୌ ସୁରକ୍ଷିତ ନାହିଁ । କେନ୍ଦ୍ର ସରକାରଙ୍କ କଶ୍ମୀର ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହେବା ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି ।

## ଏସ୍‌ଆଇଆର୍ ଚାପ: ରାଜସ୍ଥାନ, କେରଳରେ ୨ ବିଏଲ୍‌ଓଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ରାଜସ୍ଥାନ ଓ କେରଳରେ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ସାମିଲ ଥିବା ଦୁଇଜଣ ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ) ଆତ୍ମହତ୍ୟା କରିଛନ୍ତି । କାମ କରିବାର ଚାପକୁ ନିୟନ୍ତ୍ରଣ କରିନପାରି ଦୁହେଁ ଏହି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ସେମାନଙ୍କ ପରିବାର ସଦସ୍ୟ କହିଛନ୍ତି । କେରଳର କନ୍ନୁର ଜିଲ୍ଲାର ଜଣେ ସରକାରୀ ସ୍କୁଲର କର୍ମଚାରୀ ୪୪ ବର୍ଷୀୟ ଅନିଶ ଜର୍ଜ ରବିବାର ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ନିର୍ବାଚନ ପାଇଁ ତାଙ୍କୁ ବିଏଲ୍‌ଓ ଭାବେ ନିଯୁକ୍ତି ଦିଆଯାଇଥିଲା । ସେହିପରି ରାଜସ୍ଥାନର ଜୟପୁରର ୪୮ ବର୍ଷୀୟ ମୁକେଶ କୁମାର ଜାଙ୍ଗିଡ୍ ଏସ୍‌ଆଇଆର ପ୍ରକ୍ରିୟାରେ କାର୍ଯ୍ୟର ଚାପ ପାଇଁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ମୁକେଶ କଲୱାଡାର ଧରମପୁରାରେ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲେ । ତାଙ୍କ ପକେଟରୁ ଏକ ସୁସାଇଡ୍ ନୋଟ୍ ମିଳିଛି । ଉପରସ୍ତରର ଅଧିକାରୀମାନେ ତାଙ୍କୁ ହଇରାଣ ଓ ଅପମାନିତ କରିବା ସହ ସସ୍‌ପେଣ୍ଡ କରିବାକୁ ଧମକ ଦେଇଥିଲେ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି । ସେପଟେ କୋଲକାତାରେ ମଧ୍ୟ ଜଣେ





ବିଏଲ୍‌ଓ ଅସୁସ୍ଥତା କରାଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଏସ୍‌ଆଇଆର କାର୍ଯ୍ୟ କରିବା ପାଇଁ ତାଙ୍କ ଉପରେ ବହୁତ ଚାପ ଥିଲା ବୋଲି ତାଙ୍କ ପତ୍ନୀ କହିଛନ୍ତି ।

# ବିହାରରେ ମନ୍ତ୍ରିପଦ ପାଇଁ କସରତ

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଐତିହାସିକ ବିଜୟ ପରେ ନୂଆ ସରକାର ଗଠନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍‌ଙ୍କୁ ଭେଟି ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିଛନ୍ତି । ଆଜି ନୀତୀଶଙ୍କ ଅଧ୍ୟକ୍ଷତାରେ ଶେଷ କ୍ୟାବିନେଟ ବୈଠକ ହୋଇଥିଲା । ବୈଠକରେ ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଆସନ୍ତାକାଲି ବିଜେପି ଓ ଜେଡିୟୁର ମିଳିତ ବିଧାୟକ ଦଳ ବୈଠକ ଡକାଯାଇଛି । ଏଥିରେ ଏନ୍‌ଡିଏର ବିଧାୟକ ଦଳର ନେତା ନିର୍ବାଚିତ କରାଯିବ । ଏହାପରେ ଯାଇ ନୂଆ ସରକାର ଗଠନ କରିବା ଲାଗି ଦାବି ଉପସ୍ଥାପନ କରାଯିବ । ନଭେମ୍ବର ୨୦ରେ ପାଟନା ଗାନ୍ଧୀ ମଇଦାନରେ ନୀତୀଶ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦର ଶପଥ ଗ୍ରହଣ କରିବେ । ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଇତିମଧ୍ୟରେ ମନ୍ତ୍ରୀ ତାଲିକାକୁ ନେଇ କସରତ ଆରମ୍ଭ ହୋଇଛି । କେଉଁ ଦଳରୁ କେତେ ଜଣ ମନ୍ତ୍ରୀ ହେବେ ତାହାକୁ ନେଇ ବୁଝାମଣା ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି । ନୂଆ କ୍ୟାବିନେଟ୍‌ରେ ୩୬ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ ରାମ ମାଞ୍ଜି କହିଛନ୍ତି । ନବଗଠିତ ମନ୍ତ୍ରିମଣ୍ଡଳରେ ବିଜେପିର ୧୬, ଜେଡିୟୁର ୧୫, ଚିରାଗ ପାଶୱାଙ୍କ ଏଲ୍‌ଜେପି (ଆର୍), ଏଚ୍‌ଏଏମ୍ ଓ ଆରଏଲ୍‌ଏସ୍‌ପିର ଜଣେ ଲେଖାଏ ମନ୍ତ୍ରୀ ସାମିଲ ହେବେ । ତେବେ ୧୯ଟି ଆସନ ଜିତିଥିବା ଚିରାଗ ପାଶ୍ୱାନଙ୍କ ଏଲଜେପି ନୂଆ ସରକାରରେ ଆଉ ଗୋଟିଏ ମନ୍ତ୍ରୀ ପଦ ପାଇଁ ଦାବି କରିଛି । ଏପରିକି ଏହି ଦଳରୁ

**ବିଜେପିରୁ ୧୬, ଜେଡିୟୁରୁ ୧୫ ଜଣ ହୋଇପାନ୍ତି ମନ୍ତ୍ରୀ**



ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ଲାଗି ମଧ୍ୟ ପାଶ୍ୱାନ ଦାବି କରିଥିବା ଜଣାପଡ଼ିଛି ।

ଜେଡିୟୁ ଏହାର ମନ୍ତ୍ରୀ ତାଲିକାରେ ଅଦଳବଦଳ କରିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ବିଜେପି ଏହାର ପୁରୁଣା ମନ୍ତ୍ରୀଙ୍କୁ ବଜାୟ ରଖିବାର ସମ୍ଭାବନା ରହିଛି । ତଥାପି କିଛି ପରିବର୍ତ୍ତନ ହୋଇପାରେ । ତେଣୁ ନୂଆ ସରକାରରେ ମନ୍ତ୍ରୀ ପଦ ପାଇବା ଲାଗି ଅନେକ ଆଶାୟୀ ଲବି କରିବା ଆରମ୍ଭ କରିଦେଇଛନ୍ତି ।

ସୂଚନାଯୋଗ୍ୟ, ନଭେମ୍ବର ୨୨ରେ ରାଜ୍ୟ ବିଧାନସଭାର କର୍ଯ୍ୟକାଳ ଶେଷ ହେବ । ନିର୍ବାଚନ କମିସନ ଇତିମଧ୍ୟରେ ବିଧାନସଭା ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ରାଜଭବନକୁ ପ୍ରଦାନ କରିଛନ୍ତି । ନିର୍ବାଚନରେ ୨୪୩ ଆସନରୁ ଏନ୍‌ଡିଏ ମେଣ୍ଟ ୨୦୨ଟିରେ ବିଜୟୀ ହୋଇଛି । ଏଥିରେ ବିଜେପି ୮୯, ଜେଡିୟୁ ୮୫, ଏଲ୍‌ଜେପି ୧୯, ଏଚ୍‌ଏଏମ୍‌ର ୫, ଆରଏଲ୍‌ଏମ୍‌ର ୪ ଆସନରେ ବିଜୟୀ ହୋଇଛନ୍ତି ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୫୦ ● ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୪,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୬୭,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୪,୯୫୦.୦୦
- ନିଫ୍ଟି ୨୬,୦୧୩. ୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଅରୁନ୍ଧତୀ ଜୁଏଲର୍ସର 'ବିବାହ ମହୋତ୍ସବ' ଜୁଏଲାରୀ ପ୍ରଦର୍ଶନୀ ଆରମ୍ଭ



ଭୁବନେଶ୍ୱର,୧୭।୧୧(ସମିସ): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ଚଳିତ ବିବାହ ଋତୁ ପାଇଁ ଗ୍ରାହକଙ୍କ ପସନ୍ଦକୁ ଆଖି ଆଗରେ ରଖି ଗତକାଲି ଅରୁନ୍ଧତୀ ଜୁଏଲର୍ସ ପୁରୀ ଶାଖାଠାରେ ବିବାହ ମହୋତ୍ସବର ଜୁଏଲାରୀ ପ୍ରଦର୍ଶନୀ ଆରମ୍ଭ କରିଛି। ବିବାହ ଅବସର ପାଇଁ ବିଶେଷ ଭାବରେ ପ୍ରସ୍ତୁତ, ପାରମ୍ପରିକ ସୁନା ଗହଣାର କମ୍ ଓଜନ ଯୁକ୍ତ ସର୍ବୋତମ ଡିଜାଇନ୍ ଓ କଲେକ୍ସନ ପ୍ରସ୍ତୁତ କରାଯାଇଛି। ଏହି ବିବାହ ଋତୁକୁ ଆଖିଆଗରେ ରଖି ଅରୁନ୍ଧତୀ ଜୁଏଲର୍ସ ତରଫରୁ ବଜାରର ସର୍ବଶ୍ରେଷ୍ଠ ଅଫର ଘୋଷଣା କରିଛି, ଯେଉଁଥିରେ ୫୦ଗ୍ରାମ ରୁ ଉର୍ଦ୍ଧ ସୁନା ଗହଣା କ୍ରୟଉପରେ ଫ୍ଲାଟ ୫୦%ରିଆତି, ୨୫ ରୁ ୫୦ ଗ୍ରାମ୍ ଭିତରେ ଯେତିକି ଗ୍ରାମ୍ ସୁନା ଗହଣା କ୍ରୟ କରିବେ ସେତିକି ପ୍ରତିଶତ ଗଢ଼ାମଜୁରି ରେ ରିହାତି ସହ ପ୍ରତି କ୍ୟାରେଟ ହୀରା ମୂଲ୍ୟରେ ୨୦,୦୦୦ ଟଙ୍କାର ମହାବଚତ ରିଆତି ପାଇପାରିବେ ଏବଂ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ମଧ ପାଇପାରିବେ। ସୁନା ଗହଣା ପରି ରୁପଗହଣା ରେ ମଧ ସମାନ ପ୍ରକାରର ଅଫର ରହିଛି। ଏହି ଅଫର ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଉପଲବ୍ଧ।

## ସଙ୍କଟରେ ଭାରତର ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା


# ପ୍ରତି ୬ ଜଣରେ ଜଣେ ମଧୁମେହରେ ପୀଡିତ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି)

ବର୍ତ୍ତମାନର ବ୍ୟସ୍ତ ବହୁଳ ଜୀବନରେ ଆପଣ କ'ଣ କ୍ଲାନ୍ତ ଅନୁଭବ କରୁଛନ୍ତି? ଚାପ ଆପଣଙ୍କ ଜୀବନର ଏକ ଅଂଶ ପାଲଟିଛି କି ? ଯଦି ହଁ, ତେବେ ଆପଣ ଏକା ନୁହଁନ୍ତି। ସଙ୍କଟରେ ଏବେ ଭାରତର

- ଆଇସିଆଇସିଆଇ ଲୋମ୍ବାର୍ଡ ରିପୋର୍ଟ
- କ୍ରମାଗତ ଭାବରେ ଚାପ ଓ ଥକାପଣର ଶିକାର

ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା। ଦେଶର ପ୍ରମୁଖ ବୀମା କମ୍ପାନୀ ଆଇସିଆଇସିଆଇ ଲୋମ୍ବାର୍ଡ ସମ୍ପ୍ରତି ଏକ ଆଶ୍ଚର୍ଯ୍ୟଜନକ ପରିସଂଖ୍ୟାନ ସହିତ ଏକ ରିପୋର୍ଟ ପ୍ରକାଶ କରିଛି। ବିଶ୍ୱ ମଧୁମେହ ଦିବସ ଅବସରରେ ପ୍ରକାଶିତ ଏହି ରିପୋର୍ଟ କେବଳ ଭାରତୀୟଙ୍କ ଅବନତିଶୀଳ ସ୍ୱାସ୍ଥ୍ୟ ବିଷୟରେ ଅନ୍ଧକାର ସତ୍ୟ ପ୍ରକାଶ କରେ ନାହିଁ, ବରଂ ଏହା ମଧ ପ୍ରକାଶ କରେ ଯେ ଭାରତରେ ପ୍ରତି ୬ଜଣରେ ଜଣେ ବର୍ତ୍ତମାନ ମଧୁମେହ ରୋଗରେ ପୀଡିତ। ଆଇସିଆଇସିଆଇ ଲୋମ୍ବାର୍ଡର ଇଣ୍ଡିଆ ୱେଲନେସ୍ ଇଣ୍ଡେକ୍ସ ୨୦୨୫ ଅନୁଯାୟୀ, ଚାପ, ଗଣ୍ଠି ଯନ୍ତ୍ରଣା ଏବଂ ଉଚ୍ଚ ରକ୍ତଚାପ



ପରେ ମଧୁମେହ ଦେଶର ଶ୍ରେଷ୍ଠ ୫ଟି ରୋଗ ମଧ୍ୟରୁ ଗୋଟିଏ ହୋଇଗଲାଣି।

ଏହି ରିପୋର୍ଟ ଦେଶର ୧୯ଟି ପ୍ରମୁଖ ସହରର ୨୦୦୦ ଲୋକଙ୍କ ଉପରେ କରାଯାଇଥିବା ଏକ ସର୍ଭେ ଉପରେ ଆଧାରିତ। ଏଥିରେ ସବୁଠାରୁ ଚିନ୍ତାଜନକ କଥା ହେଉଛି ଏହି ରୋଗ ଆଉ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ନୁହେଁ। ମିଲେନିୟାଲ୍ସ ଏବଂ କର୍ପୋରେଟ୍ କର୍ମଚାରୀଙ୍କ ମଧ୍ୟରେ ମଧ ଏହାର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାର ମୁଖ୍ୟ କାରଣ ହେଉଛି ଆମେ ସମସ୍ତେ ସମ୍ମୁଖୀନ ହେଉଥିବା ସମାନ - ଖରାପ ଖାଦ୍ୟ, ଶାରୀରିକ ନିଷ୍କ୍ରିୟତା ଏବଂ ଅତ୍ୟଧିକ ଚାପ। ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ହୃଦରୋଗ କିମ୍ବା ମଧୁମେହ ଥିବା ଲୋକଙ୍କର ସାଧାରଣ ଜନସଂଖ୍ୟା (୭୯) ତୁଳନାରେ ଯଥେଷ୍ଟ କମ୍ ସୁସ୍ଥତା ସ୍କୋର (୭୦) ଥାଏ। ପ୍ରାୟତଃ ଏହା ଅନୁମାନ କରାଯାଏ ଯେ ଯୁବପିଢ଼ିର ଅର୍ଥ ପ୍ରଚୁର ଶକ୍ତି, କିନ୍ତୁ ଏହି ରିପୋର୍ଟ ଏକ ଭିନ୍ନ କାହାଣୀ କୁହେ। ଭାରତର ଯୁବପିଢ଼ି ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଏହି ପିଢ଼ି ଶାରୀରିକ, ମାନସିକ ଏବଂ ସାମାଜିକ ପ୍ରତ୍ୟେକ କ୍ଷେତ୍ରରେ ପଛରେ ପଡ଼ିଛି। ଟାୟାର-୧ ସହରରେ ରହୁଥିବା ଯୁବପିଢ଼ି ବିଶେଷ ଭାବରେ ଦୁର୍ବଳ। ଅନ୍ୟପକ୍ଷରେ, କର୍ପୋରେଟ୍ ଜଗତରେ ପରିସ୍ଥିତି ଆହୁରି ଭୟଙ୍କର। ସର୍ଭେରେ ସାମିଲ ହୋଇଥିବା ପ୍ରତି ତିନି ଜଣଙ୍କ ମଧ୍ୟରୁ ଜଣେ ସ୍ୱୀକାର କରିଛନ୍ତି ଯେ ସେମାନେ ଦୈନନ୍ଦିନ ଚାପ ଅନୁଭବ କରୁଛନ୍ତି, ଯେତେବେଳେ ୪୧% ଲୋକ ନିରନ୍ତର କ୍ଲାନ୍ତ ଅନୁଭବ କରୁଛନ୍ତି। ଅଫିସ୍ କର୍ମଚାରୀଙ୍କ ଶାରୀରିକ ସ୍ୱାସ୍ଥ୍ୟ ସାଧାରଣ ଲୋକଙ୍କ ତୁଳନାରେ ବହୁତ ଖରାପ। କାର୍ଯ୍ୟ-ଜୀବନ ସନ୍ତୁଳନର ଅଭାବ, ଜ୍ୱଳନ ଏବଂ ପରିବାରକୁ ସମୟ ଦେଇ ନ ପାରିବା ପାଇଁ ଦୋଷୀ ପ୍ରାୟ ଦୁଇ-ତୃତୀୟାଂଶ କର୍ମଚାରୀଙ୍କୁ ଗ୍ରାସ କରୁଛି। ତଥାପି, ଭଲ ଖବର ହେଉଛି ଯେ ଜେନେରେସନ୍ ଏକ୍ସ ଏବଂ ମହିଳାମାନେ ସେମାନଙ୍କ ସ୍ୱାସ୍ଥ୍ୟ, ଆର୍ଥିକ ବୁଝାମଣା ଏବଂ କର୍ମକ୍ଷେତ୍ର ସନ୍ତୁଳନରେ ଉନ୍ନତି ଦେଖାଇଛନ୍ତି।

# କୋମାକି ଇଲେକ୍ଟ୍ରିକ୍‌ର ଏମ୍‌ଏକ୍ସ-୧୬ ପ୍ରୋ ବଜାରରେ



ନୂଆଦିଲ୍ଲୀ, ୧୭।୧୧(ସମିସ): କୋମାକି ଇଲେକ୍ଟ୍ରିକ୍ ଆଜି ନିଜର ନୂଆ କ୍ରୁଜର୍ ଇଲେକ୍ଟ୍ରିକ୍ ବାଇକ୍ ଏମ୍‌ଏକ୍ସ୧୬ ପ୍ରୋର ବଜାର ପ୍ରବେଶ କରାଇଛି। ଶକ୍ତିଶାଳୀ ମେଟାଲ୍ ବୋଡି, ଆଧୁନିକ ଇଭି ଟେକ୍ନୋଲୋଜି ଓ ପ୍ରିମିୟମ୍ ଡିଜାଇନ୍ ସହିତ ଏହି ବାଇକ୍ ୧,୬୯,୯୯୯ ଟଙ୍କାର ଆରମ୍ଭିକ ମୂଲ୍ୟରେ ଉପଲବ୍ଧ। ଏହା ଡୁଆଲ୍ ଟୋନ୍‌ଞ୍ଚ ଓ ଜେଟ୍ ବ୍ଲାକ୍ ଏହି ଦୁଇଟି ରଙ୍ଗରେ ଉପଲବ୍ଧ, ଯାହା ଏହାର କ୍ରୁଜର୍ ଆକର୍ଷଣକୁ ଆଉ ବଢ଼ାଇଦେଇଛି। ଅଧା ମୂଲ୍ୟରେ ବେଶି ପରଫର୍ମାନ୍ସରେ କୌଣସି ସମଝୋତା କରାଯାଇନି। ଗୋଟିଏ ଥର ଚାର୍ଜରେ ୧୬୦–୨୨୦ କି.ମି.ର ରେଞ୍ଜ ଏବଂ ୨୦୦ କି.ମି. ଚାଲିବାର ଖର୍ଚ୍ଚ ମାତ୍ର ୧୫–୨୦ ଟଙ୍କା। ପେଟ୍ରୋଲ୍ ବାଇକ୍ ତୁଳନାରେ ୫ ଗୁଣା ଶସ୍ତା। ଏହାର ସର୍ବାଧିକ ଗତି: ୮୦ କି.ମି./ଘଣ୍ଟା ସୁରକ୍ଷା ଓ ସୁବିଧାର ସଠିକ୍ ସମନ୍ୱୟ।

# ବେଦାନ୍ତ ଝାରସୁଗୁଡା- ଏମ୍‌ସିଏଲ୍ ସହଭାଗିତା



ଭୁବନେଶ୍ୱର,୧୭।୧୧(ସମିସ): ବେଦାନ୍ତ ଆଲୁମିନିୟମ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ସହଯୋଗରେ ଲଖନପୁର ରେଳ ସାଇଡିଂରେ ଆୟୋଜିତ ଏକ ଗଣ ସୁରକ୍ଷା ସଚେତନତା ପଦକ୍ଷେପ, ସୁରକ୍ଷା ସମ୍ପର୍କ ମାଧ୍ୟମରେ ସୁରକ୍ଷା ଏବଂ ନବସୃଜନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ଅଟଳ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ଏହି ଶିଳ୍ପ-ପ୍ରଥମ ଅଭିଯାନ ଲଜିଷ୍ଟିକ୍ସ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ରେଳ ସାଇଡିଂ ଇକୋସିଷ୍ଟମକୁ ବେଦାନ୍ତର ସୁରକ୍ଷା ହସ୍ତକ୍ଷେପର ପରିସରକୁ ବିସ୍ତାର କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଚିହ୍ନିତ କରିଥିଲା। କମ୍ପାନୀର ପୂର୍ବ ସୁରକ୍ଷା ସାରଥି ପ୍ରୟାସର ପରିସରକୁ ବିସ୍ତାର କରି ଯାହା ସମଲେଶ୍ୱରୀ,ଗର୍ଜନବାହାଲ ଏବଂ ଲଖନପୁର ଖଣିରେ ବ୍ୟାପକ ସଡ଼କ ସୁରକ୍ଷା ସଚେତନତା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା, ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଅଭିଜ୍ଞତାମୂଳକ ଶିକ୍ଷା ଏବଂ ମାନବିକ ସମ୍ପର୍କ ମାଧ୍ୟମରେ ରେଳ ସାଇଡିଂ ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା-ସଚେତନ ଅଭ୍ୟାସ ଏବଂ ଆଚରଣଗତ ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି।

## ବିଦ୍ୟୁତ୍ ଚୋରି ଯୋଗୁଁ ପ୍ରଭାବିତ ହେଉଛନ୍ତି ସଚ୍ଚୋଟ ଉପଭୋକ୍ତା

# କଠୋର ହେଲା ଏନଫୋର୍ସମେଣ୍ଟ ଟିମ୍

ଭୁବନେଶ୍ୱର,୧୭।୧୧(ସମିସ): ଅବୈଧ ହୁକିଂ, ମିଟର୍ ଟ୍ୟାମ୍ପରିଂ ଓ ଅନଧିକୃତ ବିଦ୍ୟୁତ ବ୍ୟବହାର ଆଦି ବିଭିନ୍ନ ଉପାୟରେ ବିଦ୍ୟୁତ୍ ଚୋରି ବହୁ ଅଞ୍ଚଳରେ ବଣ୍ଟନ କ୍ଷେତ୍ରରେ କ୍ଷତିର ଏକ ପ୍ରମୁଖ କାରଣ। ଏହି କ୍ଷତି ବିଦ୍ୟୁତ୍ କ୍ଷେତ୍ର ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ସହିତ ପରୋକ୍ଷ ଭାବରେ ସଚ୍ଚୋଟ ଭାବେ ବିଲ୍ ଦେଉଥିବା ଉପଭୋକ୍ତାମାନଙ୍କୁ ପ୍ରଭାବିତ କରେ। ଏଥିପାଇଁ ସେମାନଙ୍କୁ ଅଧିକ ସିଷ୍ଟମ୍ ଖର୍ଚ୍ଚ ଦେବାକୁ ପଡୁଥିବାବେଳେ ଉନ୍ନତ ସେବା ପାଇବାରେ ବିଳମ୍ବ ମଧ ହୋଇଥାଏ। ଯେତେବେଳେ କେହି ଅବୈଧ ଭାବେ ବିଦ୍ୟୁତ ବ୍ୟବହାର କରନ୍ତି, ଏଭଳି କ୍ଷେତ୍ରରେ ଠିକ ସମୟରେ ବିଲ୍ ପେମେଣ୍ଟ କରୁଥିବା ପରିବାର ଓ ବ୍ୟବସାୟିକ ସଂସ୍ଥାକୁ ସେମାନଙ୍କର ଅନଧିକୃତ ବ୍ୟବହାରର ଭାର ବୋହିବାକୁ ପଡିଥାଏ । ଅବୈଧ ଓ ଅସୁରକ୍ଷିତ ଭାବରେ ବିଦ୍ୟୁତ ନେବା ଦ୍ୱାରା ଫିଡର୍ ଏବଂ ବଣ୍ଟନ ଟ୍ରାନ୍ସଫର୍ମର ଭାରାକ୍ରାନ୍ତ ହୋଇଥାଏ ଯାହାଦ୍ୱାରା ଭୋଲଟେଜରେ ପରିବର୍ତ୍ତନ,ବାରମ୍ବାର ଟ୍ରିପ୍ ଓ ଦୀର୍ଘ ସମୟ ଧରି ବିଦ୍ୟୁତ ବିଭ୍ରାଟ ଦେଖାଯାଇଥାଏ ଓ ଏହା ଯୋଗୁଁ ଅନେକ ଉପଭୋକ୍ତା ହଇରାଣ ହୋଇଥାନ୍ତି।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E.Mail-rw_rourkela@yahoo.co.in
No.1471-O
**TENDER CALL NOTICE**
**BID IDENTIFICATION NO. ONLINE-EERKL-19 of 2025-26**

1. Name of the Work :- Road Works.
2. Total No. of works :- 05 (Five) Nos.
3. Estimated cost :- Rs.5.59 Lakhs to 9.32 Lakhs.
4. Class of contractor :- "D" & "C" Class
5. Period of completion :- 01 (One) Calendar months.
6. Type of Tender :- Single Cover
7. Other details :-

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-19 of 2025-26 | 18.11.2025 from 10.00 A.M. | 26.11.2025 upto 5.00 P.M. |

Further details can be seen from the website www.tendersodisha.gov.in.
Sd/- Executive Engineer
RW Division-II, Sundargarh
OIPR



ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଅଧିସୂଚନା**

No. RDM-LAB-GM-0015-2025- 20959 / R&DM, Dated. 11 JUN 2025

**XII-13:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଛେଲିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ମୌଜା–ଛଣମେରି, ଥାନା– ପାଟପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୦.୫୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଛେଲିଗଡ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ଛେଲିଗଡ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଲିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା–୩୪୮୮୪, ତାରିଖ : ୦୮.୧୦.୨୦୨୪ରେ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ
୬. ଜମିର ବିବରଣୀ

ଜମିର ବିଶଦ ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ଛଣମେରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୫୪୫ | ଏ. ୦.୫୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

**ଛଣମେରି ଗ୍ରାମର ଜମିର ବିବରଣୀ**

ମୌଜା - ଛଣମେରି, ତହସିଲ - ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର) | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୭୩ | ୧୪୯୮ | ଶ୍ରୀ କପିଳେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ଛଣମେରି ଗ୍ରାମବାସୀ ତରଫେ ଟ୍ରଷ୍ଟି | ୧.୨୦୦ | ବିଲ ଅଣଜଳସେଚିତ ଦୁଇ | ୦.୨୪୦ | |
| | ୧୫୨୮ | | ୦.୨୬୦ | | ୦.୦୩୦ | |
| | ୧୫୩୧ | | ୦.୫୮୦ | | ୦.୦୧୫ | |
| | ୧୫୩୭ | | ୦.୨୪୫ | | ୦.୦୫୦ | |
| | ୧୫୨୬ | | ୦.୧୩୫ | | ୦.୦୯୦ | |
| | ୧୫୨୭ | | ୦.୧୨୫ | | ୦.୮୫ | |
| | | | | | ମୋଟ - ୦.୫୧୦ ଏକର | |

Sd/-
Spl. L.A. Cum-R & R.O. (M.I.P),
Mahendragada, (Gajapati)


## ଟ୍ରମ୍ପଙ୍କ ଚାପରେ ଭାରତ

# ୧୦% ଗ୍ୟାସ୍ ଆମେରିକାଠାରୁ କିଣିବ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଶୁଳ୍କ ବିବାଦ ମଧ୍ୟରେ, ଭାରତ ଏବଂ ଆମେରିକା ସେମାନଙ୍କର ପ୍ରଥମ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ଭାରତ ଆମେରିକାରୁ ପ୍ରାୟ ୨.୨ ନିୟୁତ ଟନ୍ ଏଲ୍‌ପିଜି କ୍ରୟ କରିବ। ଏହା ଭାରତର ବାର୍ଷିକ ଆବଶ୍ୟକତାର ୧୦%। ଏହି ଚୁକ୍ତି କେବଳ ଗୋଟିଏ ବର୍ଷ ପାଇଁ, ଅର୍ଥାତ୍ ୨୦୨୬ ପାଇଁ। ଏହି ଚୁକ୍ତି ଭାରତର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଇଣ୍ଡିଆନ ଅଏଲ୍ କର୍ପୋରେସନ), ଭାରତ ପେଟ୍ରୋଲିୟମ୍ କର୍ପୋରେସନ, ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ ,- ଆମେରିକାର ଶକ୍ତି ଯୋଗାଣକାରୀ ଚେଭ୍‌ରନ୍, ଫିଲିପ୍ସ ୬୬ ଏବଂ ଏନର୍ଜିକ୍ ଟ୍ରେଡିଂ ସହିତ ସ୍ୱାକ୍ଷରିତ ହୋଇଛି।

ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଏଲ୍‌ପିଜି ଗ୍ରାହକ। ବର୍ତ୍ତମାନ, ଭାରତ ଏହାର ଏଲ୍‌ପିଜି ଆବଶ୍ୟକତାର ୫୦% ରୁ ଅଧିକ ଆମଦାନୀ କରେ, ଏଥିରୁ ଅଧିକାଂଶ ଯୋଗାଣ ପଶ୍ଚିମ ଏସୀୟ ବଜାରରୁ ଆସୁଛି। ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ଚୁକ୍ତିକୁ ଐତିହାସିକ ବୋଲି କହିଛନ୍ତି। ସେ କହିଛନ୍ତି, ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଏଲପିଜି ବଜାର ମଧ୍ୟରୁ ଗୋଟିଏ ଏବେ ଆମେରିକା ଯୋଗାଣ ପାଇଁ ଖୋଲା। ଭାରତର ଲୋକଙ୍କୁ ନିରାପଦ ଏବଂ ସୁଲଭ ଏଲପିଜି ଯୋଗାଇବା ପାଇଁ ଆମର ପ୍ରୟାସରେ, ଆମେ ଆମର ସୋର୍ସିଂକୁ ବିବିଧ କରୁଛୁ। ଏହି ଚୁକ୍ତି ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ – ୨୦୨୫' ଉଦ୍‌ଘାଟିତ




ନୂଆଦିଲ୍ଲୀ,୧୭।୧୧: ବର୍ତ୍ତମାନର ସମୟ ଏକବିଂଶ ଶତାବ୍ଦୀର ସମୟ । ଏହି ସମୟରେ ଆମ ଦେଶ ଭାରତ ବିକାଶ ଦିଗରେ ଅଗ୍ରସର ହେଉଥିବା ବେଳେ ଆମକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସୁଯୋଗର ସମ୍ପୂର୍ଣ୍ଣ ଲାଭ ନେବାକୁ ହେବ ବୋଲି ସୋମବାର ନୂଆଦିଲ୍ଲୀରେ ଆୟୋଜିତ 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ୍ - ୨୦୨୫'କୁ ଉଦ୍‌ଘାଟନ କରିବା ସହ ଏକାଧିକ ଏଆଇ ପଦକ୍ଷେପର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଇନଟେଲ ଦ୍ୱାରା ନିଆଯାଇଥିବା ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ ।ସେ କହିଥିଲେ ଏହି ପଦକ୍ଷେପ ଗୁଡ଼ିକ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ଆମ ଛାତ୍ରଛାତ୍ରୀଙ୍କ କଳ୍ପନା ଓ ନବସୃଜନକୁ ଆହୁରି ଅଧିକ ଗତି ଦେବ। ଭାରତବର୍ଷ ଏଆଇ ପ୍ରଦାନ କରୁଥିବା ସୁଯୋଗଗୁଡ଼ିକୁ ହାତଛଡ଼ା ନକରି ତାହାକୁ ଆପଣେଇ ନେଉଛି। ଭାରତର ମାନବ ବୁଦ୍ଧିମତା ଏବଂ କୃତ୍ରିମ ବୁଦ୍ଧିମତାର ମିଳିତ ଶକ୍ତି ଏକ ବିକଶିତ ଭାରତ ଗଠନ କରିବ।

# ରାଷ୍ଟ୍ରପତିଙ୍କୁ ଷୋଡ଼ଶ ଅର୍ଥ ଆୟୋଗଙ୍କ ରିପୋର୍ଟ ପ୍ରଦାନ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଭାରତୀୟ ସମ୍ବିଧାନର ଧାରା ୨୮୦ ର ଧାରା (୧) ଅନୁଯାୟୀ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଷୋଡ଼ଶ ଅର୍ଥ ଆୟୋଗ ଗଠନ କରାଯାଇଥିଲା। ଡକ୍ଟର ଅରବିନ୍ଦ ପାନଗାରିଆଙ୍କ ଅଧ୍ୟକ୍ଷତାରେ କମିଶନ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି। ଆୟୋଗଙ୍କ ଏହି ରିପୋର୍ଟ ୨୦୨୬-୩୧ ଆର୍ଥିକବର୍ଷ ନିମନ୍ତେ ଉଦ୍ଦିଷ୍ଟ। ଏହି ଅବସରରେ ଆୟୋଗର ସଦସ୍ୟ ଆନି ଜର୍ଜ ମାଥ୍ୟୁ, ଡକ୍ଟର ମନୋଜ ପଣ୍ଡା, ଟି. ରବି ଶଙ୍କର ଏବଂ ଡକ୍ଟର ସୌମ୍ୟକାନ୍ତି ଘୋଷ ଏବଂ ଆୟୋଗଙ୍କ ସଚିବ ଋତ୍ୱିକ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆୟୋଗ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ରିପୋର୍ଟର ଏକ ନକଲ ପ୍ରଦାନ କରିଛନ୍ତି। ସନ୍ଦର୍ଭର ସର୍ତ୍ତାବଳୀ (ଟିଓଆର୍) ଅନୁଯାୟୀ, ଆୟୋଗ ୨୦୨୬ ଏପ୍ରିଲ୍ ପହିଲାରୁ ଆରମ୍ଭ କରି ୫ ବର୍ଷ ପାଇଁ ଏହାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁଥିରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଟିକସର ନିଟ୍ ଆୟ ବଣ୍ଟନ, ରାଜ୍ୟମାନଙ୍କ ମଧ୍ୟରେ ଏପରି ପ୍ରାପ୍ତିର ସମ୍ପୃକ୍ତ ଅଂଶର ଆବଣ୍ଟନ ପାଇଁ ଆର୍ଥିକ ବ୍ୟବସ୍ଥାର ସମୀକ୍ଷା ଉପରେ ସୁପାରିଶ କରାଯାଇଥିଲା।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
E-514
CONTRACTUAL APPOINTMENT (WALK-IN-INTERVIEW)
**Advt. No : 6156 /DPMU** **Dt: 14.11.2025**

Interested candidates may attend the **Walk-in-interview** for the post of Medical Officers at different SNCU, UHWCs & UPHCs, Puri on contractual basis as per the NHM norms.

| Sl No | Name of the Post | Vacancy | Mode of Interview |
|---|---|---|---|
| 01 | MO, MBBS | 08 | 29 .11.2025, 11.00AM (Walk In) |

The application format and details are available in the website https://puri.odisha.gov.in. The application should reach by Walk-In-interview to the undersigned.
-sd-
OIPR Chief District Medical & Public Health Officer, Puri




**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer**
**Barpali Irrigation Division, Barpali**
E-mail Id - ee.barpali.canal@gmail.com
No.875-A
'e' Procurement Notice No-07/2025-26
**BID IDENTIFICATION NO-BID 07(01 to 04) / 2025-26 (ON-LINE) DATED 10.11.2025**

1. Type of the work : Improvement to canal structures & Approach Road.
2. No of works : 04 (Four) Nos.
3. Class of contractor : "D" & "C"
4. Bid identification No. : BID 07 (01 to 04)/2025-26
5. Estimate cost : 8.97 Lakhs to 16.91 Lakhs
6. Period of completion : As per DTCN.
7. Date and time of availability of bid documents in the portal Dt.13.11.2025 at 11.00 A.M. to Dt.20.11.2025 upto 5.00 P.M.
8. Last date/ time for receipt of bids in the portal Dt.20.11.2025 upto 5.00 P.M.
9. Date of opening of Bid Dt.21.11.2025 at 11.00 A.M.
10. Date of Lottery Dt.27.11.2025 at 11.00 A.M.

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website-http://tenderodisha.gov.in.

Sd/- Superintending Engineer
Barpali Irrigation Division, Barpali
OIPR



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ଗୌହାଟୀ ଯିବେ ନାହିଁ ଗିଲ୍

**କୋଲକାତା, ୧୭।୧୧(ଏଜେନ୍ସି):** ଦକ୍ଷିଣ ଆଫ୍ରିକାଠାରୁ ପ୍ରଥମ ଟେଷ୍ଟ ହାରିଯିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ଅନୁଭୂତ ହୋଇଥିଲା। ଭାରତର ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିବା ପରେ ଗିଲ୍ ପଡ଼ିଆ ଛାଡ଼ିଥିଲେ। ତାଙ୍କ ବେକ ପଛପଟେ ଯନ୍ତ୍ରଣା ହେବାରୁ ସେ ଏହି ଟେଷ୍ଟରେ



ଆଉ ଖେଳି ପାରି ନ ଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଆଜି ତାଙ୍କୁ ମେଡିକାଲରୁ ଛାଡି ଦିଆଯାଇଛି। କିନ୍ତୁ ନଭେମ୍ବର ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ଆଶଙ୍କା ରହିଛି। ଆସନ୍ତାକାଲି ବା ମଙ୍ଗଳବାର ଭାରତୀୟ ଦଳ ଇଡେନ୍‌ରେ ଅଭ୍ୟାସ କରିବ। ବୁଧବାର ସକାଳେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଗୌହାଟୀ ଯାତ୍ରା କରିବ। କିନ୍ତୁ ବେକରେ ଆଘାତ ଲାଗିଥିବା ବ୍ୟକ୍ତିଙ୍କୁ ବିମାନରେ ଯାତ୍ରା କରିବାର ନିୟମ ନାହିଁ। ଏବେ ସେ ବିସିସିଆଇ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ରହିଛନ୍ତି। ଯାହା ଫଳରେ ବୁଧବାର ଦଳ ସହ ସେ ଗୌହାଟୀ ଯାଇ ପାରିବେ ନାହିଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଯଦି ସେ ନ ଖେଳନ୍ତି ତାଙ୍କ ସ୍ଥାନରେ ତେବେ ନୀତୀଶ ରେଡ୍ଡୀ, ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲଙ୍କ ମଧ୍ୟରୁ ଜଣେ ଖେଳିପାରନ୍ତି।

## ରୟାଲ୍ସର କୋଚ୍ ପଦକୁ ଫେରିଲେ ସାଙ୍ଗାକରା

**ଜୟପୁର, ୧୭।୧୧ (ଏଜେନ୍ସି):** ଶ୍ରୀଲଙ୍କାର କିମ୍ବଦନ୍ତୀ କ୍ରିକେଟର୍ କୁମାର ସାଙ୍ଗାକରା ରାଜସ୍ଥାନ ରୟାଲ୍ସ ଦଳର ମୁଖ୍ୟ କୋଚ୍ ପଦକୁ ଫେରିଛନ୍ତି। ୪୮ ବର୍ଷୀୟ ସାଙ୍ଗାକରାଙ୍କୁ ପୁନଃନିଯୁକ୍ତି କରାଯାଇଥିବା ନେଇ ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ରାହୁଲ ଦ୍ରାବିଡଙ୍କ ସ୍ଥାନରେ ସାଙ୍ଗାକରା ଆଗାମୀ ଆଇପିଏଲ୍-୧୯ରେ ରୟାଲ୍ସର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳିବେ। ଆଇପିଏଲ୍‌ର ଗତ ସିଜନରେ ରାଜସ୍ଥାନର ମୁଖ୍ୟ କୋଚ୍ ରହିଥିବା ଦ୍ରାବିଡ ଗତ ଅଗଷ୍ଟରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ସାଙ୍ଗାକରା ଏଥିପୂର୍ବରୁ ୨୦୨୨, ୨୦୨୩ ଓ ୨୦୨୪ ଆଇପିଏଲ୍‌ରେ ରାଜସ୍ଥାନର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ୨୦୨୫ ଅର୍ଥାତ୍ ଗତ ସିଜନରେ ଦ୍ରାବିଡଙ୍କୁ ଦଳର ଗୁରୁ ଦାୟିତ୍ୱ ମିଳିବା ପରେ ସାଙ୍ଗାକରା ରାଜସ୍ଥାନ ଫ୍ରାଞ୍ଚାଇଜର କ୍ରିକେଟ୍ ନିର୍ଦ୍ଦେଶକ ପଦ ସମ୍ଭାଳିଥିଲେ।

- ଜାତୀୟ ପାରା ସୁଇମିଂର ୨ୟ ଦିନରେ ଚମକ

## ୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୨୬ ପଦକ

**ଭୁବନେଶ୍ୱର, ୧୭।୧୧ (ସମିସ):** ହାଇଦରାବାଦ୍‌ରେ ଚାଲିଥିବା ୨୫ତମ ଜାତୀୟ ପାରା ସୁଇମିଂରେ ଓଡ଼ିଶାର ସନ୍ତରଣକାରୀଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ଉଦ୍‌ଘାଟନୀ ଦିବସରେ ୭ଟି ପଦକ ଜିତିଥିବା ଓଡ଼ିଶା ସୋମବାର ଆଉ ୨୬ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି। ଲିନା ସ୍ୱାଇଁ ୨ଟି ଏବଂ ନରହରି ବେହେରା ଓ ସଙ୍ଗୀତା ନାୟକ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ବିକାଶ ରଞ୍ଜନ ବରାଳ, ପ୍ରଦୀପ୍ତ କୁମାର ସ୍ୱାଇଁ, ଲିନା ସ୍ୱାଇଁ, ଆକାଶ ବାନଛୋର, ଗୋଲାପୀ ସିରକା, ଚୈତନ୍ୟ ମାରାଣ୍ଡି, ଭାନୁମତୀ ବେହେରା ଗୋଟିଏ ଲେଖାଏ ଏବଂ ରଞ୍ଜନ ହାଁସଦା ଓ କବିତା ଦଳାଇ ୨ଟି ଲେଖାଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରାମ ମୁର୍ମୁ, ଅନିତା ମୁଣ୍ଡା, ଭାନୁମତୀ, ସୁଜାତା ସାମଲ, ବିଜୁ ସିଂ, କମଳ ଟୁଡୁ ଓ ଶିବାନନ୍ଦ ବୈଦ୍ୟ କାଂସ୍ୟ ପଦକ ସଫଳତା ପାଇଥିଲେ।

**କିଟ୍ ରଣଜୀ ଲଢ଼େଇ**

## ଅନିଲଙ୍କ ଶତକ; ଓଡ଼ିଶା ଇନିଂସ ଅଗ୍ରଣୀ

**ଭୁବନେଶ୍ୱର, ୧୭।୧୧ (ସମିସ)**

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୨୭୫ ରନ ଜବାବରେ ନାଗାଲାଣ୍ଡ ୧୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୧୧୪ ରନରେ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା କିନ୍ତୁ ଦ୍ୱିତୀୟ ଇନିଂସ ଆରମ୍ଭରୁ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସରେ ୬.୫ ଓଭର ଖେଳି ୨ ୱିକେଟ ହରାଇ ୧୬ ରନ ସଂଗ୍ରହ କରିଛି। ସ୍ୱସ୍ତିକ ସାମଲ ୯ ରନ କରି ଅପରାଜିତ ରହିଛନ୍ତି। ଓପନର୍ ଗୌରବ ଚୌଧୁରୀ ୭ ରନରେ ଆଉଟ୍ ହୋଇଛନ୍ତି। ସେହିଭଳି ଏଠାରେ ପଦାର୍ପଣ କରିଥିବା ୱିକେଟ୍‌କିପର ସାୱନ ପହରିୟା ଦ୍ୱିତୀୟ ଇନିଂସରେ ମଧ୍ୟ ନିରାଶ କରି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସରେ ପହରିୟା ମାତ୍ର ୧ ରନ କରିଥିଲେ। ଆଠ ୱିକେଟ ବଳକା ଥାଇ ଓଡ଼ିଶା ଏବେ ମୋଟ୍ ଉପରେ ୧୩୦ ରନରେ ଅଗ୍ରଣୀ ଲାଭ କରିଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ୧୫ ୱିକେଟ୍‌ର ପତନ ହୋଇଛି।



ଅନିଲ ପଣ୍ଡା

### ରାଜେଶ, ସମ୍ବିତ ଓ ଗୋବିନ୍ଦଙ୍କ ବୋଲିଂ ସଫଳତା

ପୂର୍ବ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୩/୭ରୁ ସୋମବାର ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୨ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ନିଜର ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଯୁବ ବ୍ୟାଟର ଅନିଲ ପରିଡ଼ା ୧୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାନ୍ତି ୧୪ ଏବଂ ବାଦଲ ବିଶ୍ୱାଳ ଓ ତାପସ ଦାସ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ। ଅନିଲଙ୍କ ଏହା ପ୍ରଥମ ପ୍ରଥମଶ୍ରେଣୀ ଶତକ ଥିଲା। ଗତ ସିଜନରେ ସେ ସର୍ଭିସେସ ବିପକ୍ଷ ପଦାର୍ପଣ ମ୍ୟାଚରେ ଅପରାଜିତ ୯୯ ରନ କରିବା ସହ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ବୋଲିଂରେ ନାଗାଲାଣ୍ଡ ପକ୍ଷରୁ ରୋନିତ ମୋରେ, ଅଧିନାୟକ ରଙ୍ଗସେନ ଜୋନାଥନ ଓ ଲମଲିୱତି ଲେମତୁର ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଏହାପରେ ପ୍ରଥମ ପାଳି ଆରମ୍ଭ କରିଥିବା ନାଗାଲାଣ୍ଡ ଓପନିଂ ୱିକେଟରେ ୫୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା। କିନ୍ତୁ ଏହାପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୬୧ରେ ସୀମିତ ରହିଥିଲା। ଓପନର୍ ଡେଗା ନିଶ୍ଚଳ ସର୍ବାଧିକ ୭୨, ରୋନିତ ୨୫ ଓ ଜୋନାଥନ ୧୬ ରନ କରିଥିଲେ। ଘରୋଇ ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ସମ୍ବିତ ବରାଳ ଓ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର ୩ଟି ଲେଖାଏ ୱିକେଟ୍ ନେଇ ଦଳକୁ ଅଗ୍ରଣୀ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


### ସଂକ୍ଷିପ୍ତ ସ୍କୋର

**ଓଡ଼ିଶା ପ୍ରଥମ ଇନିଂସ:** ୨୭୫/୧୦, ୧୦୪.୪ ଓଭର।
**ନାଗାଲାଣ୍ଡ ପ୍ରଥମ ଇନିଂସ:** ୧୬୧/୧୦, ୫୭.୩ ଓଭର
**ଓଡ଼ିଶା ଦ୍ୱିତୀୟ ଇନିଂସ:** ୧୬/୨, ୬.୫ ଓଭର (ସ୍ୱସ୍ତିକ- ଅପରାଜିତ- ୯, ଗୌରବ- ୭, ଲେମତୁର- ୧/୪)

- ଏଟିପି ଫାଇନାଲ୍ସ

## ଟାଇଟଲ୍ ସହ ୪୪.୯ କୋଟି ଜିତିଲେ ସିନର୍

**ତୁରିନ୍, ୧୭।୧୧ (ଏଜେନ୍ସି):** ପୁରୁଷ ଟେନିସ ଇତିହାସର ଅନ୍ୟତମ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସରେ ଏଥର ମଧ୍ୟ ଇଟାଲୀ ତାରକା ଜାନ୍ନିକ ସିନର ଚାମ୍ପିଅନ ହୋଇଛନ୍ତି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ସିନର



୭-୬ (୪), ୭-୫ ସେଟ୍‌ରେ ଶୀର୍ଷ ମାନ୍ୟତା କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଘରୋଇ ମାଟିରେ ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନର ରେକର୍ଡ ୫.୦୭୧ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୪ କୋଟି ୯୨ ଲକ୍ଷ) ପୁରସ୍କାର ବାବଦରେ ହାସଲ କରିଛନ୍ତି। ଯାହାକି ପୁରୁଷ ଟେନିସ ଇତିହାସରେ ସର୍ବକାଳୀନ ସର୍ବାଧିକ ପୁରସ୍କାର ରାଶି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ୨.୭ ମିଲିୟନ ଡଲାର (୨୩ କୋଟି ୯୫ ଲକ୍ଷ ଟଙ୍କା) ବିଜୟୀ ହୋଇଛନ୍ତି।

## ଓଡ଼ିଶା ବୋଲର ନିରାଶ; ମହାରାଷ୍ଟ୍ର ୫୨୮

**କୁଚ ବିହାର ଟ୍ରଫି**

**କଟକ,୧୭।୧୧(ସମିସ):** ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଉଥିବା କୁଚବିହାର ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ମହାରାଷ୍ଟ୍ର ଦଳ ଦୃଢ଼ ସ୍ଥିତିରେ ରହିଛି। ମହାରାଷ୍ଟ୍ରର ପ୍ରଥମ ପାଳି ୫୨୮ ରନରେ ସୀମିତ ରହିବା ପରେ ସୋମବାର ମ୍ୟାଚର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୩ ୱିକେଟ ହରାଇ ୧୩୪ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକି ରହିଛି। ଅସମାପ୍ତ ପ୍ରଥମ ପାଳି ୨୯୯/୫ରୁ ଆଜି ମହାରାଷ୍ଟ୍ର ବ୍ୟାଟିଂ ଆରମ୍ଭ କରିଥିଲା। ୪୮ ରନରେ ଅପରାଜିତ ଥିବା ଏସ୍ ଜଗତପ ୧୧୭ରନର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆରକମ୍ ସୟଦଙ୍କ ୬୨ରନ ଏବଂ ଶୁଭମ କଦମଙ୍କ ୪୮ ରନ ଯୋଗୁଁ ମହାରାଷ୍ଟ୍ରର ସ୍କୋର ୫୦୦ ଟପିଥିଲା। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୫ଟି ୱିକେଟ ଦଖଲ କରିଥିଲେ।

### ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର

## ସୁବ୍ରତ-ଆଶୁତୋଷ ଫାଇନାଲ

**ଭୁବନେଶ୍ୱର,୧୭।୧୧(ସମିସ):** ରାଜ୍ୟର ଦୁଇ ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସ ଓ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ବିଲିଆର୍ଡ୍ସ ଟାଇଟଲ ଲାଗି ମୁକାବିଲା ହେବ। ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଚାଲିଥିବା ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ ଚିରଞ୍ଜୀବ ସିଂହଙ୍କୁ ୩-୦ ଫ୍ରେମ୍‌ରେ ହରାଇ ଆଶୁତୋଷ ଓ ସମୀର ଅଲିଙ୍କୁ ୩-୦ରେ ହରାଇ ସୁବ୍ରତ ବିଲିଆର୍ଡ୍‌ସ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କୁନାଲ ଅଗରୱାଲଙ୍କୁ ୨-୧ରେ ହରାଇ ଆଶୁତୋଷ ସେମିରେ ପ୍ରବେଶ କରିଥିଲେ। ଆସନ୍ତାକାଲି ଫାଇନାଲ୍ ଖେଳାଯିବ।

**କ୍ଷେଟ-ଏ' ଟ୍ରଫି**

## ଆସାମକୁ ହରାଇ ଓଡ଼ିଶାର ଚତୁର୍ଥ ବିଜୟ

**କଟକ,୧୭।୧୧(ସମିସ):** ଚଳିତ ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ (ଲିଷ୍ଟ-ଏ) ଟ୍ରଫିରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ଆଜି ବରୋଦାର ମୋତିବାଗ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ଅନ୍ତିମ ୱିକେଟରେ ଆସାମକୁ ପରାସ୍ତ କରିଥିଲା। ଲିଗ୍ ପର୍ଯ୍ୟାୟରେ ୫ଟି ମ୍ୟାଚ୍‌ରୁ ୪ଟି ବିଜୟ,





ଗୋଟିଏ ପରାଜୟ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ୧୯ ତାରିଖରେ ମୁମ୍ବଇ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୮ ୱିକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ଓପନର ସୌରଭ ଢ଼ିଙ୍ଗିଆ ଅପରାଜିତ ୧୩୪ରନ କରିଥିଲେ। ଓଡ଼ିଶାର ମହମ୍ମଦ ଡାନିସ ଏବଂ ଆୟୁଷ ବାରିକ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ତେବେ ୪୯ ଓଭରରେ ୯ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଛି। ସୁଜଳ କୁମାର ସିଂହ ୫୪ବଲରୁ ୭୬ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୱିକେଟକିପର ଆଶୀର୍ବାଦ ସ୍ୱାଇଁ ୬୭ରନ କରିଥିଲେ।

ସକାଳ
THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ

Presented by:
BHARAT MASALA
The Taste of New India

In Association with:
CBSE-XI & XII SRI VINAYAKA Concept School BHUBANESWAR



5th Anniversary

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୭୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ , ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପତୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS